


ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ❑ ବୁଧବାର ୧୭ ସେପ୍ଟେମ୍ବର ୨୦୨୫ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ WEDNESDAY 17 September 2025
Vol.No. 36 ■ No.247 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019

ସଂଗ୍ରହ କରନ୍ତୁ
ବାର୍ଷିକ ସଂଖ୍ୟା
ସାଗରିକା
ଏବେଠାରୁ
ଡିଜିଟାଲ୍ ଫର୍ମାଟରେ ଉପଲବ୍ଧ...
website : sagarika.in.net

# ବଡ଼ ଅଧିକାରୀଙ୍କ ବଡ଼ ଦୁର୍ନୀତି

- ■ ଦୁର୍ନୀତିଖୋର ସାଜିଲେ ଆସାମର ଆଦର୍ଶ ପ୍ରାଶାସନିକ ଅଧିକାରୀ
- ■ ଘରୁ ୧ କୋଟି ନଗଦ ଟଙ୍କା ସହ ୨ କୋଟିର ଅଳଙ୍କାର ଜବତ

ନୂଆଦିଲ୍ଲୀ,୧୬/୯ : ଭିଜିଲାନ୍ସ ଜାଲରେ ପଡ଼ିଛନ୍ତି ଆସାମର ମହିଳା ସରକାରୀ କର୍ମଚାରୀ। ୨୦୧୯ରେ ପ୍ରଶାସନିକ ସେବା ପରୀକ୍ଷାରେ ପାସ୍ କରିବା ପରେ ହୋଇଥିଲେ ସରକାରୀ ଅଫିସର। ମାତ୍ର ୬ ବର୍ଷର ଚାକିରି ମଧ୍ୟରେ ଆୟ କରିଛନ୍ତି ଅପାମ ସମ୍ପତ୍ତି। ଭିଜିଲାନ୍ସ ରେଡ ବେଳେ ଲେଡି ଅଫିସରଙ୍କୁ ଘରୁ ମିଳିଛି ପୁଳାପୁଳା ନଗଦ ଟଙ୍କା ଓ ମେଞ୍ଚା ମେଞ୍ଚା ସୁନା ଅଳଙ୍କାର। ୨ କୋଟି ଟଙ୍କା ଓ ସୁନା ଅଳଙ୍କାର ଘରୁ ମିଳିବା ପରେ ଭିଜିଲାନ୍ସ ପକ୍ଷରୁ ଆସାମ ସିଭିଲ ସର୍ଭିସ (ଏସିଏସ୍) ଅଫିସର ନୂପୁର ବୋରାଙ୍କୁ ଗିରଫ କରାଯାଇଛି। ଗୋଲାଘାଟର ମୂଳବାସିନ୍ଦା ନୂପୁର ବୋରା ୨୦୧୯ରେ ଆସାମ ପ୍ରଶାସନିକ ସେବାରେ ଯୋଗ ଦେଇଥିଲେ। ବର୍ତ୍ତମାନ ସେ କାମରୂପ ଜିଲ୍ଲାର ଗୋରୋଇମାରିରେ ସର୍କଲ





ଅଫିସର ଭାବେ କାର୍ଯ୍ୟ କରୁଥିଲେ। ସେ ଆୟ ଠାରୁ ଅଧିକ ସମ୍ପତ୍ତି ଠୁଳ କରିଥିବା ଅଭିଯୋଗ ପରେ ସୋମବାର ମୁଖ୍ୟମନ୍ତ୍ରୀଙ୍କ ସ୍ପେଶାଲ ଭିଜିଲାନ୍ସ ସେଲ ପକ୍ଷରୁ ହୋଇଥିଲା ରେଡ୍। ରେଡ ବେଳେ ନୂପୁରଙ୍କ ଗୁହାଟୀ ସ୍ଥିତ ଘରୁ ନଗଦ ୯୨ ଲକ୍ଷ ଟଙ୍କା ଓ ପ୍ରାୟ ୧ କୋଟି ଟଙ୍କାର ସୁନା ଅଳଙ୍କାର ମିଳିଛି। ସେହିପରି ବାରପେଟାରେ ଥିବା ତାଙ୍କ ଭଡ଼ା ଘରୁ ଅଧିକାରୀମାନେ ଆଉ ୧୦ ଲକ୍ଷ ଟଙ୍କା ଜବତ କରିଛନ୍ତି। ବେଆଇନ ଜମି କାରବାରରେ ସାମିଲ ଥିବା ଅଭିଯୋଗ ପରେ ନୂପୁରଙ୍କୁ ୬ ମାସ ହେଲା ଭିଜିଲାନ୍ସ ସେଲ ନିଜ ସ୍କାନରେ ରଖିଥିଲା। ଶେଷରେ ସୋମବାର ରେଡ କରି ଟଙ୍କା ଓ ଅଳଙ୍କାର ଜବତ ହୋଇଥିବା ଆସାମ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱଶର୍ମା କହିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ କହିବା କଥା ଯେ ବାରପେଟ ଜିଲ୍ଲାରେ ସର୍କଲ ଅଫିସର ଭାବେ କାମ କରିବା ବେଳେ ନୂପୁର ବୋରା ବେଆଇନ ଭାବେ ସରକାରୀ ଜମିକୁ ସନ୍ଦିଗ୍ଧ ଅନୁପ୍ରବେଶଙ୍କ ନାଁରେ ପଞ୍ଜିକରଣ କରାଇଥିଲେ। ବେଆଇନ ଭାବେ ଆଶ୍ରୟ ନେଇଥିବା ଲୋକଙ୍କୁ ଆସାମରେ ସାଧାରଣତଃ ମିଆଁ କୁହାଯାଏ। ସେମାନଙ୍କ ଠାରୁ ଟଙ୍କା ନେଇ ନୂପୁର ଶର୍ମା ସରକାରୀ ଜମିକୁ ସେମାନଙ୍କ ନାଁ କରି ଦେଉଥିଲେ ବୋଲି କୁହାଯାଉଛି। ତଥାପି ଏହାର ତଦନ୍ତ ଚାଲିଥିବା ଶ୍ରୀ ବିଶ୍ୱଶର୍ମା କହିଛନ୍ତି। ବାସ୍ତବରେ ନୂପୁର ବୋରାଙ୍କ ଠିକଣାରେ ରବିବାର ରାତିରେ ରେଡ ହେବାର ଥିଲା। ହେଲେ ରବିବାର ରାତିରେ ନୂପୁର ନିଜ ଘର ବଦଳରେ ଗେଷ୍ଟ ହାଉସରେ ଥିବା ଜଣାପଡ଼ିଥିଲା। ସୋମବାର ସକାଳୁ ସେ ଘରକୁ ଫେରିବା ପରେ ଭିଜିଲାନ୍ସ ସେଲ ରେଡ ଆରମ୍ଭ କରିଥିଲା। ଗୁହାଟୀ ସମେତ ନୂପୁରଙ୍କ ଆଉ ୩ଟି ଠିକଣାରେ ମଧ୍ୟ ରେଡ କରାଯାଇଛି। ସିବସାଗର ବିଧାୟକ ଅଖିଲ ଗୋଗୋଇଙ୍କ ନେତୃତ୍ୱରେ ଗୋଟିଏ ସଂଗଠନ ମଧ୍ୟ ନୂପୁର ବୋରାଙ୍କ ବିରୋଧରେ ଅଭିଯୋଗ କରିଥିଲା।

▶▶ପୃଷ୍ଠା ୭

## ସେପ୍ଟେମ୍ବର ୨୪ ଏବଂ ୨୫ ତାରିଖରେ କ୍ଷେପଣାସ୍ତ୍ର ପରୀକ୍ଷଣ କରିବ ଭାରତ: ନୋଟାମ ଜାରି

ନୂଆଦିଲ୍ଲୀ:ଭାରତ ୨୪ ଏବଂ ୨୫ ସେପଟ୍ଟେମ୍ବରରେ ବଙ୍ଗୋପସାଗରରେ କ୍ଷେପଣାସ୍ତ୍ର ପରୀକ୍ଷଣ କରିବାକୁ ଯାଉଛି। ଏହି ପରୀକ୍ଷଣ ଅବଦୁଲ କଲାମ ଦ୍ୱୀପରୁ କରାଯିବ। ଏଥିପାଇଁ ଏୟାରମ୍ୟାନଙ୍କୁ ନୋଟିସ (ନୋଟାମ)ଅର୍ଥାତ୍ ବିଜ୍ଞପ୍ତି ଜାରି କରାଯାଇଛି। ଏହି ବିଜ୍ଞପ୍ତି ଭାରତର କ୍ଷେପଣାସ୍ତ୍ର କ୍ଷମତା ବିକାଶ ଏବଂ ପରୀକ୍ଷଣ ପାଇଁ ନିରନ୍ତର ପ୍ରୟାସକୁ ସୂଚିତ କରୁଛି। ବିଜ୍ଞପ୍ତିରେ କୁହାଯାଇଛି ଯେ, ବଙ୍ଗୋପସାଗର ଏବଂ ଭାରତ ମହାସାଗରର ଏକ ବଡ଼ ଅଞ୍ଚଳ ସେପଟ୍ଟେମ୍ବର ୨୪ ତାରିଖ ଦିନ ମଧ୍ୟାହ୍ନ ସାଢ଼େ ୧୨ଟାରୁ ସେପଟ୍ଟେମ୍ବର ୨୫ ତାରିଖ ଅପରାହ୍ନ ସାଢ଼େ ୩ଟା ପର୍ଯ୍ୟନ୍ତ ନୋ-ଫ୍ଲାଏ ଜୋନ୍ ହେବ। ଏହି ଅଞ୍ଚଳର ଲମ୍ବ ପ୍ରାୟ ୧,୪୩୦ କିଲୋମିଟର ସ୍ଥିର କରାଯାଇଛି। ଏହି ସମୟ ମଧ୍ୟରେ, ସମୁଦ୍ରର ସେହି ଅଂଶକୁ ବିମାନ କିମ୍ବା ଜାହାଜ ଯାଇପାରିବେ ନାହିଁ। ଅନୁମାନ କରାଯାଉଛି ଭାରତ ଏହାର ଦୀର୍ଘ ଦୂରଗାମୀ କ୍ଷେପଣାସ୍ତ୍ର ପରୀକ୍ଷଣ କରିବାକୁ ଯାଉଛି। ରିପୋର୍ଟ ଅନୁଯାୟୀ, ସେପଟ୍ଟେମ୍ବରରେ ହେବାକୁ ଥିବା ଏହି କ୍ଷେପଣାସ୍ତ୍ର ପରୀକ୍ଷଣର ଲକ୍ଷ୍ୟଭେଦ କ୍ଷମତା ୧,୫୦୦ କିଲୋମିଟରରୁ କମ୍ ହେବ ବୋଲି ଆଶା କରାଯାଉଛି। ପୂର୍ବରୁ, ଭାରତ ୫,୦୦୦ କିଲୋମିଟର ପର୍ଯ୍ୟନ୍ତ ଲକ୍ଷ୍ୟଭେଦ କରିପାରୁଥିବା ମଧ୍ୟମ ଦୂରଗାମୀ ବାଲିଷ୍ଟିକ୍ କ୍ଷେପଣାସ୍ତ୍ର 'ଅଗ୍ନି ୫'ର ସଫଳତାର ସହିତ ପରୀକ୍ଷଣ କରିଥିଲା। ପ୍ରତିରକ୍ଷା




ମନ୍ତ୍ରଣାଳୟ କହିଛି ଯେ, ଓଡ଼ିଶାର ଚାନ୍ଦିପୁରରେ ଥିବା ପରୀକ୍ଷଣ କେନ୍ଦ୍ରରୁ କରାଯାଇଥିବା ଏହି ପରୀକ୍ଷଣ ସମସ୍ତ କାର୍ଯ୍ୟକ୍ଷମ ଏବଂ ବୈଷୟିକ ପାରାମିଟରକୁ ସଫଳତାର ସହିତ ସମ୍ପନ୍ନ କରିଛି। ଅଗ୍ନି-୫ କ୍ଷେପଣାସ୍ତ୍ର ଚୀନ୍‌ର ଉତ୍ତର ଭାଗ ଏବଂ ୟୁରୋପର କିଛି ଅଞ୍ଚଳ ସମେତ ପ୍ରାୟ ସମଗ୍ର ଏସିଆକୁ କଭର କରିପାରିବ। ଭାରତର ସବୁଠାରୁ ଶକ୍ତିଶାଳୀ କ୍ଷେପଣାସ୍ତ୍ର ଅଗ୍ନି-୫ ବଙ୍ଗୋପସାଗରର ଉପକୂଳରେ ଅବସ୍ଥିତ ଅବଦୁଲ କଲାମ ଦ୍ୱୀପରୁ ସଫଳତାର ସହ ପରୀକ୍ଷଣ କରାଯାଇଥିଲା।

▶▶ପୃଷ୍ଠା ୭

## ୯୧୩ଟି ନବନିର୍ମିତ ଅଙ୍ଗନୱାଡ଼ି କେନ୍ଦ୍ରର ଉଦଘାଟନ କଲେ ଉପମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୧୬/୯ (ନି.ପ୍ର): ରାଜ୍ୟରେ ମୋଟ ୯୧୩ଟି ନବନିର୍ମିତ ଅଙ୍ଗନୱାଡ଼ି କେନ୍ଦ୍ରର ଉଦଘାଟନ କରିଛନ୍ତି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା। ଏଥିମଧ୍ୟରେ ରହିଛି ଅନୁଗୁଳର ୩୫ ଟି, ବାଲେଶ୍ୱରର ୭୭, ବରଗଡ଼ର ୪୪ଟି, ଭଦ୍ରକର ୩୪ଟି, ବଲାଙ୍ଗୀରର ୨୩ଟି, ବୌଦ୍ଧର ୧୧ଟି, କଟକର ୨୬ଟି, ଦେବଗଡ଼ର ୫ଟି, ଢେଙ୍କାନାଳର ୧୮ଟି, ଗଜପତିର ୧୪ଟି, ଗଞ୍ଜାମର ୭୨ଟି, ଜଗତସିଂହପୁରର ୩୭ଟି, ଯାଜପୁରର ୧୯ଟି, ଝାରସୁଗୁଡ଼ାର ୧୮ଟି, କଳାହାଣ୍ଡିର ୯୦ଟି, କନ୍ଧମାଳର ୨୨ଟି, କେନ୍ଦ୍ରାପଡ଼ାର ୨୨ଟି, କେନ୍ଦ୍ରାପଡ଼ାର ୧୭ଟି, କେନ୍ଦୁଝରର ୧୮ଟି, ଖୋର୍ଦ୍ଧାର ୬୧ଟି, କୋରାପୁଟର ୩୪ଟି, ମାଲକାନଗିରିର ୮ଟି, ମୟୂରଭଞ୍ଜର ୭ଟି, ନବରଙ୍ଗପୁରର ୨୬ଟି, ନୟାଗଡ଼ର ୫୬ଟି, ନୂଆପଡ଼ାର ୧୦ଟି, ପୁରୀର ୬୮ଟି, ରାୟଗଡ଼ାର ୧୮ଟି, ସମ୍ବଲପୁରର ୧୨ଟି, ସୁବର୍ଣ୍ଣପୁରର ୧୬ଟି ଓ ସୁନ୍ଦରଗଡ଼ର ୧୭ଟି ନୂଆ ଅଙ୍ଗନୱାଡ଼ି କେନ୍ଦ୍ରର ଶୁଭ ଉଦଘାଟନ ହୋଇଛି।

## ଦେବଭୂମିରେ ପୁଣି ଆତଙ୍କ: ଉତ୍ତରାଖଣ୍ଡରେ ବାଦଲଫଟା ବର୍ଷା ଯୋଗୁ ଭାସୁଛି ଡେରାଡୁନ

ନୂଆଦିଲ୍ଲୀ,୧୬/୯ : କିଛି ଦିନ ନଯାଉଣୁ ଦେବଭୂମି ଉପରକୁ ମାଡିଆସିଛି ପ୍ରଳୟ । ସୋମବାର ମଝି ରାତିରେ ଡେରାଡୁନର ସହଶସ୍ତ୍ରଧାରାର ଦୁଇଟି ସ୍ଥାନରେ ବାଦଲ ଫାଟିବା ଯୋଗୁଁ ପ୍ରଳୟଙ୍କାରୀ ସ୍ଥିତି ସୃଷ୍ଟି ହୋଇଛି । କେଉଁଠି ଘରଦ୍ୱାରା ଭାସିଯାଇଛି, କେଉଁଠି ଯାନବାହାନ କାଦୁଅ ମାଟିରେ ଫଶି ରହିଛି । ଗତକାଲି ଯେଉଁଠି ଚଳଚଞ୍ଚଳ ବଜାରଘାଟ ଥିଲା ଆଜି ସେଠି ଖାଁ ଖାଁ । କାଦୁଆ



ମିଶା ଗୋଳିଆ ପାଣିରେ ଭାସୁଛି ଘରଦ୍ୱାର । ତେବେ ଘଟଣାସ୍ଥଳରେ ଉଦ୍ଧାରକାମ ଜାରି ରଖିଛି ସେନା ଓ ଏନଡିଆରଏଫ ଟିମ । ଲଗାଣବର୍ଷା କାରଣରୁ ବିଭିନ୍ନ ସ୍ଥାନରେ ରାସ୍ତାରେ ବଡ ବଡ ଗାତ ହେବା ସହ କେଉଁଠି ପଥରଖଣ୍ଡ ପଡି ରହିଛି । ଯାତାୟତ ବାଧାପ୍ରାପ୍ତ ହେବା ସହ ଫଶି ରହିଛନ୍ତି ପର୍ଯ୍ୟଟକ । ଲଗାଣବର୍ଷା ଯୋଗୁଁ ରାଜ୍ୟର ଅଧିକାଂଶ ନଦୀ ବିପଦ ସଙ୍କେତ ଉପରେ ପ୍ରବାହିତ ହେଉଛି । ତେଣୁ ନଦୀ କୂଳିଆ ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ଅଣାଯାଇ ଥଇଥାନ କରାଯାଉଛି । କେନ୍ଦ୍ର ସରକାରଙ୍କୁ ସ୍ଥିତି ସମ୍ବନ୍ଧରେ ଅବଗତ କରାଇଛନ୍ତି ମୁଖ୍ୟମନ୍ତ୍ରୀ ପୁଷ୍କର ସିଂ ଧାମୀ । ଏଥିସହ ବନ୍ୟା ପ୍ରଭାବିତ ଅଞ୍ଚଳରେ ପହଞ୍ଚି ସ୍ଥିତିର ସମୀକ୍ଷା କରିଛନ୍ତି । ବର୍ଷ ୨୦୨୫ରେ ଉତ୍ତରାଖଣ୍ଡ ଛୋଟବଡ ଅନେକ ଭୂସ୍ଖଳନ, ବାଦଲଫଟା ବର୍ଷା ଦେଖିସାରିଛି । ଏହା ଭିତରେ ସବୁଠୁ ଅଧିକ ପ୍ରଳୟଙ୍କାରୀ ଘଟଣା ଥିଲା, ଉତ୍ତରକାଶୀର ଧରାଲି ବାଦଲଫଟା ବର୍ଷା, ହର୍ଷିଲ ଭୂସ୍ଖଳନ, ଗଙ୍ଗୋତ୍ରୀ ସୁଖି ଗାଁଓ ବାଦଲଫଟା ବର୍ଷା, ବରକୋଟ ଭୂସ୍ଖଳନ, କ୍ଷୀର ଗଡ଼ ପ୍ରଳୟଙ୍କରୀ ବନ୍ୟା । ସେପଟେ ଆଜି ହିମାଚଳ ମଣ୍ଡିରେ ବାଦଲ ଫାଟିବା ଫଳରେ ଗୋଟିଏ ପରିବାର ୩ଜଣଙ୍କ ମୃତ୍ୟୁ ହୋଇଥିବା ସୂଚନା ମିଳିଛି ।

## ବାଲିହରଚଣ୍ଡୀରେ ଗୋପାଳପୁର ଲଜ୍ଜାର ରିପିଟ୍: ଗଣଦୁଷ୍କର୍ମ ଅଭିଯୋଗରେ ମୁଖ୍ୟ ଅଭିଯୁକ୍ତ ସହ ୪ ଗିରଫ

ପୁରୀ, ୧୬/୯ (ନି.ପ୍ର): ପର୍ଯ୍ୟଟନ ସ୍ଥଳୀରେ ପୁଣି ପାପ। ଆଧ୍ୟାତ୍ମିକ ପୀଠରେ ପୁଣି ଆତଙ୍କରାଜ। ଗଞ୍ଜାମ ଗୋପାଳପୁର କାଣ୍ଡ କାରନାମାର ରିପିଟ୍ ପୁରୀ ବାଲିହରଚଣ୍ଡିରେ। ଏ ହେଉଛି ସେହି ସ୍ଥାନ, ଯେଉଁଠି ଜଣେ ଯୁବତୀଙ୍କୁ ଝୁଣି ପକାଇଲେ ୪ ଦୁର୍ବୃତ୍ତ। ଏ ହେଉଛି ସେହି କ୍ରାଇମସ୍ପଟ୍ ଯେଉଁଠି ପୁରୁଷ ବନ୍ଧୁ ଆଗରେ ଲୁଟ୍ ହେଲା ବାନ୍ଧବୀଙ୍କ ଇଜ୍ଜତ ମହତ୍। ଘଟଣାସ୍ଥଳରୁ ପୁରୀ ପୋଲିସ ଗୋଟାଉଛି ପ୍ରମାଣ, ସାଇଣ୍ଟିଫିକ୍ ଟିମ୍ ଜରିଆରେ ଚଳାଇଛି ଛାନଭିନ୍। ମନୋଜ ବେହେରା ଓରଫ୍ କାଳିଆ ଆଉ ଶିବ ସାହୁ ଉଭୟଙ୍କ ସହ ଆଉ ୨ଟି ନାଁ ବି ଚର୍ଚ୍ଚାରେ। ଜଣେ ରାହୁଲ ସାହୁ ଆଉ ଜଣେ ଆଦ୍ୟା ବେହେରା। ଏହି ୪ ଜଣଙ୍କ ମଧ୍ୟରୁ ପୁରୀ ପୋଲିସ ପୂର୍ବରୁ ହିଁ ଶିବ, ରାହୁଲ ଏବଂ ଆଦ୍ୟାକୁ ଧରିଥିଲା। ଆଉ ଶେଷରେ ଗତରାତିରେ ଆନ୍ଧ୍ର-ଓଡ଼ିଶା ସୀମାରୁ ଫେରାର୍ କାଳିଆକୁ ଗିରଫ କରିଛି।

▶▶ପୃଷ୍ଠା ୭

## କଳିଙ୍ଗା ଘାଟିରେ ଭୂସ୍ଖଳନ

କନ୍ଧମାଳ, ୧୬/୯ (ନି.ପ୍ର): ପାହାଡ଼ରୁ ମାଡ଼ି ଆସିଲା ପାଣି। ଖସିଲା ମାଟି ଅତଡା, ଖସିଲା ବଡ଼ ବଡ଼ ପଥର। ଅବିଶ୍ରାନ୍ତ ବର୍ଷା ପରେ କଳିଙ୍ଗା ଘାଟିରେ ଭୂସ୍ଖଳନ। କନ୍ଧମାଳ ଜିଲ୍ଲାରେ ପ୍ରବଳ ବର୍ଷା ପରେ ଘାଟି ରାସ୍ତାରେ ଏମିତି ବିଭୀଷିକା ଦେଖିବାକୁ ମିଳିଛି। ପାହାଡ଼ି ଇଲାକାର ଅଣଓସାରିଆ ରାସ୍ତାରେ ଚାରିଆଡ଼େ ଗଦେଇ ହୋଇ ପଡ଼ିଛି ମାଟି ଅତଡା। ମୂଷଳଧାରାରେ ବର୍ଷା ପରେ ବହୁ ଛୋଟ ବଡ଼ ପଥର ସାଙ୍ଗକୁ କାଦୁଅର ଆସ୍ତରଣ ଓ ପାହାଡ଼ରୁ ଝରୁଛି ପାଣିର ପ୍ରଖର ସୁଅ।



ଭୂସ୍ଖଳନ ପରେ କଳିଙ୍ଗା ଘାଟି ରାସ୍ତା ଅବରୋଧ ହୋଇଛି। ବାଧାପ୍ରାପ୍ତ ହୋଇଛି ଯାତାୟତ। କନ୍ଧମାଳରୁ ଗଞ୍ଜାମ ଜିଲ୍ଲାକୁ ଯୋଗାଯୋଗ ସମ୍ପୂର୍ଣ୍ଣ ଠପ୍ ହୋଇଛି। ରାସ୍ତାର ଉଭୟ ପାର୍ଶ୍ୱରେ ବହୁ ଗାଡ଼ିମୋଟର ଅଟକି ରହିଛି। ଦୂରଦୂରାନ୍ତକୁ ଯିବାକୁ ଥିବା ଯାତ୍ରୀ ହୀନସ୍ତା ଭୋଗୁଛନ୍ତି। ଗୋଟିଏ ପଟେ ପାହାଡ଼ରୁ ବିପତ୍ତି ଖସୁଥିବା ବେଳେ ଅନ୍ୟପଟେ କଳିଙ୍ଗା ଘାଟି ରାସ୍ତାରେ ପଥଚାରୀଙ୍କ ବେପରୁଆ

▶▶ପୃଷ୍ଠା ୭

## ଧୃତରାଷ୍ଟ୍ର ଉପାଖ୍ୟାନ ପରେ ସନ୍ନ୍ୟାସୀ ଶର ମାରିଲେ ଶ୍ରୀମୟୀ

- ♦ପାଣ୍ଡିଆନପନ୍ଥୀ ବିଚଳିତ
- ♦ପ୍ରମିଳାଙ୍କ ଯୁକ୍ତି 'ବିଜେପି'କୁ କହିଛନ୍ତି

ଭୁବନେଶ୍ୱର, ୧୬/୯ (ନି.ପ୍ର): ବିଜେଡି ମୁଖପାତ୍ର ତଥା ସାଧାରଣ ସମ୍ପାଦିକା ଶ୍ରୀମୟୀ ମିଶ୍ରଙ୍କ 'ଭଣ୍ଡ ସନ୍ନ୍ୟାସୀ' ଉପାଖ୍ୟାନକୁ ନେଇ ବିଜେଡିରେ ପୁଣି କମ୍ପନ । ଶ୍ରୀମୟୀ ନିଜର ସୋଶାଲ ମିଡିଆ ଆକାଉଣ୍ଟ ମାଧ୍ୟମରେ ବଲିଉଡ୍ ନିର୍ମାତା ପ୍ରକାଶ ଝାଙ୍କ ନିର୍ଦ୍ଦେଶିତ ଓଟିଟି ୱେବସିରିଜ 'ଆଶ୍ରମ' ସମ୍ପର୍କରେ କରିଥିବା ପୋଷ୍ଟକୁ ନେଇ ବିଚଳିତ ହୋଇପଡ଼ିଛନ୍ତି ପାଣ୍ଡିଆନପନ୍ଥୀ । ଶ୍ରୀମୟୀ କାହାର ନାଁ ନନେଇ 'ଆଶ୍ରମ' ସିରିଏଲ ଦେଖିବାର ଅଭିଜ୍ଞତା ସୋଶାଲ ମିଡିଆରେ ଶେୟାର କରିଥିବାବେଳେ 'ଠାକୁର ଘରେ କିଏ ନା ମୁଁ କଦଳୀ ଖାଇନାହିଁ' ନ୍ୟାୟରେ ବିଜେଡିର ଅଘୋଷିତ ସର୍ବେସର୍ବା ଭିକେ ପାଣ୍ଡିଆନଙ୍କ ଅନୁଗାମୀମାନେ ନାଟକୀୟ ଢଙ୍ଗରେ ଶ୍ରୀମୟୀଙ୍କୁ ବ୍ୟକ୍ତିଗତସ୍ତରରେ ପାଲଟା ସମାଲୋଚନା କରିଛନ୍ତି। ଯାହାକି ବିଜେଡିର 'ମା'କୁ



ସମ୍ମାନ'ର ନାରାର ନଗ୍ନ ଚିତ୍ର ଓ ମାନସିକତାକୁ ପଦାରେ ପକାଇବା ସହ ଶ୍ରୀମୟୀଙ୍କ ପୋଷ୍ଟ 'ପାଣ୍ଡିଆନ'ଙ୍କ ଉଦ୍ଦେଶ୍ୟରେ ଲେଖାଯାଇଛି ବୋଲି ମଧ୍ୟ ପାଣ୍ଡିଆନପନ୍ଥୀ ସ୍ୱୀକାର କରିଛନ୍ତି । ଅବଶ୍ୟ ଶ୍ରୀମୟୀଙ୍କ ଏହି ପୋଷ୍ଟ ବିଜେଡି ପାଇଁ ନୁହେଁ ବିଜେପି

▶▶ପୃଷ୍ଠା ୭

## ଭାରତ-ଆମେରିକା ମଧ୍ୟରେ ବାଣିଜ୍ୟ ଆଲୋଚନା: ଟାରିଫ୍ ବିବାଦ ମଧ୍ୟରେ ପ୍ରଥମ ଓ ବଡ଼ ବ୍ୟବସାୟିକ ଚର୍ଚ୍ଚା

ନୂଆଦିଲ୍ଲୀ,୧୬/୯ : ନୂଆଦିଲ୍ଲୀରେ ଭାରତ-ଆମେରିକା ମଧ୍ୟରେ ବାଣିଜ୍ୟ କଥାବାର୍ତ୍ତା ଆରମ୍ଭ ହୋଇଛି । ଆଜି ଦିନ ସାରା ଆଲୋଚନା ଚାଲିଥିଲା । ଆମେରିକା ପ୍ରତିନିଧି ବ୍ରେନଡାନ ଲିଞ୍ଚ୍ ଓ ଅନ୍ୟମାନଙ୍କ ସହ ଭାରତର ସ୍ୱତନ୍ତ୍ର ସଚିବ ରାଜେଶ ଅଗ୍ରୱାଲ ଏବଂ ପ୍ରତିନିଧି ଦଳ ଆଲୋଚନା କରୁଛନ୍ତି । ଭାରତ ଉପରେ ଆମେରିକା ୫୦ ପ୍ରତିଶତ ଟାରିଫ୍ ଲଗାଇବା ପରେ ଏଭିଳି ଆଲୋଚନା ପ୍ରଥମ। ପୂର୍ବରୁ ଭର୍ଚୁଆଲରେ ସାପ୍ତାହିକ ଆଲୋଚନା ଜାରି ରହିଥିଲେ ବି କୌଣସି ନିଷ୍ପତ୍ତି ହୋଇପାରି ନଥିଲା । ଦୁଇଦେଶ ମଧ୍ୟରେ ସମ୍ପର୍କ ତିକ୍ତ ହେଉଥିବା ଦେଖି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ, ଭାରତ ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ପ୍ରତି ତାଙ୍କ ଆଭିମୁଖ୍ୟ ବଦଳାଇ ମନ୍ତବ୍ୟ ଦେଇଥିବାରୁ ଆଜିର ଆଲୋଚନାରେ ଭଲ ନିଷ୍ପତ୍ତି ହେବା ନେଇ ଦୁଇଦେଶ ଆଶା ପ୍ରକାଶ କରିଛନ୍ତି । ସେପଟେ ନୂଆଦିଲ୍ଲୀରେ ଭାରତ – ଆମେରିକା ମଧ୍ୟରେ



ବାଣିଜ୍ୟ ଆଲୋଚନା ଉପରେ ଟ୍ରମ୍ପଙ୍କ ବାଣିଜ୍ୟ ପରାମର୍ଶଦାତା ପିଟର ନାଭାରେ ଏହି ପ୍ରସଙ୍ଗରେ ପ୍ରତକ୍ରିୟା ଦେଇଛନ୍ତି । କହିଛନ୍ତି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏକ ସମାଧାନମୂଳକ, ସୁନ୍ଦର ଓ ଗଠନମୂଳକ ଟ୍ୱିଟ୍ କରିଥିଲେ । ଟ୍ରମ୍ପ ଏହାର ଜବାବ ଦେଇଛନ୍ତି। ଦେଖିବାର କଥା, ଆଲୋଚନା କେଉଁ ଦିଗକୁ ଯାଉଛି। ଗତ ସପ୍ତାହରେ, ଟ୍ରମ୍ପ କହିଥିଲେ ଯେ ଭାରତ ଏବଂ ଆମେରିକା ବାଣିଜ୍ୟ ପ୍ରତିବନ୍ଧକ ଦୂର କରିବା ପାଇଁ ଆଲୋଚନା ଜାରି ରଖିଛନ୍ତି। ଏକ ସଫଳ ନିଷ୍କର୍ଷରେ ପହଞ୍ଚିବାରେ ଉଭୟ ଦେଶ ପାଇଁ ଅସୁବିଧା ହେବ ନାହିଁ ବୋଲି ଟ୍ରମ୍ପ କହିଥିଲେ ବୋଲି ନାଭାରୋ ଦୋହରାଇଛନ୍ତି ।

## ଆମେରିକାର ମଧ୍ୟସ୍ଥତାକୁ ମାନିନଥିଲା ଭାରତ : ପାକିସ୍ତାନ

ନୂଆଦିଲ୍ଲୀ,୧୬/୯ : ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ବାରମ୍ବାର କରିଚାଲିଥିବା ଯୁଦ୍ଧବିରତି ଦାବିକୁ ଭାରତ ବାରମ୍ବାର ପ୍ରତ୍ୟାଖ୍ୟାନ କରିଆସିଛି । ଏବେ ପାକିସ୍ତାନ ମଧ୍ୟ ଟ୍ରମ୍ପଙ୍କ ଦାବିକୁ ମିଛ ପ୍ରମାଣିତ କରିଛି । ପାକିସ୍ତାନର ବୈଦେଶିକ ମନ୍ତ୍ରୀ ଇସାକ ଡାର କହିଛନ୍ତି ଯେ ଆମେରିକା ନିଜେ ଯୁଦ୍ଧବିରତି ପ୍ରସ୍ତାବ ଆଣିଥିଲା, କିନ୍ତୁ ଭାରତ ଏଥିରେ ରାଜି ହୋଇନଥିଲା। ଇସାକ ଡାର ଅପରେସନ ସିନ୍ଦୂର ସମୟରେ ଆମେରିକାର ବୈଦେଶିକ ମନ୍ତ୍ରୀ ମାର୍କୋ ରୁବିଓଙ୍କ ସହ ତାଙ୍କର ଆଲୋଚନା ବିଷୟରେ ପ୍ରକାଶ କରିଛନ୍ତି। ଇସାକ ଡାରଙ୍କ ଅନୁଯାୟୀ, ମାର୍କୋ ରୁବିଓ ତାଙ୍କୁ କହିଥିଲେ ଯେ ଭାରତ ଯୁଦ୍ଧବିରତି ପାଇଁ କୌଣସି ତୃତୀୟ ପକ୍ଷ ମଧ୍ୟସ୍ଥତା ଗ୍ରହଣ କରିବ ନାହିଁ କାରଣ ଏହା ଦୁଇ ଦେଶ ମଧ୍ୟରେ ଏକ ଦ୍ୱିପାକ୍ଷିକ ପ୍ରସଙ୍ଗ। ଅଲ ଜାଜିରାକୁ ଏକ ସାକ୍ଷାତକାରରେ ଇସାକ ଡାର କହିଛନ୍ତି ଯେ ପାକିସ୍ତାନ ଭାରତ ସହିତ ଆଲୋଚନା ପାଇଁ ଅନେକ ଥର ପଦକ୍ଷେପ ନେଇଥିଲା। ଇସାକ ଡାରଙ୍କୁ ପଚରାଯାଇଥିଲା ଯେ ପାକିସ୍ତାନ ଦୁଇ ଦେଶ ମଧ୍ୟରେ ତୃତୀୟ ପକ୍ଷର ସମ୍ପୃକ୍ତି ପାଇଁ ପ୍ରସ୍ତୁତ କି? ଏହି ପ୍ରଶ୍ନର ଉତ୍ତରରେ ସେ କହିଥିଲେ, 'ତୃତୀୟ ପକ୍ଷ ମଧ୍ୟସ୍ଥତାରେ ଆମର କୌଣସି ଆପତ୍ତି ନାହିଁ, କିନ୍ତୁ ଭାରତ ସ୍ପଷ୍ଟ ଭାବରେ କହୁଛି ଯେ ଏହା ଏକ ଦ୍ୱିପାକ୍ଷିକ ପ୍ରସଙ୍ଗ। ଯେତେବେଳେ ଆମେ ଜୁଲାଇ ୨୫ରେ ୱାଶିଂଟନରେ ମାର୍କୋ ରୁବିଓଙ୍କୁ ପଚାରିଥିଲୁ ଯେ ଆଲୋଚନାରେ କଣ ହୋଇଛି, ସେ କହିଥିଲେ ଯେ ଭାରତ ଏହାକୁ ଏକ ଦ୍ୱିପାକ୍ଷିକ ପ୍ରସଙ୍ଗ ବୋଲି ବିବେଚନା କରୁଛି।'

# ଓଡ଼ିଶା ଅମଲା ସଙ୍ଘର ବାର୍ଷିକ ଉତ୍ସବ

ଜୟପୁର, ୧୬/୦୯ (ନି.ପ୍ର): ଓଡ଼ିଶା ଅମଲା ସଂଘ ନବରଙ୍ଗପୁର ଜିଲ୍ଲା ଶାଖା ର ତ୍ରୟ ବାର୍ଷିକ ସମ୍ମିଳନୀ ହୋଟେଲ ରକିସାନ୍ ପ୍ରିମିୟମ ନବରଙ୍ଗପୁର ଠାରେ ଅନୁଷ୍ଠିତ ହୋଇଯାଇଅଛି । ଶଶୀଭୂଷଣ ଦାଶ୍ ସଭାପତି ଓଡ଼ିଶା ଅମଲା ସଂଘ କୋରାପୁଟ ଜିଲ୍ଲା ଶାଖା ତଥା ରାଜ୍ୟ ଅତିରିକ୍ତ ସାଧାରଣ ସମ୍ପାଦକ ଓଡ଼ିଶା ଅମଲା ସଂଘ ଉକ୍ତ ସମ୍ମିଳନୀରେ ସଭାପତିତ୍ୱ କରିଥିଲାବେଳେ ଶ୍ରୀ ଗୌରି ଶଙ୍କର ମାଝୀ ବିଧାୟକ ନବରଙ୍ଗପୁର ମୁଖ୍ୟ ଅତିଥି, ମନହୋର ରନ୍ଧାରି ମାନ୍ୟବର ବିଧାୟକ ଡାବୁଗାଁ ସମ୍ମାନିତ ଅତିଥି ଭାବେ ଉକ୍ତ କାର୍ଯ୍ୟକ୍ରମରେ ଯୋଗଦାନ କରିଥିଲେ । ହୃଦୟ ବିହାରୀ ମହାପାତ୍ର ଅଧକ୍ଷ ଓଡ଼ିଶା ଅମଲା ସଂଘ, ଶ୍ରୀ ଜ୍ଞାନ ରଞ୍ଜନ ଦାଶ ରାଜ୍ୟ ସଭାପତି ଓଡ଼ିଶା ଅମଲା ସଂଘ, ଶ୍ରୀ ଚିତରଞ୍ଜନ ତରାସିଆ ରାଜ୍ୟ ସାଧାରଣ ସମ୍ପାଦକ ଓଡ଼ିଶା ଅମଲା ସଂଘ, ବିରଂଚି ନାରାୟଣ ବରାଳ ଉପସଭାପତି ଓଡ଼ିଶା ଅମଲା ସଂଘ, ଶ୍ୟାମ ସୁନ୍ଦର ନାୟକ ମଣ୍ଡଳ ସମ୍ପାଦକ ଓଡ଼ିଶା ଅମଲା ସଂଘ, ମହେନ୍ଦ୍ର ମହାପାତ୍ର, ଉପ ସଭାପତି ଓଡ଼ିଶା ଅମଲା ସଂଘ, ନଳିନୀକାନ୍ତ ଓଝା ରାଜ୍ୟ ଅତିରିକ୍ତ ସାଧାରଣ ସମ୍ପାଦକ ଓଡ଼ିଶା ଅମଲା ସଂଘ, ଶୁକାନ୍ତ ମହାପାତ୍ର ଅଧକ୍ଷ ନିର୍ବାଚନ କମିଟି ଓଡ଼ିଶା ଅମଲା ସଂଘ, ସୁନାକର ରାଉତ ପୁର୍ବତନ ଅଧକ୍ଷ ଓଡ଼ିଶା ଅମଲା ସଂଘ, ରୁପ କେଶରୀ ଦଳେଇ କାର୍ଯ୍ୟକାରିଣୀ ସଭ୍ୟ ଓଡ଼ିଶା ଅମଲା ସଂଘ, ଅରୁଣ କୁମାର ବଳିୟାର ସିଂହ ରାଜ୍ୟ ସାଙ୍ଗଠନିକ ସମ୍ପାଦକ ଓଡ଼ିଶା ଅମଲା ସଂଘ ମଂଚାସୀନ ହୋଇ ନିଜ ନିଜର ଅଭିଭାଷଣ ପ୍ରଦାନ କରିଥିଲେ । ନବରଙ୍ଗପୁର ଜିଲ୍ଲାରେ କାର୍ଯ୍ୟରତ ବିଭିନ୍ନ ବିଭାଗର ଅମଲା ଯେଉଁ ମାନେ ଚାକିରି ରୁ ଅବସର ଗ୍ରହଣ କରିସାରିଛନ୍ତି ସେମାନଙ୍କୁ ବିଧାୟକଙ୍କ ଦ୍ୱାରା ଉପଢୌକନ ଓ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା । ତତ୍ ସହିତ ମଂଚାସିନ ଓ ବରିଷ୍ଠ ସଦସ୍ୟ ମାନଙ୍କୁ ମଧ ବିଧାୟକଙ୍କ ଦ୍ୱାରା ଓଡ଼ିଶା ଅମଲା ସଂଘ ନବରଙ୍ଗପୁର ଜିଲ୍ଲା ଶାଖା ଦ୍ୱାରା ସମ୍ବର୍ଦ୍ଧିତ କରାଯାଇଥିଲା । ଓଡ଼ିଶା ଅମଲା ସଂଘ ର ୭ ଗୋଟି ଦାବି ପୁରଣ ନିମନ୍ତେ ମୁଖ୍ୟମନ୍ତ୍ରୀ ଓଡ଼ିଶାଙ୍କୁ ବିଧାୟକ ମାନଙ୍କ ଜରିଆରେ ସ୍ମାରକ ପତ୍ର ପ୍ରଦାନ କରାଯାଇଥିଲା । ବିଧାୟକ ନବରଙ୍ଗପୁର ଓ ବିଧାୟକ ଡାବୁଗାଁ ଓଡ଼ିଶା ଅମଲା ସଂଘ ର ଦାବିରେ ଯଥାର୍ଥତା ରହିଥିବା ସହିତ ଦାବି ଗୁଡ଼ିକୁ ନ୍ୟାୟ ସଙ୍ଗତ ବୋଲି ମନ୍ତବ୍ୟ ଦେଇଥିଲେ ଓ ଓଡ଼ିଶା ଅମଲା ସଂଘ ର ଦାବି ମୁଖ୍ୟମନ୍ତ୍ରୀ ଓଡ଼ିଶା ଙ୍କ ନିକଟରେ ଉପସ୍ଥାପନା କରିବା ସହିତ ଅମଲା ମାନଙ୍କୁ ନ୍ୟାୟ ପ୍ରଦାନ କରିବା ନିମନ୍ତେ ପ୍ରଚେଷ୍ଟା କରିବା ନିମନ୍ତେ ପ୍ରତିଶୃତି ଦେଇଥିଲେ । ଶେଷରେ ଓଡ଼ିଶା ଅମଲା ସଂଘ ନବରଙ୍ଗପୁର ଜିଲ୍ଲା ଶାଖାର କର୍ମକର୍ତା ଚୟନକୁ ରାଜ୍ୟ ସଂଘ ଅନୁମୋଦନ କରିଥିଲେ ଓଡ଼ିଶାର ବିଭିନ୍ନ ଜିଲ୍ଲାରୁ ଶତାଧିକ ନେତୃବୃନ୍ଦଙ୍କ ସହିତ ରାଜ୍ୟ ନେତୃବୃନ୍ଦ ଯୋଗଦାନ କରିଥିଲେ । କୋରାପୁଟ ଜିଲ୍ଲାରୁ ସର୍ବାଧିକ ୪୮ ଜଣ ଯୋଗଦାନ କରିଥିଲେ । ଶଶୀଭୂଷଣ ଦାଶ୍‌ଙ୍କୁ ତାଙ୍କ ସାଙ୍ଗଠନିକ ଦକ୍ଷତାକୁ ଆଧାର କରି ନବରଙ୍ଗପୁର ଜିଲ୍ଲା ଶାଖା ତରଫରୁ ବିଧାୟକ ନବରଙ୍ଗପୁରଙ୍କ ଦ୍ୱାରା ଉପଢୌକନ ଓ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା । ପରିଶେଷରେ ଶଶୀଭୂଷଣ ଦାଶ୍ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିବା ସହିତ ସଭା ସାଙ୍ଗ କରିଥିଲେ ।

## କୁଡାପଡାରେ ସ୍ୱଚ୍ଛତା କାର୍ଯ୍ୟକ୍ରମ

ସମ୍ବଲପୁର, ୧୬/୦୯ (ନି.ପ୍ର): ସମ୍ବଲପୁର ଜିଲ୍ଲା କୁଚିଣ୍ଡା ବ୍ଲକ ଅନ୍ତର୍ଗତ କୁଲେଇଗଡ଼ ପଂଚାୟତ କୁଡାପଡା ଗାଁ ରେ ସ୍ୱଚ୍ଛତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ପ୍ରକୃତି ବନ୍ଧୁ ସରୋଜ ମେହେରଙ୍କ ନେତୃତ୍ୱରେ କୁଡାପଡାର ଛୁଇଁବନ୍ଧ ତୁଠ ସହିତ ରାସ୍ତାର ଉଭୟ ପାର୍ଶ୍ୱରେ ଲାଗିଥିବା ଅନାବନା ଘାସ ପୁଟୁସ ଲାଗି ଥିବାରୁ ଯିବା ଆସିବାରେ ଅସୁବିଧା ହେଉଥିଲା, ତାହା ସଫା କରିଥିଲେ । ଏହି କାର୍ଯ୍ୟକ୍ରମରେ ଧନୁର୍ଜୟ ମେହେର, ମଞ୍ଜିର ପୋଢ଼, ଯଶୋଧା ମରେଇ, ପଦ୍ମାବତୀ ମେହେର, ମନ୍ଦାକିନୀ ମେହେର, ଡମ୍ବରୁଧର ମେହେର, ସନାତନ ପ୍ରଧାନ, ମନୋଜ ମେହେର, ଅନାମ ବାଦୀ, ଶୀତଳ ଭଇସା, ଗୀତ ବାଦୀ, ବୁଧୁରାମ ପ୍ରଧାନ, ବନିତା ପୋଢ଼, ଲଖନ ପ୍ରଧାନ, ଲକ୍ଷ୍ମୀ ବାଦୀ ଯୋଗ ଦେଇଥିଲେ ।

# ଆଦର୍ଶ ଅଭିଭାବକ ସଂଘର ଉପଦେଷ୍ଟା କମିଟି ଗଠିତ

ଧର୍ମଶାଳା, ୧୬/୦୯ (ନି.ପ୍ର): ଯାଜପୁର ଜିଲା ଧର୍ମଶାଳା ବ୍ଲକ ଦେଉଳିପାଳସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଅଭିଭାବକ ସଂଘର ଏକ ବୈଠକ ଦେଉଳି ସ୍ଥିତ ମା ' ଶାରଳାଙ୍କ ପୀଠରେ ଆଜି ଅନୁଷ୍ଠିତ ହୋଇଯାଇଛି । ଷଷ୍ଠରୁ ଦ୍ୱାଦଶ ଶ୍ରେଣୀରେ ପାଠ ପଢୁଥିବା ଛାତ୍ରଛାତ୍ରୀ ମାନଙ୍କ ଅଭିଭାବକ ମାନେ ବୈଠକରେ ଯୋଗ ଦେଇଥିଲେ । ଏହି ବୈଠକରେ ସ୍କୁଲର ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରାଯାଇ ଅବିଭାବକମାନଙ୍କ ଏକ କମିଟି ଗଠନ କରାଯାଇଥିଲା । ଯେଉଁଥିରେ ଉପଦେଷ୍ଟା କମିଟିରେ ଅବସରପ୍ରାପ୍ତ ବ୍ଲକ ଶିକ୍ଷା ଅଧିକାରୀ ନିକୁଞ୍ଜ ବିହାରୀ ମହାନ୍ତି, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଜଗବନ୍ଧୁ ସ୍ୱାଇଁ ଓ ସଂଘର ପୂର୍ବତନ ସମ୍ପାଦକ କରୁଣାକର ବରାଳଙ୍କୁ ଉପଦେଷ୍ଟା ଭାବରେ ଚୟନ କରାଯାଇଥିଲା । ଏଥିସହ କାର୍ଯ୍ୟକାରୀ କମିଟିର ସଦସ୍ୟ ଭାବରେ ବିଭିନ୍ନ ଶ୍ରେଣୀର ଅଭିଭାବକ ମାନଙ୍କ ମଧ୍ୟରୁ ଲକ୍ଷ୍ମୀଧର ବରାଳ, ବିରୁପାକ୍ଷ କର,ଦୀପକ କୁମାର ମହାନ୍ତି,ଲମ୍ବୋଦର ନାୟକ, ସୁଶାନ୍ତ ବେହେରା, ସତ୍ୟନାରାୟଣ ମଲ୍ଲିକ,ପ୍ରଫୁଲ୍ଲ ରାଉତ ଓ ପ୍ରଦୀପ କୁମାର ସେଠୀଙ୍କୁ କାର୍ଯ୍ୟକାରୀ କମିଟିର ସଦସ୍ୟ ଭାବରେ ଚୟନ କରାଯାଇଥିଲା । ଏହି କମିଟିର ପରାମର୍ଶ କ୍ରମେ ଓ ସମସ୍ତ ଅଭିଭାବକଙ୍କ ମତାମତ ଆଧାରରେ ସଂଘ କାର୍ଯ୍ୟ କରିବା ଏବଂ ଶିକ୍ଷାଦାନ ଠାରୁ ଆରମ୍ଭ କରି ବିଭିନ୍ନ ମୌଳିକ ସୁବିଧା ଅସୁବିଧା ଦିଗରେ ସଂଘ କାର୍ଯ୍ୟ କରିବ ବୋଲି ମତ ପ୍ରକାଶ ପାଇଥିଲା । ଏହି ବୈଠକରେ ସୁନାକର ଧିର,ଶୁଭ୍ରାଂଶୁ ଶେଖର ସାମଲ,ବସନ୍ତ ସ୍ୱାଇଁ, ବିଶ୍ୱଜିତ୍ ମିଶ୍ର,ରଞ୍ଜନ କୁମାର ଦଳାଇ, ଅଜୟ ସାମଲ, ସଂଗ୍ରାମ କେଶରୀ ପାଳ, କାଳନ୍ଦୀ ଚରଣ ପଣ୍ଡା, କେଶବ ଚନ୍ଦ୍ର ଖିଲାର, ପ୍ରତାପ କୁମାର ସେଠୀ ପ୍ରମୁଖ ଉପସ୍ଥିତ ଥିଲେ । ଜଗଦୀଶ ବରାଳ ଧନ୍ୟବାଦ୍ ଦେବା ସହିତ ସଭା ସାଙ୍ଗ ହୋଇଥିଲା ।

# ବିଶ୍ୱ ହିନ୍ଦୀ ଦିବସ ପାଳିତ

ମାଲକାନଗିରି, ୧୬/୦୯ (ନି.ପ୍ର): ମାଲ କାନଗିରି ଜିଲ୍ଲା ସଦରମହକୁମା ସ୍ଥିତ ନୋଡାଲ ବାଳିକା ବିଦ୍ୟାଳୟରେ, ଜିଲ୍ଲାର ବରିଷ୍ଠ ହିନ୍ଦୀ ଶିକ୍ଷକ ଜୟଦେବ ପଣ୍ଡାଙ୍କ ଅଧକ୍ଷ ତା ରେ ବିଶ୍ୱ ହିନ୍ଦୀ ଦିବସ ପାଳିତ ହୋଇ ଯାଇଛି । କାର୍ଯ୍ୟକ୍ରମର ଶୁଭାରମ୍ଭ ମହାପ୍ରଭୁ ଜଗନ୍ନାଥଙ୍କ ପୂଜାର୍ଚ୍ଚନା,ପ୍ରଦୀପ ପ୍ରଜ୍ୱଳନ, ପୁଷ୍ପମାଲ୍ୟ ଅର୍ପଣ ଓ ମନ୍ତ୍ର ସହିତ ଆରମ୍ଭ କରା ଯାଇଥିଲା ! ସମାରୋହରେ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସଭାପତି, ଏଜି ଓଡ଼ିଶା ଅଡିଟ ଏବଂ ଆକାଉଂଟସର ହିନ୍ଦୀ ନିନ୍ଦୀ ଅଧିକାରୀ ରବୀନ୍ଦ୍ରନାଥ ଚାନ୍ଦ ମୁଖ୍ୟ ବକ୍ତା, ଶିକ୍ଷାବିତ୍ ଶିବପ୍ରସାଦ କୀର୍ତ୍ତନିୟା, ବରିଷ୍ଠ ହିନ୍ଦୀ ଶିକ୍ଷକ ମାନସ ଚଞ୍ଜନ ନାୟକ ଏବଂ ମା ଲକାନଗିରି ହିନ୍ଦୀ ଶିକ୍ଷକ ସଂଘ ସଭାପତି ଶଙ୍କରକୁ ଜ୍ଞାମି ସମ୍ମାନୀୟ ଅତିଥି ଭାବେ ଯୋଗଦେଇଥିଲେ ! ଅତିଥି ମାନେ ଛାତ୍ର ଛାତ୍ରୀ ମାନଙ୍କୁ ବର୍ତ୍ତମାନ ଭାରତ ତଥା ସମଗ୍ର ବିଶ୍ୱରେ, ଭାରତର ରାଜଭାଷା ହିନ୍ଦୀର ମହତ୍ୱ ବିଷୟରେ ଅବଗତ କରାଇବା ସଙ୍ଗେସଙ୍ଗେ, ଭାରତର ଏକତା ଓ ଅଖଣ୍ଡତା ପାଇଁ ହିନ୍ଦୀ ଭାଷାର ଗୁରୁତ୍ୱପୂର୍ଣ ଭୂମିକା ଉପରେ ଆଲୋକପାତ କରିଥିଲେ ଏବଂ ଛାତ୍ର ଛାତ୍ରୀ ମାନଙ୍କୁ ମାତୃଭାଷା ଓଡ଼ିଆ ସହିତ ହିନ୍ଦୀ ଭାଷାକୁ ମଧ ସମାନ ଗୁରୁତ୍ୱର ସହିତ ଅଧୟନ କରିବା ପାଇଁ ପରାମର୍ଶ ଦେଇଥିଲେ । ମୁଖ୍ୟବକ୍ତା ଶ୍ରୀ ଚାନ୍ଦ ହିନ୍ଦୀ ଦିବସ କାହିଁକି ପାଳନ କରାଯାଏ ଏବଂ କିପରି ଭାବରେ ଶିକ୍ଷା ଦାନ କଲେ ଓଡ଼ିଆ ଛାତ୍ରଛାତ୍ରୀମାନଙ୍କୁ ସହଜରେହିନ୍ଦୀ ଶିଖାଇ ହେବ, ସେହି ବିଷୟରେ ମାଲକାନଗିରି ଜିଲ୍ଲାର ବିଭିନ୍ନ ବ୍ଲକରୁ ଆସିଥିବା ହିନ୍ଦୀ ଶିକ୍ଷକ ଶିକ୍ଷୟିତ୍ରୀ ମାନଙ୍କୁ ପ୍ରାଞ୍ଜଳ ଭାବରେ ବୁଝାଇଥିଲେ । ଏହି ଅବସର ରେ ମୁଖ୍ୟମନ୍ତ୍ରୀ ପୁରସ୍କାର ଲାଭକରିଥୁବା ହିନ୍ଦୀ ଶିକ୍ଷକ ରାଜେଶ କୁମାର ମେହେର, ବରି ଷ୍ଟ ହିନ୍ଦୀ ଶିକ୍ଷକ ଜୟଦେବ ପଣ୍ଡା ଓ ବିଜୟ କୁମାର ପୁହାଣଙ୍କୁ ହିନ୍ଦୀ ଭାଷାର ପ୍ରଚାର ପ୍ରସାର ପାଇଁ ସେମାନଙ୍କ ଅବଦାନ ନିମନ୍ତେ ପୁଷ୍ପଗୁଚ୍ଛ ଓ ଉତରୀୟ ଦେଇ ସମ୍ମାନିତ କରାଯାଇଥିଲା । ଏହାପରେ ବିଦ୍ୟାଳୟର ଛାତ୍ରଛାତ୍ରୀ ମାନେ ଦେଶାତ୍ମବୋଧକ ସଙ୍ଗୀତ ପରିବେଷଣ କରିଥିଲେ । ସର୍ବଶେଷରେ ମୁଖ୍ୟମନ୍ତ୍ରୀ ପୁରସ୍କାର ପ୍ରାପ୍ତ ଶିକ୍ଷକ ରାଜେଶ କୁମାର ମେହେରଙ୍କ ସ୍ୱର ଚିତ ହିନ୍ଦୀ କବିତା ପାଠ ସହିତ ସମାରୋହ ସମାପ୍ତ ହୋଇଥିଲା ।

# ବିଡିଏନପୁରଶାସନରେ ଜାତୀୟ ସେବା ଶିବିର ଅନୁଷ୍ଠିତ

ଚମ୍ପୁଆ, ୧୬/୦୯ (ନି.ପ୍ର): ଚମ୍ପୁଆ ବୀରଧନୁର୍ଜୟ ନାରାୟଣପୁର ଶାସନରେ ମହିଳା ଉଚ୍ଚ ମାଧମିକ ବିଦ୍ୟାଳୟର ସ୍ୱତନ୍ତ୍ର ସାତ ଦିନିଆଁ ଜାତୀୟ ସେବା ଶିବିର ଅନୁଷ୍ଠିତ ହୋଇଯାଇଛି । ଉକ୍ତ ଶିବିରକୁ ସ୍ଥାନୀୟ ଉପଜିଲାପାଳ ଉମାକାନ୍ତ ପରିଡା ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ । ଏଥିରେ ମହିଳା ଉଚ୍ଚ ମାଧମିକ ବିଦ୍ୟାଳୟର ଅଧକ୍ଷ ଭକ୍ତବନ୍ଧୁ ପ୍ରଧାନ, ପ୍ରୋଗ୍ରାମ ସଂଯୋଜିକା ମିତାଲି ଭୋଳ, ଅଧାପକ ଦୀପକ କୁମାର ମିଶ୍ର, ପିଇଟି ଅନିତା ଜେନା, ଅଧାପକ ଶୈଳେଶ ମାଝୀ, କର୍ମଚାରୀ ଶଶିକାନ୍ତ ଦେହୁରୀ ପ୍ରମୁଖ ଉପସ୍ଥିତ ଥିଲେ । ଉକ୍ତ କାର୍ଯ୍ୟକ୍ରମରେ ଶିଶୁଶ୍ରମିକ ନିରୋଧି ଅଭିଯାନ, ସ୍ୱଚ୍ଛଭାରତ ଅଭିଯାନ, ସଡକ ସୁରକ୍ଷା ଅଭିଯାନ, ସ୍ୱାସ୍ଥ୍ୟ ଶିବିର, ବୃକ୍ଷରୋପଣ, ନିଶାନିବାରଣ ଅଭିଯାନ, ମେଗା ସ୍ୱାସ୍ଥ୍ୟ ପରୀକ୍ଷା କାର୍ଯ୍ୟକ୍ରମ, ବାଲ୍ୟବିବାହ ନିରୋଧ ଅଭିଯାନ, ଶିକ୍ଷା ସଭିଙ୍କ ଅଧିକାର ଆଦି ବିଭିନ୍ନ ବିଷୟ ଉପରେ କାର୍ଯ୍ୟ କରାଯାଇଥିଲା । ଉଦଯାପନୀ ଦିବସ ଅବସରରେ ମୁଖ୍ୟଅତିଥି ଭାବେ ଚମ୍ପୁଆ ରେଞ୍ଜ ଅଧିକାରୀ ଏସିଏଫ ଅକ୍ଷୟ ଛତ୍ରିୟା ଯୋଗଦାନ କରି ଜଙ୍ଗଲ ସୁରକ୍ଷା, ବନ୍ୟପ୍ରାଣୀ ସୁରକ୍ଷା, ବନାଗ୍ନି ଆଦି ବିଭିନ୍ନ ବିଷୟ ଉପରେ ଛାତ୍ରୀମାନଙ୍କୁ ଉଦବୋଧନ ପ୍ରଦାନ କରିଥିଲେ ।

# ଉଦ୍‌ଘାଟନ ହେଲା ବହୁ ପ୍ରତିକ୍ଷୀତ ଶୌଚାଳୟ: ଅନୁଦାନ ଅର୍ଥକୁ ନେଇ ଚର୍ଚ୍ଚା

ମୁଖୀଗୁଡା, ୧୬/୦୯ (ନି.ପ୍ର): କଳାହାଣ୍ଡି ଜିଲ୍ଲା ଜୟପାଟଣାର ବହୁ ପ୍ରତିକ୍ଷୀତ ଶୌଚାଳୟ ଲାଞ୍ଜିଗଡ଼ ବିଧାୟକ ପ୍ରଦୀପ କୁମାର ଦିଶାରୀଙ୍କ ଦ୍ୱାରା ଶୁଭ ଉଦ୍ଘାଟିତ ହୋଇଯାଇଛି । ହେଲେ ଏହି ଶୌଚାଳୟ ନିର୍ମାଣ ପାଇଁ ଖର୍ଚ୍ଚ ହୋଇଥିବା ଟଙ୍କାକୁ ନେଇ ଚର୍ଚ୍ଚା ଜୋର ଧରିଛି ।
ଆଜି ଶୌଚାଳୟର ଶୁଭ ଉଦ୍ଘାଟନ ଅବସରରେ ଲାଞ୍ଜିଗଡ଼ ବିଧାୟକ ପର୍ଶ୍ଚିମ ଓଡିଶା ବିକାଶ ପରିଷଦରୁ ୨୦ ଲକ୍ଷ ଟଙ୍କା ପ୍ରଦାନ କରାଯାଇଥିବା କହିଥିବା ବେଳେ ଶୌଚାଳୟ ନିକଟରେ ଲାଗିଥିବା ସୂଚନା ଫଳକରେ ଅଟକଳ ମୂଲ୍ୟ ୧୦ ଲକ୍ଷ ଟଙ୍କା ଲେଖାଯାଇଛି । ବିଧାୟକଙ୍କ କହିବା ଅନୁଯାୟୀ ୨୦ ଲକ୍ଷ ଟଙ୍କା ପର୍ଶ୍ଚିମ ଓଡିଶା ବିକାଶ ପରିଷଦରୁ ଦିଆଗଲା ତେବେ ବାକି ୧୦ ଲକ୍ଷ ଟଙ୍କା କୁଆଡେ ଗଲା ବୋଲି ସାଧାରଣରେ ପ୍ରଶ୍ନ ଉଠିଛି । ଏନେଇ ବିଧାୟକଙ୍କ ପ୍ରତିକ୍ରିୟା ମିଳି ପାରିନାହିଁ । ଜୟପାଟଣାରେ ଏକ ଶୌଚାଳୟର ଆବଶ୍ୟକତା ରହିଥିଲା ଗତ ୮/୧/୨୦୨୪ରେ ଲାଞ୍ଜିଗଡ଼ ବିଧାୟକଙ୍କ ଦ୍ୱାରା ଭିତିପ୍ରସ୍ତର ସ୍ଥାପନ ହୋଇଥିଲା । ହେଲେ ନିର୍ମାଣ କାର୍ଯ୍ୟଶେଷ ହେବା ବିଳମ୍ବ ହେତୁ ବିଭିନ୍ନ ଗଣମାଧମରେ ଖବର ପ୍ରକାଶ ପାଇବା ପରେ ଠିକାଦାରଙ୍କ ତତ୍ପରତା ପ୍ରକାଶ ପାଇଥିଲା ।
ଆଜି ଏହି ଶୁଭଉଦ୍ଘାଟନ ଅବସରରେ, ଜୟପାଟଣା ସମିତି ସଭ୍ୟା ରଶ୍ମିତା ଦୁରିଆ, ଜୟପାଟଣା ସରପଂଚ ମୌସୁମୀ ଡ଼ଙ୍ଗରି, ବିଜେଡ଼ି ନେତା ସତ୍ୟ ନାରାୟଣ ଅଗ୍ରୱାଲ, ଜିତେନ୍ଦ୍ର ନାରାୟଣ ସିଂଦେଓ, ମଣ୍ଟୁ ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।


# ଆଦର୍ଶ ଅଭିଭାବକ ସଂଘର ଉପଦେଷ୍ଟା କମିଟି ଗଠିତ

ଧର୍ମଶାଳା, ୧୬/୦୯ (ନି.ପ୍ର): ଯାଜପୁର ଜିଲା ଧର୍ମଶାଳା ବ୍ଲକ ଦେଉଳିପାଳସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଅଭିଭାବକ ସଂଘର ଏକ ବୈଠକ ଦେଉଳି ସ୍ଥିତ ମା ' ଶାରଳାଙ୍କ ପୀଠରେ ଆଜି ଅନୁଷ୍ଠିତ ହୋଇଯାଇଛି । ଷଷ୍ଠରୁ ଦ୍ୱାଦଶ ଶ୍ରେଣୀରେ ପାଠ ପଢୁଥିବା ଛାତ୍ରଛାତ୍ରୀ ମାନଙ୍କ ଅଭିଭାବକ ମାନେ ବୈଠକରେ ଯୋଗ ଦେଇଥିଲେ । ଏହି ବୈଠକରେ ସ୍କୁଲର ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରାଯାଇ ଅବିଭାବକମାନଙ୍କ ଏକ କମିଟି ଗଠନ କରାଯାଇଥିଲା । ଯେଉଁଥିରେ ଉପଦେଷ୍ଟା କମିଟିରେ ଅବସରପ୍ରାପ୍ତ ବ୍ଲକ ଶିକ୍ଷା ଅଧିକାରୀ ନିକୁଞ୍ଜ ବିହାରୀ ମହାନ୍ତି, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଜଗବନ୍ଧୁ ସ୍ୱାଇଁ ଓ ସଂଘର ପୂର୍ବତନ ସମ୍ପାଦକ କରୁଣାକର ବରାଳଙ୍କୁ ଉପଦେଷ୍ଟା ଭାବରେ ଚୟନ କରାଯାଇଥିଲା । ଏଥିସହ କାର୍ଯ୍ୟକାରୀ କମିଟିର ସଦସ୍ୟ ଭାବରେ ବିଭିନ୍ନ ଶ୍ରେଣୀର ଅଭିଭାବକ ମାନଙ୍କ ମଧ୍ୟରୁ ଲକ୍ଷ୍ମୀଧର ବରାଳ, ବିରୁପାକ୍ଷ କର,ଦୀପକ କୁମାର ମହାନ୍ତି, ଲମ୍ବୋଦର ନାୟକ, ସୁଶାନ୍ତ ବେହେରା, ସତ୍ୟନାରାୟଣ ମଲ୍ଲିକ,ପ୍ରଫୁଲ୍ଲ ରାଉତ ଓ ପ୍ରଦୀପ କୁମାର ସେଠୀଙ୍କୁ କାର୍ଯ୍ୟକାରୀ କମିଟିର ସଦସ୍ୟ ଭାବରେ ଚୟନ କରାଯାଇଥିଲା । ଏହି କମିଟିର ପରାମର୍ଶ କ୍ରମେ ଓ ସମସ୍ତ ଅଭିଭାବକଙ୍କ ମତାମତ ଆଧାରରେ ସଂଘ କାର୍ଯ୍ୟ କରିବା ଏବଂ ଶିକ୍ଷାଦାନ ଠାରୁ ଆରମ୍ଭ କରି ବିଭିନ୍ନ ମୌଳିକ ସୁବିଧା ଅସୁବିଧା ଦିଗରେ ସଂଘ କାର୍ଯ୍ୟ କରିବ ବୋଲି ମତ ପ୍ରକାଶ ପାଇଥିଲା । ଏହି ବୈଠକରେ ସୁନାକର ଧିର, ଶୁଭ୍ରାଂଶୁ ଶେଖର ସାମଲ,ବସନ୍ତ ସ୍ୱାଇଁ, ବିଶ୍ୱଜିତ୍ ମିଶ୍ର,ରଞ୍ଜନ କୁମାର ଦଳାଇ, ଅଜୟ ସାମଲ, ସଂଗ୍ରାମ କେଶରୀ ପାଳ, କାଳନ୍ଦୀ ଚରଣ ପଣ୍ଡା, କେଶବ ଚନ୍ଦ୍ର ଖିଲାର, ପ୍ରତାପ କୁମାର ସେଠୀ ପ୍ରମୁଖ ଉପସ୍ଥିତ ଥିଲେ । ଜଗଦୀଶ ବରାଳ ଧନ୍ୟବାଦ୍ ଦେବା ସହିତ ସଭା ସାଙ୍ଗ ହୋଇଥିଲା ।


# ସୁବର୍ଣ୍ଣପୁରଠାରେ ମେଗା ସ୍ୱାସ୍ଥ୍ୟ ଶିବିର

ସୁବର୍ଣ୍ଣପୁର, ୧୬/୦୯ (ନି.ପ୍ର): ଚିତଜ୍ଞାନୀ ଚାରିଟେବୁଲ ଟ୍ରଷ୍ଟ, ସାମନ୍ତ ସାହି, କେନାଲ ରୋଡ୍, କଟକର ୫୫ତମ ମେଗା ସ୍ୱାସ୍ଥ୍ୟ ଶିବିର ସୁବର୍ଣ୍ଣପୁର ଜିଲ୍ଲାର ଗ୍ରାମବାସୀଙ୍କ ପାଇଁ ମା' ସୁରେଶ୍ୱରୀ ମନ୍ଦିର ପରିସରରେ ଆଜି ସଫଳତାର ସହ ଅନୁଷ୍ଠିତ ହୋଇଯାଇଛି । ଏହି ଶିବିର ପରିଚାଳନା ଏବଂ ତତ୍ୱାବଧାନ କରିଥିଲେ ମ୍ୟାନେଜିଂ ଟ୍ରଷ୍ଟି ପ୍ରଫେସର ଡକ୍ଟର ଦତେଶ୍ୱର ହୋତା । ମା' ସୁରେଶ୍ୱରୀ ଙ୍କଠାରୁ ଆଜ୍ଞା ମାଳା ଗ୍ରହଣ କରିବା ପରେ ଶିବିର ଆରମ୍ଭ ହୋଇଥିଲା । ଓଡ଼ିଶା ହାଇକୋର୍ଟର ପ୍ରାକ୍ତନ ବିଚାରପତି ଶ୍ରୀ ଚିତରଞ୍ଜନ ଦାଶ ସ୍ୱତନ୍ତ୍ର ଅତିଥି, ସୁବର୍ଣ୍ଣପୁର ଜିଲ୍ଲାପାଳ ଡଃ ନୃପରାଜ ସାହୁ ମୁଖ୍ୟଅତିଥି ଭାବରେ ଯୋଗଦେଇ ଟ୍ରଷ୍ଟର ଏହି ମହତ୍ କାର୍ଯ୍ୟକୁ ଭୂୟସୀ ପ୍ରଶଂସା କରି ଟ୍ରଷ୍ଟର ଏକ ସ୍ମରଣିକା ଉନ୍ମୋଚନ କରିଥିଲେ । ପ୍ରମେୟ ଖବର କାଗଜର ଗ୍ରୁପ୍ ଏଡ଼ିଟର ଶ୍ରୀ ଗୋପାଳ କୃଷ୍ଣ ମହାପାତ୍ର, ନିଉଜ୍-୭ ଟିଭି ଚ୍ୟାନେଲ ଏକ୍ସିକ୍ୟୁଟିଭ ଏଡ଼ିଟର ଦେବ ନାରାୟଣ ସେଠି, ସୁବର୍ଣ୍ଣପୁର ଡିଏଫ୍‌ଓ ମଦନ ଲାଲ ଶର୍ମା, ଟ୍ରଷ୍ଟ ଅଧକ୍ଷ ଗୋଧନେଶ୍ୱର ହୋତା, ସମ୍ପାଦକ ରାଜେଶ୍ୱର ହୋତା, ମ୍ୟାନେଜିଙ୍ଗ ଟ୍ରଷ୍ଟି ଡାକ୍ତର ଦତେଶ୍ୱର ହୋତା, ଡାକ୍ତର ସୁଜାତା ପୁଜାରୀ ସମ୍ମାନିତ ଅତିଥି ଭାବରେ ଯୋଗଦେଇ ମେଗା ସ୍ୱାସ୍ଥ୍ୟ ଚିକିତ୍ସା ଶିବିର ପରିଦର୍ଶନ କରି ଆୟୋଜକ ଓ ସ୍ୱେଚ୍ଛାସେବୀଙ୍କୁ ଉତ୍ସାହିତ କରିଥିଲେ । ଶିବିରରେ ଭୁବନେଶ୍ୱର, କଟକ, ବୁର୍ଲା, ସମ୍ବଲପୁର ଏବଂ ବଲାଙ୍ଗିରରୁ ଲବ୍ଧ ପ୍ରତିଷ୍ଠିତ ବିଶେଷଜ୍ଞ ଏବଂ ସୁପର ସ୍ପେଶାଲିଟିର ୨୨ ଜଣ ଡାକ୍ତର ରୋଗୀଙ୍କୁ ଉତମ ସେବା ପ୍ରଦାନ କରିଥିଲେ । ରୋଗୀମାନଙ୍କ ପାଇଁ ବିଭିନ୍ନ ରକ୍ତ ପରୀକ୍ଷା, ୟୁରୋଫ୍ଲୋମେଟ୍ରି, ପଲ୍‌ମୋନାରୀ ଫଙ୍କସନ୍ ଟେଷ୍ଟ, ଇସିଜି ଇତ୍ୟାଦି ଯାଂଚ କରାଯାଇଥିଲା । ଆଜିର ମେଗା ସ୍ୱାସ୍ଥ୍ୟ ଶିବିରରେ ୧୨୦୦ ରୁ ଊର୍ଦ୍ଧ୍ୱ ରୋଗୀଙ୍କୁ ଚିକିତ୍ସା କରାଯାଇଥିଲା । ଶିବିରରେ ରୋଗୀ ଙ୍କ ପାଇଁ ମାଗଣା ଚଷମା, ଲମ୍ବର ବେଲ୍ଟ, ସର୍ଭାଇକାଲ୍ କଲାର ଏବଂ ଆଣ୍ଠୁ କ୍ୟାପ୍ ସହିତ ମାଗଣା ଔଷଧ ଏବଂ ପ୍ରସାଦ ପ୍ରଦାନ କରାଯାଇଥିଲା । ବିଶେଷଜ୍ଞଙ୍କ ଦ୍ୱାରା ଫିଜିଓଥେରାପି ତାଲିମ ମଧ ଦିଆଯାଇଥିଲା । ଦନ୍ତ ସର୍ଜନ ଦନ୍ତ ରୋଗରେ ପୀଡିତ ରୋଗୀଙ୍କ ଚିକିତ୍ସା କରିଥିଲେ ଏବଂ ଦାନ୍ତ ମଧ ବାହାର କରିଥିଲେ । ଗ୍ରାମାଂଚଳର ରୋଗୀମାନେ ଶୃଙ୍ଖଳା ଓ ଆଗ୍ରହ ର ସହ ଶିବିରରେ ଯୋଗ ଦେଇଥିଲେ । ଶିବିର ପରିଚାଳନାରେ ୬୦ ଜଣ ପାରା ମେଡିକାଲ୍ ଏବଂ ସହାୟକ କର୍ମଚାରୀଙ୍କ ଏକ ଦଳ ସାହାଯ୍ୟ କରିଥିବା ବେଳେ ୪୦ ଜଣ ସ୍ଥାନୀୟ ସ୍ୱେଚ୍ଛାସେବୀ ପୂର୍ଣ୍ଣ ସହଯୋଗ କରିଥିଲେ । ଟ୍ରଷ୍ଟର ମିଡିଆ ସେଲ ବିପିନ ସିଂ ମିଡିଆଙ୍କୁ ସମସ୍ତ ସୂଚନା ପ୍ରଦାନ କରିଥିଲେ । ଟ୍ରଷ୍ଟ ର ଅଧକ୍ଷ ଓ ମେନେଜିଂ ଟ୍ରଷ୍ଟି ଜିଲ୍ଲା ପ୍ରଶାସନ ଓ ମା' ସୁରେଶ୍ୱରୀ ମନ୍ଦିର ଯଜ୍ଞ କମିଟିର ସଦସ୍ୟ ଏବଂ ସ୍ୱେଚ୍ଛାସେବୀମାନଙ୍କୁ ସେମାନଙ୍କ ସହଯୋଗ ପାଇଁ ଗଭୀର କୃତଜ୍ଞତା ଜଣାଇଥିଲେ । ସୁବର୍ଣ୍ଣପୁର ଜିଲ୍ଲାରେ ସ୍ୱାସ୍ଥ୍ୟ ସଚେତନତା, ବିଭିନ୍ନ ରୋଗ ଚିହ୍ନଟ, ମାଗଣା ଔଷଧ, ଚଷମା ଏବଂ ଅନ୍ୟାନ୍ୟ ସ୍ୱାସ୍ଥ୍ୟ ସହାୟକ ଯୋଗାଇବା ପାଇଁ ଏହି ଶିବିର ଆୟୋଜନ କରାଯାଇଥିଲା ।

# ବିଶିଷ୍ଟ ଅନୁବାଦକ ସୁଖେନ୍ଦୁ ମୋହନ ଦାସଙ୍କ ପରଲୋକ



ବାଲେଶ୍ୱର, ୧୬/୦୯ (ନି.ପ୍ର): ବିଶିଷ୍ଟ ଅନୁବାଦକ ତଥା ଯଶସ୍ୱୀ ସାହିତ୍ୟିକ ସୁଖେନ୍ଦୁ ମୋହନ ଦାସଙ୍କ ୯୬ ବର୍ଷ ବୟସରେ ଆଜି ସକାଳେ ପୁରୁଣା ଭୁବନେଶ୍ୱର ସ୍ଥିତ ବାସଭବନରେ ପରଲୋକ ହୋଇଯାଇଛି । ସ୍ୱର୍ଗତ ଦାସ ବଙ୍ଗଳା ସାହିତ୍ୟରୁ ଓଡ଼ିଆ ସାହିତ୍ୟକୁ ଅନୁସୃଜନ କରି ଓଡ଼ିଆ ବାଣୀଭଣ୍ଡାରକୁ ସମୃଦ୍ଧ କରିଥିଲେ । ଅମଳେଶ ଭଟ୍ଟାଚାର୍ଯ୍ୟଙ୍କ କୃତ 'ମହାଭାରତ' ଓ 'ରାମାୟଣ'କୁ ଓଡ଼ିଆ ଭାଷାରେ ଅନୁବାଦ କରି ପାଠକ ମହଲରେ ବେଶ ଆଦୃତ ହୋଇଥିଲେ । ଏତଦ୍‌ବ୍ୟତୀତ ତାଙ୍କଦ୍ୱାରା ଅନୂଦିତ ନିତ୍ୟାନନ୍ଦ ମହାପାତ୍ରଙ୍କର 'ଘରଡିହ' ଉପନ୍ୟାସକୁ ବଙ୍ଗଳା ସାହିତ୍ୟରେ 'ଭିଟେ' ଶୀର୍ଷକରେ କେନ୍ଦ୍ରସାହିତ୍ୟ ଏକାଡେମୀଦ୍ୱାରା ପ୍ରକାଶିତ ହୋଇଥିଲା । ସେ ଶ୍ରୀମା ଅରବିନ୍ଦଙ୍କ ଜଣେ ଭକ୍ତ ଭାବରେ ଶ୍ରୀ ଅରବିନ୍ଦଙ୍କ ଅନେକ ଗ୍ରନ୍ଥକୁ ଓଡ଼ିଆ ଭାଷାରେ ଅନୁବାଦ କରିଛନ୍ତି । ୨୦୧୪ ମସିହାରେ ସ୍ୱର୍ଗତ ଦାସଙ୍କ ସର୍ବକାଳୀନ କୃତି ପାଇଁ ସମ୍ମାନ ଜନକ ରାଜଧାନୀ ପୁସ୍ତକ ମେଳା ସମ୍ବର୍ଦ୍ଧନାରେ ସମ୍ବର୍ଦ୍ଧିତ ହୋଇଥିଲେ । ମୃତ୍ୟୁ ବେଳକୁ ତାଙ୍କ ନିକଟରେ ତିନି ଝିଅ ଲିପିଶ୍ରୀ, ସୁଧାପ୍ରିୟା, ସୁପ୍ରିୟା, ପୁତ୍ର ଲାବନ୍ଦେ, ପୁତ୍ରବଧୂ ସଂଯୁଲତା, କ୍ୱାଇଁ ସ୍ନେହାଂଶୁ ଓ ଦୀପକ ଉପସ୍ଥିତ ଥିଲେ । ମୃତ୍ୟୁ ଖବର ପାଇ ଓଡ଼ିଆ ଭାଷା ବିକାଶ ଆନ୍ଦୋଳନର ସଭାପତି ଡ. ଚୌଧୁରୀ ସତ୍ୟବ୍ରତ ନନ୍ଦ, ସଂପାଦକ ଡ. ଲକ୍ଷ୍ମୀକାନ୍ତ ତ୍ରିପାଠୀ ପ୍ରମୁଖ ଶୋକ ପ୍ରକାଶ କରିଥିଲେ । ସ୍ୱର୍ଗତ ଦାସଙ୍କ ବିୟୋଗରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି ।

# ବ୍ରହ୍ମକୁମାରୀ ଅନୁଷ୍ଠାନରେ ଶାଶ୍ୱତ ଯୌଗିକ କୃଷି ଓ ସଶକ୍ତ କୃଷକ କାର୍ଯ୍ୟକ୍ରମ

କେନ୍ଦ୍ରାପଡ଼ା, ୧୬/୦୯ (ନି.ପ୍ର): କେନ୍ଦ୍ରାପଡା ସ୍ଥିତ ପ୍ରଜାପିତା ବ୍ରହ୍ମକୁମାରୀ ଅନୁଷ୍ଠାନରେ କୃଷକମାନେ କିପରି ସ୍ୱାବଲମ୍ବୀ ହୋଇପାରିବେ ଏଥିପାଇଁ ଆତ୍ମନିର୍ଭର ହେଉ କୃଷକ କାର୍ଯ୍ୟକ୍ରମ ଆୟୋଜିତ ହୋଇଅଛି । କିପରି ରାସାୟନିକ ସାର ବଦଳରେ ପ୍ରାକୃତି ସାର ପ୍ରୟୋଗ କରି ଜମିର ଉର୍ବରତା ଆଣି କୃଷି କ୍ଷେତ୍ରରେ ବୃଦ୍ଧି କରିବା ସହ ଆଧାତ୍ମିକ ସଂକଳ୍ପ ବା ଯୋଗଦ୍ୱାରା ଯୌଗିକ କୃଷି ଓ ଜୈବିକ କୃଷି କରିବା ପାଇଁ ମହାରାଷ୍ଟ୍ରରୁ କୃଷି ଭୂଷଣ ରାଜଯୋଗୀ ଭଗବାନ ଭାଇ ଚାଷୀମାନଙ୍କୁ ପ୍ରେରଣା ଦେଇଥିଲେ । ଏଥିସହ ବରିଷ୍ଠ ସହଯୋଗୀ ଗୋପା ଭାଇ କିପରି ଯୌଗିକ କୃଷି କରି ଲାଭାନ୍ୱିତ ହୋଇପାରିଛି ଏହା ଉପରେ ଆଲୋକପାତ କରିଥିଲେ । ଏଥିରେ ମୁଖ୍ୟ ଅତିଥି କୃଷି ଗବେଷଣା କେନ୍ଦ୍ରର ବରିଷ୍ଠ ବୈଜ୍ଞାନିରଷ୍ଟ ଡ଼ଃ ଅରବିନ୍ଦ ଦାସ ଓ ଗୋଷ୍ଠୀ କୃଷି ଅଧିକାରୀ ସମ୍ମାନୀୟା ଅତିଥିଭାବେ ଯୋଗ ଦେଇଥିଲେ । ସମସ୍ତ କାର୍ଯ୍ୟକ୍ରମକୁ ସେବାକେନ୍ଦ୍ର ସଂଚାଳିକା ବ୍ର.କୁ ସ୍ନେହ ଭଉଣୀ ପରିଚାଳନା କରିବା ସହ ବ୍ର.କୁ ସଞ୍ଜୁ ଭଉଣୀ ସଭା କାର୍ଯ୍ୟକୁ ପରିଚାଳନା କରିଥିଲେ ।

# ଶ୍ରୀମନ୍ଦିର ଓ ଶ୍ରୀକ୍ଷେତ୍ରରେ ଷୋଳ ପୂଜା ଆରମ୍ଭ

ପୁରୀ, ୧୬/୦୯ (ନି.ପ୍ର): ଆଶ୍ୱିନ କୃଷ୍ଣ ଅଷ୍ଟମୀ ବା ମୂଳାଷ୍ଟମୀରେ ଶ୍ରୀମନ୍ଦିର ଓ ଶ୍ରୀକ୍ଷେତ୍ରରେ ଷୋଳ ପୂଜା ନୀତି ରବିବାର ଠାରୁ ଆରମ୍ଭ ହୋଇଛି । ଶ୍ରୀମନ୍ଦିରରେ ମା ବିମଳା, ମା ଭୁବନେଶ୍ୱରୀ ଓ ମା ସର୍ବ ମଙ୍ଗଳା (ବଟ ମଙ୍ଗଳା) ଆଦି ଦେବୀଙ୍କର ଷୋଳପୂଜା ଅନୁଷ୍ଠିତ ଆରମ୍ଭ ହେବା ସହ ବେଶ ଆରମ୍ଭ ହୋଇଛି । ଷୋଳ ଦିନରେ ଷୋଳ ପ୍ରକାର ବେଶ ଅନୁଷ୍ଠିତ ହେବ । ସେହିପରି ଶ୍ରୀକ୍ଷେତ୍ରରେ ଥିବା ଚଣ୍ଡୀ ପୀଠରେ ଷୋଳ ପୂଜା ଆରମ୍ଭ ହୋଇଛି । ଶ୍ରୀକ୍ଷେତ୍ରର କାଳିକାଦେବୀ ସାହିର ମା ଦକ୍ଷିଣକାଳୀ, ବାସେଳୀ ସାହିର ମା ବାସେଳୀ, ବାଲିକୁଦା ରାମଚଣ୍ଡୀ ସାହିର ମା ରାମଚଣ୍ଡୀ, କୁଣ୍ଢେଇବେଂଟ ସାହି ଅନ୍ତର୍ଗତ ବିଶୁନି ଯାଗା ସ୍ଥିତ ମା ରାମଚଣ୍ଡୀ, ଭଗବତୀ କୋଟ ସ୍ଥିତ ମା ଭଗବତୀ, ବିମାନବଡୁ ସାହିର ସର୍ବ ମଙ୍ଗଳା, ବାସେଳୀ ସାହିର ମା ମଙ୍ଗଳା ଓ ଅବକାଶ ଲେନ୍ ର ମା ଭୁବନେଶ୍ୱରୀ ଆଦି ଦେବୀଙ୍କର ମଧ ଷୋଳପୂଜା ଅନୁଷ୍ଠିତ ହେବା ସହ ଷୋଳ ଦିନ ଧରି ଏହି ଦେବୀମାନେ ବିଭିନ୍ନ ବେଶରେ ଦର୍ଶନ ଦେବେ । ମରିଚକୋଟ ସ୍ଥିତ ମା ମରିଚେଇ ଠାକୁରାଣୀଙ୍କର ମହାଳୟା ଠାରୁ ବେଶ ଆରମ୍ଭ ହେବ । ଚୁଡଙ୍ଗ ସାହିର ମା ବିଶ୍ୱେଶ୍ୱରୀ, ବାଲି ସାହିର ମା ଶ୍ୟାମାକାଳୀ, ଦଇତାପଡ଼ା ସାହି ସ୍ଥିତ ମା ହାତଯୋଡ଼ି ଠାକୁରାଣୀ, ମିଶ୍ର ସାହି ସ୍ଥିତ ମା ଅଲେଇ, ମା ବାଟ ମଙ୍ଗଳା ଓ ଅଠରନଳା ନିକଟ ମା ଭୁବନେଶ୍ୱରୀ ଭଳି ଅନେକ ଦେବୀ ପୀଠରେ ଦେବୀ ମାନଙ୍କର ମହାସପ୍ତମୀରୁ ବିଭିନ୍ନ ବେଶ ଆରମ୍ଭ ହେବ । ନୀତିକାନ୍ତି ସହ ପ୍ରତିଦିନ ବେଶ ଦର୍ଶନ ପାଇଁ ଭକ୍ତଙ୍କ ଭିଡ଼ ଜମିବ ।

# ବସ୍ -ବାଇକ୍ ମୁହାଁମୁହିଁ, ଜଣେ ଗୁରୁତର

କେନ୍ଦୁଝର, ୧୬/୦୯ (ନି.ପ୍ର): ଆଜି ଅପରାହ୍ନରେ ଉଖୁଣ୍ଡା -ଚମ୍ପୁଆ ରାସ୍ତାରେ ଘଟିଛି ଦୁର୍ଘଟଣା । ଧବଳେଶ୍ୱର ବସ୍ ସହ ବାଇକ୍ ମୁହାଁମୁହିଁ ଧକ୍କା ହୋଇଛି । ଧକ୍କା ଏତେ ଯୋରଦାର ଥିଲା ଯେ ବାଇକ୍ ସିଧା ବସ୍ ଭିତରେ ପଶିଯାଇଛି । ଏହି ଦୁର୍ଘଟଣା ଫଳରେ ବାଇକ୍ ଆରୋହୀ ଯୁବକ ଜଣକ ଗୁରୁତର ହୋଇଛନ୍ତି । ଘଟଣାସ୍ଥଳରେ ପୋଲିସ ପହଂଚି ତଦନ୍ତ ଆରମ୍ଭ କରିଛି ।

# ସରକାରୀ କୃଷି ମହାବିଦ୍ୟାଳୟର ପ୍ରତିଷ୍ଠା କ୍ରିୟାନୁଷ୍ଠାନ ସମିତି ପକ୍ଷରୁ କେନ୍ଦ୍ରମନ୍ତ୍ରୀଙ୍କୁ ଦାବିପତ୍ର

ବାଲେଶ୍ୱର, ୧୬/୦୯ (ନି.ପ୍ର): କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ବାଲେଶ୍ୱର ଗସ୍ତ ଅବସରରେ ସୋମବାର ଦିନ ପୂର୍ବାହ୍ନରେ ବାଲେଶ୍ୱର ସର୍କିଟ୍ ହାଉସ୍‌ଠାରେ ସରକାରୀ କୃଷି ମହାବିଦ୍ୟାଳୟ ପ୍ରତିଷ୍ଠା କ୍ରିୟାନୁଷ୍ଠାନ ସମିତି ପକ୍ଷରୁ ଏକ ପ୍ରତିନିଧିଦଳ ତାଙ୍କୁ ସାକ୍ଷାତ୍ କରି ବାଲେଶ୍ୱରରେ ଏକ କୃଷି ମହାବିଦ୍ୟାଳୟ ଓ ଗବେଷଣା କ୍ଷେତ୍ର ପ୍ରତିଷ୍ଠା ପାଇଁ ଦାବିପତ୍ର ପ୍ରଦାନ କରିଛନ୍ତି । ବାଲେଶ୍ୱର ଏକ କୃଷିପ୍ରଧାନ ଜିଲ୍ଲା ହୋଇଥିଲାବେଳେ ରାଜ୍ୟ ସରକାର ଏଥିପାଇଁ ତ୍ୱରିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାପାଇଁ ପ୍ରତିନିଧିମାନେ ମନ୍ତ୍ରୀଙ୍କୁ ନିବେଦନ କରିଥିଲେ । ଏହି ସାକ୍ଷାତକାର ସମୟରେ ସରକାରୀ ଦଳର ଉପମୁଖ୍ୟ ସଚେତକ ତଥା ରେମୁଣା ବିଧାୟକ ଗୋବିନ୍ଦ ଚନ୍ଦ୍ର ଦାସ ବାଲେଶ୍ୱର ସଦର ବିଧାୟକ ମାନସ କୁମାର ଦତ୍ତ ଓ ନୀଳଗିରି ବିଧାୟକ ସନ୍ତୋଷ କୁମାର ଖଟୁଆ ପ୍ରମୁଖ ଉପସ୍ଥିତ ଥିଲେ । ଏହି ଦାବି ସଂପର୍କରେ ସରକାରଙ୍କୁ ଅବଗତ କରାଇ ଆବଶ୍ୟକୀୟ କାର୍ଯ୍ୟପନ୍ଥା ଗ୍ରହଣ କରିବାକୁ ମାନ୍ୟବର ମନ୍ତ୍ରୀ ପ୍ରତିଶ୍ରୁତି ଦେଇଥିବା ସଂପର୍କରେ କ୍ରିୟାନୁଷ୍ଠାନ ସମିତିପକ୍ଷରୁ କୁହାଯାଇଛି । ବାଲେଶ୍ୱରର ମାନ୍ୟବର ବିଧାୟକମାନେ ଏଥିପାଇଁ ଆସନ୍ତା ବିଧାନସଭାରେ ବାଲେଶ୍ୱରବାସୀଙ୍କ ଏହି ଦୀର୍ଘଦିନର ଦାବି ସଂପର୍କରେ ବିଧାନସଭା ଗୃହରେ ସରକାରଙ୍କ ଦୃଷ୍ଟିକୁ ଆଣିବାପାଇଁ ମଧ ପ୍ରତିଶ୍ରୁତି ଦେଇଛନ୍ତି । ଏହି ଆଲୋଚନାରେ କ୍ରିୟାନୁଷ୍ଠାନ ସମିତିର ସଭାପତି ଡ. କେଶବ ଚରଣ ପଣ୍ଡା, କାର୍ଯ୍ୟକାରୀ ସଭାପତି ନିରଞ୍ଜନ ପରିଡ଼ା, ସାଧାରଣ ସଂପାଦକ ଅଭୟ ଚନ୍ଦ୍ର ମିଶ୍ରଙ୍କ ସମେତ ପ୍ରଫୁଲ୍ଲ କୁମାର ଦାସ, ଭାସ୍କର ଚନ୍ଦ୍ର ପାଢ଼ୀ, ନିରଞ୍ଜନ ରାଉତ, ଶ୍ୟାମସୁନ୍ଦର ଜେନା, ଯତୀନ୍ ପାତ୍ର, ଯୋଗେଶ ଚନ୍ଦ୍ର ପ୍ରଧାନ ଓ ରମେଶ ଚନ୍ଦ୍ର ଜେନା ପ୍ରମୁଖ ଅଂଶଗ୍ରହଣ କରିଥିଲେ । ରବିବାର ଅପରାହ୍ନରେ କ୍ରିୟାନୁଷ୍ଠାନ ସମିତିର କାର୍ଯ୍ୟକାରୀ କମିଟି ବୈଠକରେ ଆସନ୍ତା ମଙ୍ଗଳବାରଦିନ ରେମୁଣା ବ୍ଲକ୍ ଅଫିସ୍ ସମ୍ମୁଖରେ ସ୍ଥାନୀୟ କମିଟି ପକ୍ଷରୁ ଗଣଧାରଣା ଦିଆଯିବାକୁ ନିଷ୍ପତ୍ତି ନିଆଯାଇଛି । ଚଳିତ ବିଧାନସଭା ଅଧିବେଶନ ସମୟରେ କ୍ରିୟାନୁଷ୍ଠାନ ସମିତିର ପ୍ରମୁଖ କର୍ମକର୍ତ୍ତା ଭୁବନେଶ୍ୱରରେ ବାଲେଶ୍ୱର ଜିଲ୍ଲାର ସମସ୍ତ ବିଧାୟକମାନଙ୍କୁ ସାକ୍ଷାତ କରି ବାଲେଶ୍ୱରରେ କୃଷି ସମ୍ବନ୍ଧୀୟ ଏକ ଉଚ୍ଚ ଶିକ୍ଷାନୁଷ୍ଠାନ ଓ ଗବେଷଣା କ୍ଷେତ୍ର ପ୍ରତିଷ୍ଠା ପାଇଁ ରାଜ୍ୟ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବା ନିମିତ୍ତ ନିଷ୍ପତ୍ତି ନିଆଯାଇଛି ।

# ସୃଷ୍ଟି ନିର୍ଣ୍ଣାୟକ ଦେବଶିଳ୍ପୀ ବିଶ୍ୱକର୍ମା



## ଡକ୍ଟର ଲକ୍ଷ୍ମଣ ସାହୁ



ବିଶ୍ୱକର୍ମା ବୈଦିକ ଓ ପୌରାଣିକ ଦେବତା ଅଟନ୍ତି । ବେଦରେ ସେ କେତେବେଳେ ସୂର୍ଯ୍ୟଙ୍କ ସହିତ ଏକ ହୋଇଛନ୍ତି ପୁଣି କେତେବେଳେ ଅଗ୍ନିଙ୍କ ସହିତ ଏକ ହୋଇ ଗଲେଣି । ଋଗବେଦର ଦଶମ ମଣ୍ଡଳରେ ଦୁଇଟି ସୂକ୍ତରେ ବିଶ୍ୱକର୍ମାଙ୍କୁ ସ୍ତୁତି କରାଯାଇଛି । କୁହାଯାଇଛି ବିଶ୍ୱକର୍ମା ବିଶ୍ୱଭୁବନରେ ଯଜ୍ଞ କରନ୍ତି - ସେ ହେତା, ଋଷି, ସେ ଆମ୍ଭ ମାନଙ୍କର ପିତା – 'ଯ ଇମା ବିଶ୍ୱଭୁବନାନି ଜୁହ୍ୱୃଷି ହେତା ନ୍ୟସାଦତ୍ ପିତା ନଃ ।' ସେ ପୁଣି ବିଶ୍ୱଚକ୍ଷୁ, ଭୂମି ସୃଷ୍ଟି କରିଛନ୍ତି । ମହତ୍ତ୍ୱ ଦ୍ୱାରା ଆକାଶକୁ ବିସ୍ତୃତ କରିଛନ୍ତି । ସେ ହିଁ ସହସ୍ରଶୀର୍ଷୀ ବିରାଟପୁରୁଷ - ସର୍ବତ୍ର ହିଁ ତାଙ୍କ ମୁଖ, ଚକ୍ଷୁ, ବାହୁ ଓ ପଦ । ସେ ଆକାଶ ପୃଥିବୀର ସ୍ରଷ୍ଟା । ପୁନର୍ବାର ସେ ବାଚସ୍ପତି ବା ବାକ୍ୟର ଅଧିପତି । ସେ ସବୁ କିଛି ନିର୍ମାଣ କରନ୍ତି, ଧାରଣ କରନ୍ତି ଓ ଦର୍ଶନ ମଧ୍ୟ କରନ୍ତି । ଅଥର୍ବ ବେଦରେ କୁହାଯାଇଛି, ବିଶ୍ୱକର୍ମା ବିଶ୍ୱ ଦେବ, ତୁମେ ମହାନ୍, ତୁମେ ଇନ୍ଦ୍ରଙ୍କୁ ଅଭିଭୂତ କରିଛ । ତୁମେ ସୂର୍ଯ୍ୟଙ୍କୁ ପ୍ରକାଶିତ କରୁଥାଅ । ଭାଷ୍ୟକାର ଯାସ୍କ କୁହନ୍ତି, ବିଶ୍ୱକର୍ମା ସର୍ବସ୍ୱ କର୍ତ୍ତା । ଶୁକ୍ଳ ଯଜୁର୍ବେଦ ବିଶ୍ୱକର୍ମାଙ୍କୁ ଦକ୍ଷିଣା ବୋଲି କହିଛି । ଦକ୍ଷିଣ ଶବ୍ଦର ଅର୍ଥ ପ୍ରସନ୍ନ ।

ଋଷି ବିଶ୍ୱସ୍ରଷ୍ଟା ବିଶ୍ୱକର୍ମାଙ୍କର ପ୍ରସନ୍ନତା କାମନା କରିଛନ୍ତି । ଯଜ୍ଞାଗ୍ନିର ଗୋଟିଏ ନାମ ଦକ୍ଷିଣାଗ୍ନି । ଆଚାର୍ଯ୍ୟ ମହୀଧର କୁହନ୍ତି , ' ଦକ୍ଷିଣା ବିଶ୍ୱକର୍ମା ବାୟୁ - ବିଶ୍ୱ କରୋତି ସର୍ବ ସୃଜତୀତି ବିଶ୍ୱକର୍ମା ବାୟୁରୟଂ ଦକ୍ଷିଣା, ଦକ୍ଷିଣସ୍ୟା ଦିଶି ଆର୍ଯ୍ୟବର୍ଷାତ୍ ଭୂୟୋ ବାତି ।' ବୃହଦେବ ତାଙ୍କ ମତରେ ବିଶ୍ୱକର୍ମା ବର୍ଷାକାଳୀନ ସୂର୍ଯ୍ୟ । ସେ କହନ୍ତି ଖ୍ରୀଷ୍ମମାସ ଅତିକ୍ରାନ୍ତ ହେଲେ ଯାହାଙ୍କ ବିନା ପୃଥିବୀ ରହିପାରେନା, ସେ ବିଶ୍ୱର କର୍ମ (କୃଷିକର୍ମ) ସୃଷ୍ଟି କରନ୍ତି , ଏହି ଦୃଷ୍ଟିରୁ ତାଙ୍କୁ ବିଶ୍ୱକର୍ମା କୁହାଯାଏ । "ବିଶ୍ୱ କର୍ମୈଷ ତେନ ହଃ' । ସେଥିପାଇଁ ବୋଧହୁଏ ବର୍ଷା ଆଗମନେ ଭାଦ୍ରବ ସଂକ୍ରାନ୍ତିରେ ବିଶ୍ୱକର୍ମାଙ୍କୁ ପୂଜା କରାଯାଇଥାଏ । ସେ ବର୍ଷାର ଦେବତା ଇନ୍ଦ୍ର ହୋଇଥିବାରୁ ତାଙ୍କର ବାହନ ହସ୍ତୀ ।

ଦେବଶିଳ୍ପୀ ବିଶ୍ୱକର୍ମା ସମସ୍ତ ଶିଳ୍ପ ଓ ଶିଳ୍ପୀଙ୍କ କୁଳଦେବତା । ପୁରାଣରେ ଉଲ୍ଲେଖ ଅଛି ସେ ଅଷ୍ଟମ ବସୁଦେବତା ପ୍ରଭାସଙ୍କ ଔରସରେ ଯୋଗସିଦ୍ଧାଙ୍କ ଗର୍ଭରୁ ଜନ୍ମଗ୍ରହଣ କରିଥିଲେ । ମତାନ୍ତରେ ପ୍ରଜାପିତା ବ୍ରହ୍ମାଙ୍କ ନାଭି କମଳରୁ ଦେବଶିଳ୍ପୀ ବିଶ୍ୱକର୍ମାଙ୍କ ଜନ୍ମ । ଚତୁର୍ଭୁଜ ବିଶ୍ୱକର୍ମା, ବାମ ଉପର ହାତରେ ବଟାଳି ଓ ବାମ ତଳ ହାତରେ ମାର୍ତ୍ତୁଲି, ଦକ୍ଷିଣ ଉପର ହାତରେ ଚକ୍ର ଓ ତଳ ହାତରେ ଆଶୀର୍ବାଦ କରୁଥିବାର ଦେଖାଯାଏ । ଦିବ୍ୟ ବସ୍ତ୍ର ପରିହିତ ଗଳାରେ ରତ୍ନହାର, ଅନୁପମ ରତ୍ନଅଳଙ୍କାରରେ ବିଭୂଷିତ, କର୍ଣ୍ଣରେ ମକର କୁଣ୍ଡଳ ଶୋଭା ପାଇଥାଏ । ସେ ଜ୍ଞାନ ଓ ଅବସ୍ଥାରେ ସମୃଦ୍ଧ ହୋଇଥିଲେ ମଧ୍ୟ କିଶୋର ପରି ସର୍ବଦା ପ୍ରତିଭାତ ହୁଅନ୍ତି । ଅତ୍ୟନ୍ତ ସୁନ୍ଦର ତେଜସ୍ୱୀ କାମଦେବଙ୍କ ପରି କାନ୍ତିମାନ ଅଟନ୍ତି । ବିଶ୍ୱକର୍ମା ସକଳ ଶିଳ୍ପକଳାର ସୃଷ୍ଟିକର୍ତ୍ତା । କୁହାଯାଏ ବ୍ରହ୍ମାଙ୍କ ନିର୍ଦ୍ଦେଶରେ ବିଶ୍ୱକର୍ମା ସମଗ୍ର ସୃଷ୍ଟି ରଚନା କରିଥିଲେ । ଦେବତାମାନଙ୍କର ସମସ୍ତ ଶସ୍ତ୍ର ବିମାନ ଆଦି ତାଙ୍କଦ୍ୱାରା ବିନିର୍ମିତ । ସ୍ୱର୍ଗର ଅମରାବତୀ ହିଁ ତାଙ୍କ ନିର୍ମାଣର ଶ୍ରେଷ୍ଠ ନିଦର୍ଶନ ।

ମଣିଷର କାର୍ଯ୍ୟର ପାର୍ଥକ୍ୟରେ ଯେପରି ଜାତିର ସୃଷ୍ଟି ସେହିପରି ଭଗବାନଙ୍କୁ ମଧ୍ୟ ନାନା ରୂପରେ ପରିକଳ୍ପନା କରାଯାଇଛି । ଯେତେବେଳେ ସୃଷ୍ଟି କରନ୍ତି ସେତେବେଳେ ସେ ବ୍ରହ୍ମା, ଯେତେବେଳେ ପାଳନ କରନ୍ତି ସେତେବେଳେ ବିଷ୍ଣୁ, ଯେତେବେଳେ ସଂହାର କରନ୍ତି ସେତେବେଳେ ସେ ରୁଦ୍ର ସେହିପରି ସେ ଯେତେବେଳେ ଶିଳ୍ପୀ ସେତେବେଳେ ସେ ବିଶ୍ୱକର୍ମା ବୋଲି ପରିଚିତ ହୁଅନ୍ତି । ବିଶ୍ୱକର୍ମା ଅନ୍ୟ ଅର୍ଥରେ ବିଶ୍ୱର ସୃଷ୍ଟିକର୍ତ୍ତା । ଅନନ୍ତଶାୟୀ ନାରାୟଣଙ୍କ ନାଭିକମଳରୁ ଉତ୍ପନ୍ନ ହୋଇଥିବା ତ୍ରିକାଳଦର୍ଶୀ ବ୍ରହ୍ମା ହେଉଛନ୍ତି ସୃଷ୍ଟିକର୍ତ୍ତା । ଏହି କାରଣରୁ ବିଶ୍ୱକର୍ମାଙ୍କୁ ବ୍ରହ୍ମାରୂପେ କଳ୍ପନା କରାଯାଇ ପୂଜା କରାହୁଏ ।

ଶାସ୍ତ୍ରରେ ବିଶ୍ୱକର୍ମାଙ୍କ ପାଞ୍ଚ ଅବତାର କଥା ଉଲ୍ଲେଖ ରହିଛି । ଯଥା - ବିରାଟ ବିଶ୍ୱକର୍ମା , ଧର୍ମବଂଶୀ ବିଶ୍ୱକର୍ମା , ଅଗ୍ନିବଂଶୀ ବିଶ୍ୱକର୍ମା , ସୁଧନ୍ୱା ବିଶ୍ୱକର୍ମା ଓ ଭୃଗୁବଂଶୀ ବିଶ୍ୱକର୍ମା । ସ୍କନ୍ଦ ପୁରାଣ ଅନୁଯାୟୀ ବ୍ରହ୍ମା ସ୍ୱରୂପ ଭଗବାନ ବିଶ୍ୱକର୍ମାଙ୍କର ପଞ୍ଚ ମୁଖ । ବିଶ୍ୱକର୍ମାଙ୍କର ପଞ୍ଚମୁଖ ତଥା ତାଙ୍କର ପଞ୍ଚପୁତ୍ରଙ୍କ ନାମ ହେଲା - ମନୁ, ମୟ, ତ୍ୱଷ୍ଟା, ଶିଳ୍ପୀ ଓ ଦେବଜ୍ଞ ଏମାନେ ସମସ୍ତେ ସମାଜର ସେବାକାରୀ ପ୍ରଚଣ୍ଡ ଦିବ୍ୟ ମହର୍ଷି ଅଟନ୍ତି । ଏହି ପଞ୍ଚମୁଖର ନାମକରଣ ଅନୁସାରେ ଭଗବାନ ବିଶ୍ୱକର୍ମାଙ୍କର ପଞ୍ଚ ପୁତ୍ର ସଂସାରର ହିତ ପାଇଁ ତଥା ଯାନ୍ତ୍ରିକ ଅସ୍ତ୍ରଶସ୍ତ୍ର ଓ ଅନ୍ୟାନ୍ୟ ସାମଗ୍ରୀ ତିଆରି କରିଥିଲେ ।

ଦେବଶିଳ୍ପୀ ବିଶ୍ୱକର୍ମା କନ୍ୟା ସଂକ୍ରାନ୍ତିରେ ମର୍ତ୍ତ୍ୟରେ ଆବିର୍ଭୂତ ହୋଇଥିଲେ । 'ବିଶ୍ୱ ସ୍ୱସ୍ୟ କର୍ମନ୍' ଇତି ବିଶ୍ୱକର୍ମା । ବିଶ୍ୱକର୍ମା ମଧ୍ୟ ତ୍ୱଷ୍ଟା ନାମରେ ବିଦିତ । ବାମନ ପୁରାଣ ସେ ଚିତ୍ରାଙ୍ଗଦାଙ୍କ ପିତା ଥିଲେ । 'ଚିତ୍ରାଙ୍ଗଦାୟଃ ପିତରଂ ମାଂ ତ୍ୱଷ୍ଟାରଂ ତପୋଧନେ' (ବାମନ ପୁରାଣ - ୬୫ /୧୦୨) । ତ୍ୱଷ୍ଟା - ତ୍ୱକ୍ଷତତ୍ ଅର୍ଥାତ୍ ତ୍ୱଷ୍ଟା ବଢ଼ାଇ, ନିର୍ମାତା, କାରିଗର ଆଦି ଅର୍ଥରେ ବ୍ୟବହୃତ ହେବା ସହିତ ବିଶେଷକରି ବିଶ୍ୱକର୍ମା ଅର୍ଥରେ ପ୍ରଯୁଜ୍ୟ । ବ୍ରହ୍ମ ବୈବର୍ତ୍ତ ପୁରାଣରେ ବିଶ୍ୱକର୍ମାଙ୍କ ବଂଶାନୁଚରିତ ବିବର୍ଣ୍ଣିତ । ପୁନଶ୍ଚ ଉକ୍ତ ପୁରାଣରୁ ଜଣାଯାଏ ଯେ, ଘୃତାଚୀ ସ୍ୱର୍ଗବେଶ୍ୟା ହିଁ ବିଶ୍ୱକର୍ମାଙ୍କ ପତ୍ନୀ ଥିଲେ । 'ଅମର କୋଷ' ବର୍ଣ୍ଣନା ଅନୁସାରେ ସ୍ୱର୍ଗ ବେଶ୍ୟାମାନଙ୍କ ମଧ୍ୟରେ ଘୃତାଚୀ ଅନ୍ୟତମ ଥିଲେ ।

ବ୍ରହ୍ମବୈବର୍ତ୍ତ ପୁରାଣମତେ ଏକଦା ଘୃତାଚୀ କାମଦେବଙ୍କ ନିକଟକୁ ରମଣାର୍ଥେ ପୁଷ୍କର ତୀର୍ଥକୁ ଗମନ କରିବା ବେଳେ ଦେବଶିଳ୍ପୀ ବିଶ୍ୱକର୍ମା ଭେଟିଥିଲେ । ଘୃତାଚୀ ସୌନ୍ଦର୍ଯ୍ୟରେ ବିମୁଗ୍ଧ ହୋଇ ବିଶ୍ୱକର୍ମା ଆସକ୍ତ ହୋଇଥିଲେ । ଘୃତାଚୀ କିନ୍ତୁ କାମଦେବଙ୍କ ସହ ରମଣ ଉଦ୍ଦେଶ୍ୟରେ ଥିବାରୁ ବାରଣ କଲେ । କହିଲେ " ସ୍ୱର୍ଗର ନିୟମ ଅନୁସାରେ ଯେଉଁ ଦିନ ଦେବତାଙ୍କ ପ୍ରତି ସ୍ୱର୍ଗବେଶ୍ୟାମାନଙ୍କ ଅଭିଳାଷ ଥାଏ ସେଦିନ ସେହି ନିର୍ଦ୍ଦିଷ୍ଟ ଦେବତା ହିଁ ପତି ସ୍ୱରୂପ । ଏଣୁ କାମଦେବ ମୋ ପକ୍ଷେ ଆଜି ଦିନର ପତି ସ୍ୱରୂପ । ତୁମେ ବିଶ୍ୱକର୍ମା ମଧ୍ୟ କାମଦେବଙ୍କ ଶିଷ୍ୟ । ଏଣୁ ଗୁରୁପତ୍ନୀ ହରଣ କରିବା ଅବିଧେୟ । ଆସନ୍ତାକାଲି ତୁମେ ମୋର ପତି ହେବ ନିଶ୍ଚୟ ।" ଘୃତାଚୀଙ୍କ ଘୋର ବାରଣ ହେତୁ ବିଶ୍ୱକର୍ମା କ୍ରୋଧାନ୍ୱିତ ହୋଇ ଘୃତାଚୀଙ୍କୁ ମର୍ତ୍ତ୍ୟରେ ଶୂଦ୍ରନାରୀ ଭାବେ ଜନ୍ମହେବାକୁ ଅଭିଶାପ ଦେଲେ । ଘୃତାଚୀ ମଧ୍ୟ ବିଶ୍ୱକର୍ମାଙ୍କୁ ମର୍ତ୍ତ୍ୟରେ ମାନବ ହୋଇ ଜନ୍ମହେବାକୁ ପ୍ରତି ଅଭିଶାପ ଦେଲେ । ବିଶ୍ୱକର୍ମା ଘୃତାଚୀର ଅଭିଶାପ ପ୍ରସଙ୍ଗ ସୃଷ୍ଟିକର୍ତ୍ତା ବ୍ରହ୍ମାଙ୍କୁ ଜଣାଇଲେ ଓ ତାହାର ନିରାକରଣ ବିଷୟରେ ପ୍ରଶ୍ନକଲେ । କିନ୍ତୁ ବ୍ରହ୍ମା ଘୃତାଚୀର ଭିନ୍ନ ବୃତ୍ତି ସତ୍ତ୍ୱେ ସ୍ୱର୍ଗରେ ପତିବ୍ରତା ସତୀର ମାନ୍ୟତା ଦେବାରୁ ତାହାର ଅଭିଶାପ ନିଷ୍ଫଳ ନୁହେଁ ବୋଲି ବିଶ୍ୱକର୍ମାଙ୍କୁ କହିଲେ ।

ପରବର୍ତ୍ତୀ କାଳରେ ବିଶ୍ୱକର୍ମା ବ୍ରାହ୍ମଣ କୁଳରେ ଜନ୍ମ ନେଇଥିଲେ ଓ ତାଙ୍କର ଜାତିସ୍ମର ଥିବାରୁ ସେ ସବୁକଥା ଜାଣି ପାରୁଥିଲେ । ରାଜାଙ୍କ ଆଦେଶରେ ସେ ପ୍ରୟାଗ ତୀର୍ଥରେ ବହୁ ଦେବାଦେବୀଙ୍କ ମନ୍ଦିର ନିର୍ମାଣ କରୁଥିବା ବେଳେ ଏକଦା ସେହି ସମୟରେ ଗଙ୍ଗାରେ ସ୍ନାନ କରୁକରୁ ଏକ ଅନିନ୍ଦ୍ୟ ରୂପବତୀ କନ୍ୟାକୁ ଦେଖିଲେ ଜାଣିପାରିଲେ ସେ ଘୃତାଚୀ ବୋଲି । ଘୃତାଚୀ ମଧ୍ୟ ବିଶ୍ୱକର୍ମାଙ୍କୁ ଜାଣିପାରିଲେ । ବ୍ରହ୍ମାଙ୍କ କଥା ଅନୁସାରେ ଉଭୟ ଗଙ୍ଗାତୀରସ୍ଥ ମଳୟ ବନରେ ବିବାହ କରି ଏକାଠି ବାରବର୍ଷ ବିତାଇଲେ । ତାଙ୍କଠାରୁ ନଅଟି ସନ୍ତାନ ଉତ୍ପତ୍ତି ହୋଇଥିଲେ । ପୁତ୍ରମାନଙ୍କ ମଧ୍ୟରେ ମାଳାକାର, କର୍ମକାର, କଂସାରି, ଶଙ୍ଖାରି, କୁମ୍ଭକାର, କୁନ୍ଦବିକ, ସୂତ୍ରଧର, ସ୍ୱର୍ଣ୍ଣକାର ଓ ଚିତ୍ରକର । ସେହି ପୁତ୍ରଙ୍କ ମଧ୍ୟରୁ ମାଳାକାରଙ୍କୁ ପୁଷ୍ପଶିଳ୍ପ, କର୍ମକାରଙ୍କୁ ଲୌହ ଶିଳ୍ପ, କାଂସ୍ୟକାରଙ୍କୁ କଂସା ଶିଳ୍ପ, ସୂତ୍ରଧରଙ୍କୁ କାଠ ଶିଳ୍ପ, ତନ୍ତୀଙ୍କୁ ବୟନଶିଳ୍ପ, କୁମ୍ଭକାରଙ୍କୁ ମୃତ୍ତିକା ଶିଳ୍ପ, ସ୍ୱର୍ଣ୍ଣକାରଙ୍କୁ ଅଳଙ୍କାର ଓ ଚିତ୍ରକାରଙ୍କୁ ଅଙ୍କନ ଶିଳ୍ପ ବିଦ୍ୟା ଶିକ୍ଷା ଦେଇ ବିଶ୍ୱକର୍ମା ସେମାନଙ୍କୁ ସୁଶିକ୍ଷିତ କରାଇଥିଲେ । କନ୍ୟା ଚିତ୍ରାଙ୍ଗଦା ମଧ୍ୟ ପିତାଙ୍କଠାରୁ ଶିଲେଇ ଶିଳ୍ପ ଶିକ୍ଷାଦାନ ପାଇଥିଲେ ।

ବେଦର ସେହି ବିଶ୍ୱସ୍ରଷ୍ଟା ପୁରାଣର ସେହି ବିଶ୍ୱକର୍ମାଙ୍କୁ ସାଧାରଣତଃ ଦେବଶିଳ୍ପୀ ଭୂମିକାରେ ସେ । ସେ 'କର୍ତ୍ତାଶିଳ୍ପ-ସହସ୍ରାଣମ୍' ସହସ୍ର ସହସ୍ର ଶିଳ୍ପର ସେ ଅଧିକର୍ତ୍ତା । ସେ 'ଦେବାନାଂ କାର୍ଯ୍ୟସାଧକଃ' – ଦେବତା ମାନଙ୍କର ଶିଳ୍ପ କାର୍ଯ୍ୟ ସାଧକ । ବିଶ୍ୱକର୍ମାଙ୍କ ଜନ୍ମ କଥା ବିଭିନ୍ନ ପୁରାଣ ଭିନ୍ନଭିନ୍ନ ମତ ରହିଛି । ବ୍ରହ୍ମ ବୈବର୍ତ୍ତ ପୁରାଣ କହେ ବ୍ରହ୍ମାଙ୍କ ନାଭିଦେଶରୁ ବିଶ୍ୱକର୍ମାଙ୍କ ଜନ୍ମ । କିନ୍ତୁ ବେଦରେ ବିଶ୍ୱକର୍ମାଙ୍କୁ ଅଜାତ ପୁରୁଷ ବା ସନାତନ ପୁରୁଷ ରୂପେ ବର୍ଣ୍ଣନା କରିଛି । ପୁରାଣର ବିଶ୍ୱକର୍ମା ବିମାନ ନିର୍ମାତା ଓ କାରୁକାର ଓ ଚିତ୍ରଶିଳ୍ପକାରକ । ସେ ଅଳଙ୍କାର ଓ ଭୂଷଣ ପ୍ରସ୍ତୁତକାରକ । ମାନବ ଶିଳ୍ପୀମାନେ ବିଶ୍ୱକର୍ମାଙ୍କ ପ୍ରବର୍ତ୍ତିତ ଶିଳ୍ପ ସାଧନାକୁ ଉପଜୀବ୍ୟ କରି ବଞ୍ଚି ରହିଛନ୍ତି । କୁଞ୍ଜର ପର୍ବତରେ ଅବସ୍ଥିତ ଅଗସ୍ତ୍ୟଙ୍କ ଭବନ, କୁବେରଙ୍କ ଅଳକାପୁରୀ, ରାବଣର ସ୍ୱର୍ଣ୍ଣଲଙ୍କା, ଯଦୁପତି ଶ୍ରୀକୃଷ୍ଣଙ୍କର ସୁରକ୍ଷିତ ସୁରମ୍ୟ ଓ ସୁବ୍ୟବସ୍ଥିତ ରାଜଧାନୀ ଦ୍ୱାରକା ବିଶ୍ୱକର୍ମାଙ୍କ ବାସ୍ତୁବିଦ୍ୟା ଓ ନଗର ପରିକଳ୍ପନା ବିଷୟକ ଜ୍ଞାନର ଉଜ୍ଜଳ ଦୃଷ୍ଟାନ୍ତ ଏସବୁ ।

ବିଶ୍ୱକର୍ମାଙ୍କ ବିରଚିତ ଭାସ୍କର୍ଯ୍ୟ ଶିଳ୍ପର ଅନୁପମ ଦର୍ଶନ - ତିଲୋତ୍ତମା । ଦେବଦେଶୀ ସୁନ୍ଦ ଓ ଉପସୁନ୍ଦଙ୍କୁ ବିନାଶ କରିବା ନିମିତ୍ତ ବିଶ୍ୱର ସମସ୍ତ ସୌନ୍ଦର୍ଯ୍ୟ ତିଳ ତିଳ କରି ଆହରଣ ପୂର୍ବକ ସେ ଏହି ଲାବଣ୍ୟବତୀ ତିଲୋତ୍ତମାଙ୍କୁ ସର୍ଜନା କରିଥିଲେ । ଅସୁର ଭ୍ରାତୃଦ୍ୱୟ ପରସ୍ପର ଯୁଦ୍ଧ କରି ସେହି ରୂପସୀର ଅନଳେ ଦଗ୍ଧ ହୋଇଛନ୍ତି । ମତ୍ସ୍ୟପୁରାଣରେ ଅନୁସାରେ କୂପ ଓ ତଡ଼ାଗାଦି ଖନନ, ପ୍ରତିମାଦି ଗଠନ, ଗୃହ ଓ ଉଦ୍ୟାନର ପରିକଳ୍ପନା ସମସ୍ତ ଶିଳ୍ପର ଉଦ୍ ?ଭାବକ ଓ କାର୍ଯ୍ୟକାରକ ବିଶ୍ୱକର୍ମା । ଦେବତାମାନଙ୍କ ନୂତନ ମାରଣାସ୍ତ୍ର ବିଶ୍ୱକର୍ମା ପ୍ରସ୍ତୁତ କରିଛନ୍ତି । ତାଙ୍କ ନିର୍ମିତ ଧନୁରେ ଶଙ୍କର ତ୍ରିପୁରାସୁରଙ୍କୁ ସଂହାର କରିଥିଲେ, ପର୍ଶୁରାମ ଆୟତଧନୁରେ ଏକୋଇଶଥର ପୃଥିବୀ ନିଃକ୍ଷେତ୍ରିୟ କରିଥିଲେ, ସେହି ଦୁଇଟି ଧନୁ ବିଶ୍ୱକର୍ମାଙ୍କ ଦ୍ୱାରା ନିର୍ମାଣ ହୋଇଥିଲା ।

ରାମାୟଣ ବର୍ଣ୍ଣନା ଅନୁସାରେ ରାବଣର ସ୍ୱର୍ଣ୍ଣ ଲଙ୍କାପୁର, ହରିବଂଶ ବର୍ଣ୍ଣନା ଅନୁସାରେ ଦ୍ୱାରିକାଧାମ, ସ୍କନ୍ଦପୁରାଣ ବର୍ଣ୍ଣନା ଅନୁସାରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଶ୍ରୀ ବିଗ୍ରହ ଆଦି ବିଶ୍ୱକର୍ମାଙ୍କଦ୍ୱାରା ବିନିର୍ମିତ ହୋଇଛି । କିମ୍ବଦନ୍ତୀ ଅନୁଯାୟୀ ଜଗନ୍ନାଥଙ୍କ ଦାରୁ ମୂର୍ତ୍ତି ବିଶ୍ୱକର୍ମା ନିର୍ମାଣ କରିଥିଲେ । କୁହାଯାଏ ଭକ୍ତର ଭଗବାନ ସ୍ୱୟଂ ବଢ଼େଇ ରୂପରେ ଭକ୍ତର ମନୋବାଞ୍ଛା ପୂରଣ କରିବା ପାଇଁ ଆସି ନିଜର ମୂର୍ତ୍ତିକୁ ନିଜେ ଗଢ଼ିଥିଲେ ବୋଲି, ଓଡ଼ିଶାରେ ସାଧାରଣତଃ ଏହି ବୁଢ଼ା ବଢ଼େଇ ରୂପକୁ ହିଁ ବିଶ୍ୱକର୍ମାଙ୍କ ରୂପ ବୋଲି କଳ୍ପନା କରାଯାଏ ।

ନିଷ୍କର୍ଷରେ କେବଳ କହିହେବ ସେ ବ୍ରହ୍ମା, ବିଷ୍ଣୁ ଓ ମହେଶ୍ୱର ସ୍ୱରୂପ । ସେ ଏଭଳି ଦେବତା, ଦେବଶିଳ୍ପୀ, ମହାଭାଗ ଦେବତାମାନଙ୍କର କାରୁକାର୍ଯ୍ୟ ସାଧକ, ସର୍ବାଭିଷ୍ଟ ପ୍ରଦାନକାରୀ ବିଶ୍ୱକର୍ମନ୍, ଏ ସୃଷ୍ଟିର ବ୍ରହ୍ମାରୂପୀ ବିଶ୍ୱକର୍ମା । ହିନ୍ଦୁଙ୍କ ଆରାଧ ଦେବତା , ସୁଚିତ୍ରକର୍ମକାରକ । ତେଣୁ ପୁରାଣର ପ୍ରସିଦ୍ଧ ଯନ୍ତ୍ରୀ ଦେବଶିଳ୍ପୀ ବିଶ୍ୱକର୍ମାଙ୍କ ପ୍ରତି କୃତଜ୍ଞତା ଓ ଶ୍ରଦ୍ଧାଞ୍ଜଳୀର ନିଦର୍ଶନ ସ୍ୱରୂପ ଏଇ ଉତ୍ସବ ପାଳନ କରାଯାଏ । 'ବିଶ୍ୱକୃତ୍ ବିଶ୍ୱଧୃକ୍ ବାସନାମାନଦଣ୍ଡଧୃକ । ଓଁ ବିଶ୍ୱକର୍ମଣେ ନମଃ ।'

+ଅଧ୍ୟକ୍ଷ, ମହାନଦୀ ବିହାର ମହିଳା ସ୍ନାତକ ମହାବିଦ୍ୟାଳୟ , କଟକ -୪ ,
ଦୂରଭାଷ : ୯୦୪୦ ୧୫୧୪୭୫

# ଦେବଶିଳ୍ପୀ ବିଶ୍ୱକର୍ମା

## ଡକ୍ଟର ତପନ କୁମାର ପାଳ

ବିଶ୍ୱକର୍ମା ସ୍ୱର୍ଗର ଶ୍ରେଷ୍ଠ ଶିଳ୍ପୀ ସେ ଶିଳ୍ପରାଜ ବିଶ୍ୱକର୍ମା । ତାଙ୍କୁ ଦେବଶିଳ୍ପୀ ଭାବେ ଗ୍ରହଣ କରାଯାଇଥିଲେ ହେଁ ତାଙ୍କର ରୂପ ଓ ପ୍ରକୃତ ପରିଚୟ ଆଦିକୁ ନେଇ ନାନା କାହାଣୀ, କିମ୍ବଦନ୍ତୀ ରହିଛି । ତାଙ୍କୁ ବିଶ୍ୱନୟନ୍ତା ନାରାୟଣଙ୍କ ଏକ ରୂପ ଭାବେ ଅନେକେ ଗ୍ରହଣ କରିଛନ୍ତି । ବିଶ୍ୱକର୍ମାର ଏକ ଅର୍ଥ ହେଉଛି ସୃଷ୍ଟିକର୍ତ୍ତା । ପୁରାଣ ଅନୁଯାୟୀ ଅନନ୍ତଶୟନରେ ଶାୟିତ ନାରାୟଣଙ୍କର ନାଭି କମଳରୁ ସୃଷ୍ଟି ହୋଇଥିବା



ତ୍ରିକାଳଦର୍ଶୀ ବ୍ରହ୍ମା ହେଉଛନ୍ତି ସୃଷ୍ଟିକର୍ତ୍ତା । ଏଣୁ ତାଙ୍କୁ ବ୍ରହ୍ମାଙ୍କ ଏକ ରୂପ ଭାବେ ମଧ୍ୟ କଳ୍ପନା କରି ପୂଜା କରାଯାଏ । ପଶ୍ଚିମବଙ୍ଗ ଓ ବିହାରରେ ବିଶ୍ୱକର୍ମାଙ୍କୁ ଶ୍ରୀ ଶ୍ରୀ ନାରାୟଣ ଦେବ ଭାବେ ପୂଜା କରାଯାଏ । ମୁଖ୍ୟ କଥାଟି ହେଲା ଭଗବାନଙ୍କୁ ମଣିଷ ନାନା ରୂପରେ କଳ୍ପନା କରିଛି । ଯେତେବେଳେ ସେ ସୃଷ୍ଟି କରନ୍ତି, ସେତେବେଳେ ବ୍ରହ୍ମା ତାଙ୍କର ପାଳନକର୍ତ୍ତା ରୂପ ହେଉଛି ବିଷ୍ଣୁ; ଯେତେବେଳେ ସଂହାର କରନ୍ତି ସେତେବେଳେ ରୁଦ୍ର; ସେହିପରି ତାଙ୍କର ଶିଳ୍ପୀ ରୂପ ହେଉଛି ବିଶ୍ୱକର୍ମା ।

ସଂକ୍ଷେପରେ ଏତିକି ହିଁ କୁହାଯାଇପାରେ । ଆଶ୍ୱିନ ସଂକ୍ରାନ୍ତି ଦିନରେ ବିଶ୍ୱକର୍ମା ପୂଜା ପାଳନ କରାଯାଏ । ଏହି ପୂଜାରେ ତିଥି, ନକ୍ଷତ୍ର ଓ ମୁହୂର୍ତ୍ତ ଆଦିକୁ ବିଚାରକୁ ନିଆଯାଏନାହିଁ । ଅତୀତରେ ବିଶ୍ୱକର୍ମାଙ୍କ ମୂର୍ତ୍ତି ପୂଜା ପ୍ରଚଳିତ ନ ଥିଲା । କାରିଗରମାନେ ମୁଖ୍ୟତଃ ଆୟୁଧ ପୂଜା କରୁଥିଲେ ଏହି ପବିତ୍ର ଦିନରେ । କେହି କେହି ଘଟ ଓ ଶାଳଗ୍ରାମ ପୂଜା କରୁଥିଲେ । ବିଶ୍ୱକର୍ମାଙ୍କ ରୂପ ସଂପର୍କରେ ପ୍ରାଚୀନ ଶାସ୍ତ୍ରମାନଙ୍କରେ କିଛି ନିର୍ଦ୍ଦିଷ୍ଟ ବର୍ଣ୍ଣନା ନଥିବାରୁ ସଂଭବତଃ ତାଙ୍କର ପ୍ରତିମା ପୂଜା ପ୍ରଚଳିତ ନଥିଲା । ଦେଶରେ ଶିଳ୍ପର ବିକାଶ ପରେ ଦେବଶିଳ୍ପୀଙ୍କର ମୂର୍ତ୍ତି ପୂଜନ ଆରମ୍ଭ ହୋଇଥିଲା । ଦେବଶିଳ୍ପୀ ବିଶ୍ୱକର୍ମାଙ୍କ ସ୍ତୁତି - 'ଦେବଶିଳ୍ପୀ ମହାମୃଗ ଦେବାନଂ କାର୍ଯ୍ୟ ସାଧକ, ବିଶ୍ୱକର୍ମନ୍ନସ୍ତୁଭ୍ୟଂ ସର୍ବାଭୀଷ୍ଟ ପ୍ରଦାୟକ ।' ଓଡ଼ିଶାରେ କେତେକ ସ୍ଥାନରେ ବିଶ୍ୱକର୍ମାଙ୍କ ମୂର୍ତ୍ତି ତିଆରି କରାଯାଇ ଭକ୍ତିପୂତ ଆଡ଼ମ୍ବର ସହକାରେ ଦୁଇତିନି ଦିନ ଧରି ପୂଜା କରାଯାଏ । ବିଶ୍ୱକର୍ମାଙ୍କ ପୂଜା ହେଉଛି ସୃଷ୍ଟିର ନିର୍ମାଣର ଅନ୍ୟତମ ପାର୍ବଣ ।

ଏସବିଆଇ, ଷ୍ଟାଫ କଲୋନୀ, ଦେଉଳ ସାହି,
ତୁଳସୀପୁର, କଟକ,
ମୋ : ୯୯୩୭୬୫୮୩୬୨ / ୭୯୭୮୭୯୬୬୩୩

# ନମଃ ନମଃ ଦେବଶିଳ୍ପୀ...

## ରାମଚନ୍ଦ୍ର ବେହେରା



ଆସ ଦେବଶିଳ୍ପୀ ପ୍ରଭୁ ଚତୁର୍ଭୁଜ
ଆସ ପ୍ରଭୁ ମର୍ତ୍ତ୍ୟଧାମ
ତୁମ ଆଗମନେ ମଣ୍ଡପ ତୋରଣ
ଦିଶେ ବଡ ଶୋଭାବନ ।

କନ୍ୟା ସଂକରାନ୍ତି ଶୁଭ ମୁହୂର୍ତ୍ତରେ
ଆସ ପ୍ରଭୁ ଅବତରି
ବଟାଳି ମାର୍ତ୍ତୁଳ ପବିତ୍ର ପୁସ୍ତକ
କମଣ୍ଡଳୁ ହସ୍ତେ ଧରି ।

ଶିଳ୍ପୀ ଜଗତର ଆରାଧ ଦେବତା
ସକଳ ଶିଳ୍ପର ସ୍ରଷ୍ଟା
ଦେବଲୋକ ଯନ୍ତ୍ରୀ ସୁଦକ୍ଷ ବିଜ୍ଞାଣୀ
ନବ ନିର୍ମାଣର ଦ୍ରଷ୍ଟା ।

ସରଗପୁରୀର ଅମରାବତୀ ଯେ
ତୁମ ଶ୍ରେଷ୍ଠ କାରିଗରୀ
ସୁବର୍ଣ୍ଣ ଲଂକାର ସୁରମ୍ୟ ପ୍ରାସାଦ
କିଏ ହେବ ତା'ର ସରି ।

ଦେବାଦେବୀଂକର ଯାତାୟାତ ଯାନ
ପ୍ରତିରକ୍ଷା ଅସ୍ତ୍ରଶସ୍ତ୍ର
ଦ୍ୱାରକା ଭୁବନ ପ୍ରଭୁ ଜଗନ୍ନାଥ
ତୁମରି କଳ୍ପନା ମାତ୍ର ।

ଭବ୍ୟ ଇନ୍ଦ୍ରପ୍ରସ୍ଥ ବ୍ରହ୍ମାଂକ ଭବନ
ସବୁ ତୁମରି ସର୍ଜନା

ଲିପିବଦ୍ଧ ତୁମ କଳା ଓ ସୁରଭି
ଅତୁଳନୀୟ ଉପମା ।

କୃଷ୍ଣଂକ ନିର୍ଦ୍ଦେଶେ ସଖା ସୁଦାମାଂକ
ନଅର ତୋଳିଲ ଯାଇଁ
ଚଉଦିଗ ଆଜି ଚଳ ଓ ଚଂଚଳ
ତୁମ ଆଗମନ ପାଇଁ ।

ଜ୍ଞାନ କୌଶଳର ଅବିଶ୍ରାନ୍ତ ଶ୍ରମେ
ଗଢିଛ ସୁନ୍ଦର ବିଶ୍ୱ
ପ୍ରକୃତି କ୍ରୂରତା ରୋକିଦିଅ ପ୍ରଭୁ
ହେବାକୁ ନଦିଅ ଧ୍ୱଂସ ।

ତବ ଶ୍ରୀଚରଣେ ଏତିକି ବିନତୀ
ନମଃ ନମଃ ଦେବଶିଳ୍ପୀ
ସଭିଏଁ ରୁହନ୍ତୁ ସୁଖ ଓ ଶାନ୍ତିରେ
ତୁମ ନାମ ଜପି ଜପି ।

+ତେନ୍ତୁଳିପଦା, ଜଗତସିଂହପୁର
ମୋ-୭୩୫୫୬୩୪୩୪୬

# ମହାପ୍ରଭୁ ଶ୍ରୀଜଗନ୍ନାଥ ଓ ବିଶ୍ୱ ନିର୍ମାଣରେ ବିଶ୍ୱକର୍ମା



## ଡକ୍ଟର ଅମୂଲ୍ୟ କୁମାର ପଣ୍ଡା

ସମଗ୍ର ସୃଷ୍ଟି ଅର୍ଥାତ ତିନିପୁରରର ନିର୍ମାତା ହେଉଛନ୍ତି ଦେବ ଶିଳ୍ପୀ ବିଶ୍ୱକର୍ମା । ତାଙ୍କ ସୃଷ୍ଟି ର ପଟ୍ଟାନ୍ତର ନାହିଁ । ସେ କେତେବେଳେ ସୂର୍ଯ୍ୟଙ୍କ ସହିତ ଏକ ହୋଇ ଗଲେଣି ତ କେତେବେଳେ ଅଗ୍ନିଙ୍କ ସହିତ ତ କେତେବେଳେ ବିଷ୍ଣୁଙ୍କ ସହିତ । ସେ ବିଶ୍ୱଚକ୍ଷୁ, ଭୂମି ସୃଷ୍ଟି କରିଛନ୍ତି, ମହତ୍ତ୍ୱ ଦ୍ୱାରା ଆକାଶକୁ ବିସ୍ତୃତ କରିଛନ୍ତି । ସେ ପୁଣି ସର୍ବତ୍ର ବିଦ୍ୟମାନ ଆଉ ଚାରିଆଡ଼େ ହିଁ ତାଙ୍କ ମୁଖ, ଚକ୍ଷୁ, ବାହୁ ଓ ପଦ ଅବସ୍ଥିତ । ସେ ସ୍ୱର୍ଗ, ମର୍ତ୍ତ୍ୟ, ପୃଥିବୀ ଓ ପାତାଳର ସ୍ରଷ୍ଟା ପୁନର୍ବାର ସେ ବାକ୍ୟ, କର୍ମ ଓ ଧର୍ମର ଅଧିପତି । ସେ ସବୁ କିଛି ନିର୍ମାଣ କରନ୍ତି, ଧାରଣ କରନ୍ତି ଓ ଦର୍ଶନ ମଧ୍ୟ କରନ୍ତି । ବିଶ୍ୱକର୍ମା ହେଉଛନ୍ତି ଦେବତାମାନଙ୍କ ଶିଳ୍ପୀ । ସେ ଇନ୍ଦ୍ରଙ୍କ ବଜ୍ର ନିର୍ମାଣ କରିଥିଲେ । ସେହି ବଜ୍ରଦ୍ୱାରା ଇନ୍ଦ୍ର ବଧ କରିଥିଲେ ବୃତ୍ତକୁ । ସେ ଦେବତା ମାନଙ୍କର ଶିଳ୍ପ କାର୍ଯ୍ୟ ସାଧକ । ବିଶ୍ୱକର୍ମାଙ୍କ ଜନ୍ମ ସମ୍ବନ୍ଧରେ ବିଭିନ୍ନ ପୁରାଣ ଭିନ୍ନଭିନ୍ନ ମତ ଦିଅନ୍ତି । ବ୍ରହ୍ମ ବୈବର୍ତ୍ତ ପୁରାଣ କହେ ବ୍ରହ୍ମାଙ୍କ ନାଭିଦେଶରୁ ବିଶ୍ୱକର୍ମାଙ୍କ ଜନ୍ମ । ମାତ୍ର ବେଦରେ ବିଶ୍ୱକର୍ମାଙ୍କୁ ଅଜାତ ପୁରୁଷ ବା ସନାତନ ପୁରୁଷ ରୂପେ ବର୍ଣ୍ଣନା କରିଛି । ପୁରାଣର ବିଶ୍ୱକର୍ମା ବିମାନ ନିର୍ମାତା ଓ କାରୁକାର ଓ ଚିତ୍ରଶିଳ୍ପକାରକ । ସେ ଅଳଙ୍କାର ଓ ଭୂଷଣ ପ୍ରସ୍ତୁତକାରକ । କୁଞ୍ଜର ପର୍ବତରେ ଅବସ୍ଥିତ ଅଗସ୍ତ୍ୟଙ୍କ ଭବନ, କୁବେରଙ୍କ ଅଳକାପୁରୀ, ରାବଣର ସ୍ୱର୍ଣ୍ଣଲଙ୍କା, ଯଦୁପତି ଶ୍ରୀକୃଷ୍ଣଙ୍କର ସୁରକ୍ଷିତ ସୁରମ୍ୟ ଓ ସୁବ୍ୟବସ୍ଥିତ ରାଜଧାନୀ ଦ୍ୱାରକା ବିଶ୍ୱକର୍ମାଙ୍କ ବାସ୍ତୁବିଦ୍ୟା ଓ ନଗର ପରିକଳ୍ପନା ବିଷୟକ ଜ୍ଞାନର ଉଜ୍ଜଳ ଦୃଷ୍ଟାନ୍ତ । ଦେବତାମାନଙ୍କ ପାଇଁ ନୂଆନୂଆ ମାରଣାସ୍ତ୍ର ବିଶ୍ୱକର୍ମା ପ୍ରସ୍ତୁତ କରିଛନ୍ତି । ଯେଉଁ ପ୍ରସିଦ୍ଧ ଧନୁ ସାହାଯ୍ୟରେ ଶଙ୍କର ତ୍ରିପୁରାସୁରକୁ ସଂହାର କରିଥିଲେ, ଯେଉଁ ଆୟତଧନୁର ଅମିତ ବିକ୍ରମରେ ପରଶୁରାମ ଏକୋଇଶଥର ପୃଥିବୀ ନିଃକ୍ଷେତ୍ରିୟ କରିଥିଲେ, ସେହି ଦୁଇଟି ଧନୁ ବିଶ୍ୱକର୍ମାଙ୍କ ନିର୍ମାଣ କରିଥିଲେ ବୋଲି କୁହଯାଏ । ବିଶ୍ୱକର୍ମା ଏହି ପୃଥିବୀର ସ୍ରଷ୍ଟା । ତେଣୁ ସୃଷ୍ଟି ସୌରଭ ସେ ନିଜ ଅଙ୍ଗରେ ମାଖି ନେଇଛନ୍ତି ।



ବିଶ୍ୱକର୍ମା ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଦାରୁ ବିଗ୍ରହକୁ ମଧ୍ୟ ନିର୍ମାଣ କରିଥିଲେ । କିମ୍ବଦନ୍ତୀ ଅନୁଯାୟୀ ଇନ୍ଦ୍ରଦ୍ୟୁମ୍ନ ରାଜା ବାଙ୍କି ମୁହାଣରୁ ସଂଗ୍ରହ କରିଥିବା ଦାରୁରେ ଜଗନ୍ନାଥଙ୍କ ମୂର୍ତ୍ତି ନିର୍ମାଣ କରିବାକୁ ନାନା ଦେଶରୁ ଦକ୍ଷ ଶିଳ୍ପୀମାନଙ୍କୁ ଅଣାଇ କାମରେ ଲଗାଇଥିଲେ କିନ୍ତୁ ସେମାନଙ୍କ ନିହାଣ ମୁନରେ ସେ ଦାରୁ ଖୋଳାଯାଇ ପାରିଲା ନାହିଁ ବରଂ ସେଗୁଡ଼ିକର ଧାର ଓଲଟି ଗଲା ଓ ଭାଙ୍ଗି ଗଲା । ମୂର୍ତ୍ତି ଗଢ଼ିବାରେ ବିଫଳ ହୋଇ ସମସ୍ତେ ଫେରିବାରେ ଲାଗିଲେ ଓ ଦିନକୁ ଦିନ ରାଜା ରାଣୀଙ୍କ ମନରେ ଭାଳେଣି ପଡ଼ିଲା । କିଛିଦିନ ଗତ ହେବା ପରେ ଦିନେ ଜଣେ ବୁଢ଼ା ବଢ଼େଇ ଆସି ମୂର୍ତ୍ତି ନିର୍ମାଣ କରିବାକୁ ଆଗ୍ରହ ପ୍ରକାଶ କଲା । ପରିଶେଷରେ ବୁଢ଼ା ବଢ଼େଇକୁ ନିର୍ମାଣ ଦାୟିତ୍ୱ ଦିଆଗଲା । ବୁଢ଼ା ବଢ଼େଇର ସର୍ତ୍ତ ରଖିଲା ୨୧ଦିନ ପର୍ଯ୍ୟନ୍ତ ମନ୍ଦିର ଦ୍ୱାର ଫିଟିବ ନାହିଁ, ସେ ଉପବାସ ରହି ମୂର୍ତ୍ତି ନିର୍ମାଣ କରିବ । ଏଥିରେ ରାଜା ରାଜି ହୋଇ ମନ୍ଦିର ଦ୍ୱାର ବନ୍ଦ କଲେ । ପ୍ରତ୍ୟେକ ଦିନ ରାଜା ଭିତରର ଠକ୍ ? ଠକ୍ ? ଶବ୍ଦ ଶୁଣିବାର ବ୍ୟବସ୍ଥା କରିଥାନ୍ତି । କିଛିଦିନପରେ ଭିତରୁ ଶବ୍ଦ ଆସିବା ବନ୍ଦ ହୋଇଯିବା ପରେ ଗୁଣ୍ଡିଚା ରାଣୀ ଧୈର୍ଯ୍ୟ ଧରି ରହିପାରିଲେ ନାହିଁ । ବୁଢ଼ା ବଢ଼େଇ ଉପବାସରେ ମୃତ୍ୟୁବରଣ କରିଛି ବୋଲି ସେ ଭାବିଲେ ଓ ରାଜାଙ୍କୁ ଦ୍ୱାର ଖୋଲିବାକୁ ଅନୁରୋଧ କଲେ । ଦ୍ୱାର ଉନ୍ମୁକ୍ତ କଲାପରେ ଦେଖାଗଲା ଯେ ବୁଢ଼ା ବଢ଼େଇ ଅନ୍ତର୍ଦ୍ଧ୍ୟାନ ହୋଇଯାଇଛି, ଅଛି କେବଳ ଦରଗଢ଼ା ମୂର୍ତ୍ତି । ଏଥିରେ ରାଜା ରାଣୀ ଘୋର ଚିନ୍ତାରେ ପଡ଼ିବାରୁ ଶୂନ୍ୟବାଣୀ ହେଲାଯେ- "ମୋର ଯେଉଁ ରୂପରେ ଆବିର୍ଭାବ ହେବାର ଇଚ୍ଛା ମୁଁ ସେହି ରୂପରେ ହିଁ ଆବିର୍ଭାବ ହୋଇଛି, ତେଣୁ ଏଥିରେ ଶୋଚନା କରିବାର କିଛି ନାହିଁ ।

(ଅବଶିଷ୍ଟାଂଶ ପୃଷ୍ଠା ୭ରେ)

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

# ଗାଜା ସତ୍ୟ: କେବଳ ଯୁଦ୍ଧ ନୁହେଁ, ଏହା ନରସଂହାର

ଆନ୍ତର୍ଜାତୀୟ ମାନବାଧିକାର ଇତିହାସରେ ସେପଟ୍ମେର ୧୬, ୨୦୨୫, ଏକ କଳା ଦିବସ ଭାବେ ଲିପିବଦ୍ଧ ହୋଇ ରହିବ । ଏହି ଦିନ, ଜାତିସଂଘ ମାନବାଧିକାର ପରିଷଦ (**UN Human Rights Council**) ଦ୍ୱାରା ଗଠିତ ଏକ ସର୍ବୋଚ୍ଚ ସ୍ତରୀୟ ତଦନ୍ତକାରୀ ସଂସ୍ଥା, **The Independent International Commission of Inquiry on the Occupied Palestinian Territory, including East Jerusalem, and Israel** (ଅଧିକୃତ ପାଲେଷ୍ଟାଇନ ଅଞ୍ଚଳ, ପୂର୍ବ ଜେରୁଜେଲମ ଏବଂ ଇସ୍ରାଏଲ ଉପରେ ଗଠିତ ସ୍ୱତନ୍ତ୍ର ଆନ୍ତର୍ଜାତୀୟ ତଦନ୍ତ କମିଶନ), ଏକ ରିପୋର୍ଟ ପ୍ରକାଶ କରିଛି ଯାହା ସଭ୍ୟ ସମାଜର ମେରୁଦଣ୍ଡକୁ ଦୋହଲାଇ ଦେଇଛି। ଏହି କମିଶନ, ଯାହା ଜାତିସଂଘର ମାନବାଧିକାର ହାଇକମିଶନରଙ୍କ କାର୍ଯ୍ୟାଳୟ (**Office of the High Commissioner for Human Rights - OHCHR**) ଅଧୀନରେ କାର୍ଯ୍ୟ କରେ, ଏକ ସ୍ପଷ୍ଟ ଏବଂ ଅନସ୍ୱୀକାର୍ଯ୍ୟ ସିଦ୍ଧାନ୍ତରେ ପହଞ୍ଚିଛି: ଇସ୍ରାଏଲ ଗାଜା ଷ୍ଟ୍ରିପରେ ପାଲେଷ୍ଟାଇନ ନାଗରିକଙ୍କ ବିରୁଦ୍ଧରେ ନରସଂହାରର ଅପରାଧ କରିଛି । ଏହା କୌଣସି ରାଜନୈତିକ ଆକ୍ଷେପ ନୁହେଁ, ବରଂ ୧୯୪୮ର ନରସଂହାର ସମ୍ମିଳନୀ ଅନୁଯାୟୀ ଏକ ଆଇନଗତ ସିଦ୍ଧାନ୍ତ, ଯାହା ଏକ ନିର୍ଦ୍ଦିଷ୍ଟ ଜନଗୋଷ୍ଠୀକୁ ସମ୍ପୂର୍ଣ୍ଣ ବା ଆଂଶିକ ଭାବେ ଧ୍ୱଂସ କରିବାର ଉଦ୍ଦେଶ୍ୟକୁ ପ୍ରମାଣିତ କରେ ।

ନରସଂହାରର ଅଭିଯୋଗକୁ ପ୍ରମାଣିତ କରିବା ପାଇଁ ଯେଉଁ ତଥ୍ୟ ଆବଶ୍ୟକ, ତାହା ଗାଜାରୁ ମିଳୁଥିବା ପରିସଂଖ୍ୟାନରେ ସ୍ପଷ୍ଟ ପ୍ରତିଫଳିତ ହୁଏ । ଫେବୃଆରୀ ୨୦୨୫ ସୁଦ୍ଧା, ଏହି ସଂଘର୍ଷରେ ୬୧,୭୦୯ରୁ ଅଧିକ ପାଲେଷ୍ଟାଇନ ନାଗରିକ ନିହତ ହୋଇଛନ୍ତି, ଯେଉଁମାନଙ୍କ ମଧ୍ୟରେ ୧୭,୪୯୨ରୁ ଅଧିକ ନିରୀହ ଶିଶୁ ଅଛନ୍ତି । ଏହା କେବଳ ସଂଖ୍ୟା ନୁହେଁ, ବରଂ ହଜାର ହଜାର ପରିବାରର ସ୍ୱପ୍ନ, ଆଶା ଏବଂ ଭବିଷ୍ୟତର ସମାଧି । ଏହା ବ୍ୟତୀତ, ୧,୧୧,୫୮୮ରୁ ଅଧିକ ଲୋକ ଆହତ ହୋଇଥିବା ବେଳେ ୧୪,୨୨୨ରୁ ଅଧିକ ଲୋକ ନିଖୋଜ ଅଛନ୍ତି, ଯେଉଁମାନେ ଧ୍ୱଂସାବଶେଷ ତଳେ ଚିରଦିନ ପାଇଁ ହଜିଯାଇଥିବାର ଆଶଙ୍କା କରାଯାଉଛି । ଏହି ତାଣ୍ଡବରୁ ସତ୍ୟକୁ ସାମ୍ନାକୁ ଆଣୁଥିବା ସାମ୍ବାଦିକ (୨୦୦ରୁ ଅଧିକ) କିମ୍ବା ମାନବିକ ସହାୟତା ପହଞ୍ଚାଉଥିବା ଜାତିସଂଘର କର୍ମଚାରୀ (ପ୍ରାୟ ୩୬୦) ମଧ୍ୟ ବର୍ତ୍ତି ନାହାନ୍ତି । ଏହି ପରିସଂଖ୍ୟାନ କୌଣସି ସାମରିକ କାର୍ଯ୍ୟାନୁଷ୍ଠାନର ଚିତ୍ର ପ୍ରଦାନ କରେନାହିଁ, ବରଂ ଏକ ସୁଚିନ୍ତିତ ଯୋଜନା ମାଧ୍ୟମରେ ଏକ ସମଗ୍ର ଜନସଂଖ୍ୟାକୁ ଦଣ୍ଡିତ କରିବାର ପ୍ରମାଣ ଦିଏ ।

ନରସଂହାର କେବଳ ହତ୍ୟା ମଧ୍ୟରେ ସୀମିତ ନୁହେଁ; ଏହା ଏକ ଜନଗୋଷ୍ଠୀର ବଞ୍ଚିବାର ସମସ୍ତ ଆଧାରକୁ ଧ୍ୱଂସ କରିବାର ଏକ ପ୍ରକ୍ରିୟା। ଜାତିସଂଘ କମିଶନ ଦର୍ଶାଇଛନ୍ତି ଯେ ପାଲେଷ୍ଟାଇନ ନାଗରିକଙ୍କୁ ଶାରୀରିକ ଓ ମାନସିକ ସ୍ତରରେ ଗଭୀର ଆଘାତ ଦିଆଯାଇଛି ଏବଂ ଜାଣିଶୁଣି ଏପରି ପରିସ୍ଥିତି ସୃଷ୍ଟି କରାଯାଇଛି ଯାହା ସେମାନଙ୍କର ସାମୂହିକ ଅସ୍ତିତ୍ୱକୁ ବିପନ୍ନ କରିଛି । ଗାଜାର ଭିତ୍ତିଭୂମିକୁ ଯେପରି ଯୋଜନାବଦ୍ଧ ଭାବେ ଧ୍ୱଂସ କରାଯାଇଛି, ତାହା ଏହାର ସବୁଠାରୁ ବଡ଼ ପ୍ରମାଣ । ଜାନୁଆରୀ ୨୦୨୫ ସୁଦ୍ଧା, ଗାଜାର ପ୍ରାୟ ସମସ୍ତ ଘର କ୍ଷତିଗ୍ରସ୍ତ ବା ଧ୍ୱଂସ ହୋଇସାରିଛି । ୮୮% ବିଦ୍ୟାଳୟ, ୮୦% ବ୍ୟାବସାୟିକ ପ୍ରତିଷ୍ଠାନ, ଏବଂ ୬୮% ସଡ଼କପଥକୁ ନଷ୍ଟ କରିଦିଆଯାଇଛି । ସ୍ୱାସ୍ଥ୍ୟ ବ୍ୟବସ୍ଥା ସମ୍ପୂର୍ଣ୍ଣ ଭୁଶୁଡ଼ି ପଡ଼ିଛି; ୫୦% ଡାକ୍ତରଖାନା କେବଳ ଆଂଶିକ ଭାବେ କାର୍ଯ୍ୟକ୍ଷମ ଅଛି । ଏହା ସହିତ, ଗାଜା ଉପରେ ଲଗାଯାଇଥିବା ସମ୍ପୂର୍ଣ୍ଣ ଅବରୋଧ ଏବଂ ମାନବିକ ସହାୟତା ଉପରେ କଟକଣା ଭୋକିଲା ଏବଂ ପୁଷ୍ଟିହୀନତାକୁ ଏକ ଅସ୍ତ୍ର ଭାବରେ ବ୍ୟବହାର କରିଛି । ଜୁନ୍ ୨୦୨୫ ସୁଦ୍ଧା, ପ୍ରାୟ ୧୯,୦୦୦ ଶିଶୁ ଗୁରୁତର ପୁଷ୍ଟିହୀନତାର ଶିକାର ହୋଇଛନ୍ତି । ଯେଉଁ ସ୍ଥାନରେ ଦୁଇ ବର୍ଷ ପୂର୍ବେ ପୁଷ୍ଟିହୀନତା ଏକ ଅଜଣା ଶବ୍ଦ ଥିଲା, ଆଜି ସେଠାରେ ଶିଶୁମାନେ ଖାଦ୍ୟ ବିନା ମୃତ୍ୟୁ ସହ ସଂଗ୍ରାମ କରୁଛନ୍ତି ।

ଜାତିସଂଘ ରିପୋର୍ଟର ସବୁଠାରୁ ଗମ୍ଭୀର ଦିଗ ହେଉଛି ଇସ୍ରାଏଲର ଶୀର୍ଷ ନେତୃତ୍ୱଙ୍କୁ ସିଧାସଳଖ ଦାୟୀ କରିବା । ନରସଂହାରର ଅପରାଧ ପାଇଁ 'ଉଦ୍ଦେଶ୍ୟ' ବା **"intent"** ଏକ ପ୍ରମୁଖ ଉପାଦାନ, ଏବଂ କମିଶନଙ୍କ ମତରେ ଏହି ଉଦ୍ଦେଶ୍ୟ ଇସ୍ରାଏଲୀ ଅଧିକାରୀଙ୍କ ବୟାନରୁ ସ୍ପଷ୍ଟ ହୋଇଛି । ରାଷ୍ଟ୍ରପତି ଆଇଜାକ୍ ହରଜୋଗ, ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁ ଏବଂ ପୂର୍ବତନ ପ୍ରତିରକ୍ଷା ମନ୍ତ୍ରୀ ୟୋଆଭ ଗାଲାଣ୍ଟଙ୍କ ଭଳି ନେତାମାନେ ନରସଂହାର ପାଇଁ ଉସକାଇଥିବା ରିପୋର୍ଟରେ ଦର୍ଶାଯାଇଛି। ସେମାନଙ୍କର ଘୃଣା ଏବଂ ପ୍ରତିଶୋଧପୂର୍ଣ୍ଣ ଭାଷା, ଯେଉଁଥିରେ ପାଲେଷ୍ଟାଇନ ନାଗରିକଙ୍କୁ 'ମାନବ ପଶୁ' ଭାବେ ବର୍ଣ୍ଣନା କରାଯାଇଥିଲା, ତାହା ସେମାନଙ୍କ ସେନାକୁ ଏହି ଭୟଙ୍କର ଅପରାଧ କରିବାକୁ ପ୍ରୋତ୍ସାହିତ କରିଥିଲା ।

ଏହି ପରିପ୍ରେକ୍ଷୀରେ, ଆନ୍ତର୍ଜାତୀୟ ସମୁଦାୟର ଭୂମିକା ଅତ୍ୟନ୍ତ ନୈରାଶ୍ୟଜନକ ଏବଂ ଲଜ୍ଜାଜନକ । ଜାତିସଂଘ କମିଶନ ଚେତାବନୀ ଦେଇଛନ୍ତି ଯେ ଯେତେବେଳେ ନରସଂହାରର ସ୍ପଷ୍ଟ ପ୍ରମାଣ ସାମ୍ନାକୁ ଆସେ, ସେତେବେଳେ ଏହାକୁ ରୋକିବା ପାଇଁ କାର୍ଯ୍ୟାନୁଷ୍ଠାନ ନ ନେବା ଏକପ୍ରକାର ସହ-ଅପରାଧୀ ହେବା ସହ ସମାନ । ଆନ୍ତର୍ଜାତୀୟ ନ୍ୟାୟାଳୟର ବାରମ୍ବାର ନିର୍ଦ୍ଦେଶ ସତ୍ତ୍ୱେ ଇସ୍ରାଏଲ ନିଜର ଅଭିଯାନ ବନ୍ଦ କରିନାହିଁ, ଯାହା ଆନ୍ତର୍ଜାତୀୟ ଆଇନର ଶାସନକୁ ଉପହାସ କରୁଛି । ବିଶ୍ୱର ଶକ୍ତିଶାଳୀ ଦେଶଗୁଡ଼ିକ, ବିଶେଷକରି ଯେଉଁମାନେ ଇସ୍ରାଏଲକୁ ନିରନ୍ତର ଅସ୍ତ୍ରଶସ୍ତ୍ର ଯୋଗାଉଛନ୍ତି, ସେମାନେ ଏହି ଅପରାଧରେ ସିଧାସଳଖ ଭାଗୀଦାର ।

ଗାଜାର ଧ୍ୱଂସାବଶେଷ ତଳେ କେବଳ ଶିଶୁ, ମହିଳା ଏବଂ ପୁରୁଷଙ୍କ ମୃତଦେହ ନାହିଁ, ସେଠାରେ ଆମର ସାମୂହିକ ବିବେକ, ନୈତିକତା ଏବଂ ମାନବିକତାର ମଧ୍ୟ କବର ରଚନା କରାଯାଇଛି । ଯଦି ଏହି ସ୍ପଷ୍ଟ ପ୍ରମାଣ ପରେ ମଧ୍ୟ ବିଶ୍ୱ ଏହି ନରସଂହାରକୁ ବନ୍ଦ କରିବା ପାଇଁ ଏବଂ ଅପରାଧୀମାନଙ୍କୁ ଦଣ୍ଡିତ କରିବା ପାଇଁ ଏକଜୁଟ ନ ହୁଏ, ତେବେ ଏହା କେବଳ ଏକ ରାଜନୈତିକ ବିଫଳତା ନୁହେଁ, ଏହା ମାନବିକତାର ଚରମ ପରାଜୟ ।

# ଦେବଶିଳ୍ପୀ ବିଶ୍ୱକର୍ମା



### ଗିରିଧାରୀ ସାମଲ

ଦେବଶିଳ୍ପୀ ବିଶ୍ୱକର୍ମା ସମସ୍ତ ଶିଳ୍ପ ଓ ଶିଳ୍ପୀ କୁଳଦେବତା। ପୁରାଣମତେ ସେ ଅଷ୍ଟମ ବସୁଦେବତା ପ୍ରଭାସଙ୍କ ଔରସରୁ ଯୋଗସିଦ୍ଧାଙ୍କ ଗର୍ଭରୁ ଜନ୍ମ ଗ୍ରହଣ କରିଥିଲେ। ମତାନ୍ତରରେ ପ୍ରଜାପତି ବ୍ରହ୍ମାଙ୍କ ନାଭି କମଳରୁ ଦେବଶିଳ୍ପୀ ବିଶ୍ୱକର୍ମାଙ୍କ ଜନ୍ମ। ଚତୁର୍ଭୁଜ ବିଶ୍ୱକର୍ମା, ବାମ ଉପରେ ହାତରେ ବଟାଳି ଓ ବାମ ତଳ ହାତରେ ମାର୍ତ୍ତୁଲି, ଦକ୍ଷିଣ ଉପର ହାତରେ ଚକ୍ର ଓ ତଳ ହାତରେ ଆଶୀର୍ବାଦ କରୁଥିବାର ଦୃଷ୍ଟିଗୋଚର ହୋଇଥାନ୍ତି। ଦିବ୍ୟ ବସ୍ତ୍ର ପରିହିତ ଗଳାରେ ରତ୍ନହାର, ଅନୁପମ ରତ୍ନଅଳଙ୍କାରରେ ବିଭୂଷିତ, କର୍ଣ୍ଣରେ ମକର କୁଣ୍ଡଳ। ସେ ଜ୍ଞାନ ଓ ଅବସ୍ଥାରେ ସମୃଦ୍ଧ ହୋଇଥିଲେ ମଧ୍ୟ କିଶୋର ପରି ପ୍ରତିଭାତ। ଅତ୍ୟନ୍ତ ସୁନ୍ଦର ତେଜସ୍ୱୀ କାମଦେବଙ୍କ ପରି କାନ୍ତିମାନ ଅଟନ୍ତି। ବିଶ୍ୱକର୍ମା ସକଳ ଶିଳ୍ପକଳାର ଜନକ। ବ୍ରହ୍ମାଙ୍କ ନିର୍ଦ୍ଦେଶରେ ବିଶ୍ୱକର୍ମା ସମଗ୍ର ସୃଷ୍ଟି ରଚନା କରିଥିଲେ।

ଦେବତାମାନଙ୍କର ସମସ୍ତ ଶସ୍ତ୍ର ବିମାନ ଆଦି ଏହାଙ୍କ ଦ୍ୱାରା ବି ନିର୍ମିତ। ସ୍ୱର୍ଗର ଅମରାବତୀ ହିଁ ତାଙ୍କ ନିର୍ମାଣରେ ଶ୍ରେଷ୍ଠ ନିଦର୍ଶନ। ମଣିଷର କାର୍ଯ୍ୟ ପାର୍ଥକ୍ୟରେ ଯେପରି ଜାତିର ସୃଷ୍ଟି ସେହିପରି ଭଗବାନଙ୍କୁ ନାନା ରୂପରେ କଳ୍ପନା କରାଯାଇଛି। ଯେତେବେଳେ ସୃଷ୍ଟି କରନ୍ତି ସେତେବେଳେ ସେ ବ୍ରହ୍ମା, ଯେତେବେଳେ ପାଳନ କରନ୍ତି ସେତେବେଳେ ବିଷ୍ଣୁ, ଯେତେବେଳେ ସଂହାର କରନ୍ତି ସେତେବେଳେ ସେ ରୁଦ୍ର। ସେହିପରି ସେ ଯେତେବେଳେ ଶିଳ୍ପୀ ସେତେବେଳେ ସେ ବିଶ୍ୱକର୍ମା ବୋଲି ପରିଚିତ ହୁଅନ୍ତି। ବିଶ୍ୱକର୍ମା ଅନ୍ୟ ଅର୍ଥରେ ବିଶ୍ୱର ସୃଷ୍ଟିକର୍ତ୍ତା। ଅନନ୍ତଶାୟୀ ନାରାୟଣଙ୍କ ନାଭିକମଳରୁ ଉତ୍ପନ୍ନ ହୋଇଥିବା ତ୍ରିକାଳଦର୍ଶୀ ବ୍ରହ୍ମା ହେଉଛନ୍ତି ସୃଷ୍ଟିକର୍ତ୍ତା। ଏଣୁ ବିଶ୍ୱକର୍ମାଙ୍କୁ ବ୍ରହ୍ମାରୂପେ କଳ୍ପନା କରି ପୂଜା କରାଯାଏ।



+ସାମାଜିକ କର୍ମୀ, ଶ୍ରୀବିହାର କଲୋନୀ, ତୁଳସୀପୁର, କଟକ,
ମୋ: ୯୪୩୭୪୫୦୧୧୪

# ଆମେ କେତେ ବିଚାରଶୀଳ ?



### ଅଧ୍ୟାପକ ଗୋପବନ୍ଧୁ

ସୁପ୍ରସିଦ୍ଧ ଦାର୍ଶନିକ ଆରିଷ୍ଟୋଟଲ ମନୁଷ୍ୟର ସଂଜ୍ଞା ଦେବାକୁ ଯାଇ କହିଛନ୍ତି ଏମାନେ ହେଉଛନ୍ତି 'ବିଚାରବୁଦ୍ଧିସମ୍ପନ୍ନ ପ୍ରାଣୀ'। ଏକଥା ମନକୁ ସେ କହି ନାହାଁନ୍ତି। ଅନେକ ଅନୁଧ୍ୟାନ ଓ ଅନୁଶୀଳନ ପରେ ସେ ଏକଥା କହିଛନ୍ତି। ମନୁଷ୍ୟ ବିଶ୍ୱର ଶ୍ରେଷ୍ଠତମ ଜୀବ। ଏଇଥିପାଇଁ ଶ୍ରେଷ୍ଠ ଯେହେତୁ ତା ନିକଟରେ ବିଚାର ବୁଦ୍ଧିସମ୍ପନ୍ନତା ଗୁଣ ରହିଛି। ସେ ଯାହା କରେ ବୁଝିବିଚାରି କରେ। କାର୍ଯ୍ୟ କରିବା ପୂର୍ବରୁ ସେ ଭଲମନ୍ଦକୁ ତଉଲେ। ଏଗୁଣ ତାର ଅନ୍ତର୍ନିହିତ। ପ୍ରତ୍ୟେକ କ୍ଷେତ୍ରରେ ଯେକୌଣସି ପରିସ୍ଥିତିରେ ତାର ଏଗୁଣ ପ୍ରତିକ୍ରିୟାଶୀଳ ହୁଏ। ତାର ପ୍ରତ୍ୟେକ ସିଦ୍ଧାନ୍ତ ମୂଳରେ ଏହି ଗୁଣ କାମ କରେ। ବିଚାରବୁଦ୍ଧି ଗୁଣରୁ ତର୍କକ୍ଷମ ହେବା, କାରଣିକତା ସମ୍ବନ୍ଧରେ ଅବଗତ ହେବା, ବୈଜ୍ଞାନିକ ଅନୁସନ୍ଧାନର ବଶବର୍ତ୍ତୀ ହେବା ପ୍ରଭୃତି ଅନ୍ୟାନ୍ୟ ଗୁଣ ନିସୃତ ହୁଏ। ଏହା ଏପରି ଏକ ଗୁଣ ଯାହା ଭଲମନ୍ଦ, ଉଚିତ୍ ଅନୁଚିତ୍, ଘଟଣାପ୍ରବାହରୁ ଭବିଷ୍ୟତ କାର୍ଯ୍ୟ ଇତ୍ୟାଦିର ସୂଚନା ମଧ୍ୟ ପ୍ରଦାନ କରେ। କେବଳ ସେତିକି ନୁହେଁ ଏହା ସହିତ ସୃଜନଶୀଳତା, ସୁନ୍ଦରତାର ଭାବନା, ନୈତିକତାର ଓ ମାନବିକତାର ଚେତନା ମଧ୍ୟ ଜାଗ୍ରତ କରେ। ଏହି ଗୁଣ ଯୋଗୁଁ ସେ ନିଜକୁ ଅନ୍ୟାନ୍ୟ ପ୍ରାଣୀଠାରୁ ପୃଥକ କରେ ଓ ନିଜର ଶ୍ରେଷ୍ଠତାକୁ ସ୍ଥାପନ କରେ।

ଭାରତୀୟ ଦର୍ଶନରେ ପାଖାପାଖି ସମାନ ଅର୍ଥରେ ଏହାକୁ ବୁଦ୍ଧିବିବେକ, ଅନ୍ତର୍ନିହିତ ଚେତନା ଓ ଅନ୍ତର୍ଦୃଷ୍ଟି ଭାବେ ଉଲ୍ଲେଖ କରାଯାଇଛି। ଯୋଗଜ ଜ୍ଞାନ ଏହାର ଉନ୍ନତ ପରିପ୍ରକାଶ। ସେ ପ୍ରାଚ୍ୟ ହେଉ କି ପାଶ୍ଚାତ୍ୟ ହେଉ ସମସ୍ତ କ୍ଷେତ୍ରରେ ମନୁଷ୍ୟର ବୌଦ୍ଧିକତାର ପ୍ରୟୋଗ ସାଧାରଣ ବିଷୟ। ମନୁଷ୍ୟ ଯେଉଁ କାର୍ଯ୍ୟକରେ ଓ ଯାହାବି କହେ ବୁଝିବିଚାରି କରେ। ସେ ନିଜ ବୁଦ୍ଧିର ପ୍ରୟୋଗକରି ସେ ଯାହା କହୁଛି ବା କରୁଛି ତାର ପରବର୍ତ୍ତୀ ପରିଣତି କଣ ହେବ ସେ ବିଷୟରେ ପ୍ରଥମେ ଅବଗତ ହୁଏ। ତେବେ ସମସ୍ତେ ସମାନଭାବେ ବିଚାରବୁଦ୍ଧିସମ୍ପନ୍ନ ଓ ସମସ୍ତେ ସମାନ ଭାବେ ବୁଦ୍ଧିବିବେକର ପ୍ରୟୋଗ କରନ୍ତି ବୋଲି କହିବା ଭୁଲ। ଏଥିରେ ମାତ୍ରାର ପ୍ରଭେଦ ରହିଛି। ତଥାପି ବିଚାରବୁଦ୍ଧିସମ୍ପନ୍ନ ହେବା ମନୁଷ୍ୟର ଏକ ମୌଳିକ ଗୁଣ ଯାହା ତାକୁ ଅନ୍ୟାନ୍ୟ ପ୍ରାଣୀଠାରୁ ପୃଥକ କରାଏ। ଏହା ବିନା ସେ ମନୁଷ୍ୟ ପଦବାଚ୍ୟ ହୋଇପାରିବ ନାହିଁ। ସ୍ୱାମୀ ବିବେକାନନ୍ଦଙ୍କ ନୀକଟରେ ଏ ଗୁଣ ପ୍ରଖର ଥିଲା, ତେଣୁ ସେ ବିବେକାନନ୍ଦ ହୋଇଗଲେ, ବିବେକ+ଆନନ୍ଦ। ବିବେକ ହେଉଛି ଅନ୍ତର୍ନିହିତ ଚେତନା ବା ଜ୍ଞାନ। ଯେଉଁମାନଙ୍କ ମଧ୍ୟରେ ଅନ୍ତର୍ନିହିତ ଚେତନା ଯେତେ ଅଧିକ ଜାଗ୍ରତ ହୋଇଥାଏ ସେମାନେ ସେତେ ବିଚାରବୁଦ୍ଧିସମ୍ପନ୍ନ ହୋଇଥାନ୍ତି। ଅଭ୍ୟାସ ବଳରେ ଏହି ଚେତନାକୁ ଅଧିକ ଜାଗ୍ରତ ଓ ପ୍ରଖର କରାଯାଇ ପାରେ। ଯୋଗୀମାନଙ୍କ କ୍ଷେତ୍ରରେ ଏହା ଅଧିକ ମାତ୍ରାରେ ଦେଖାଦିଏ। ନିର୍ବୋଧମାନଙ୍କ କ୍ଷେତ୍ରରେ ଏହା ନିମ୍ନ ସ୍ତରରେ ଥାଏ। ଯୋଗୀମାନେ ବିଭିନ୍ନ ପ୍ରକାର ଘଟଣା ପ୍ରବାହକୁ ଗଭୀରଭାବେ ଅନୁଧ୍ୟାନ କରି କାର୍ଯ୍ୟ-କାରଣ ନିୟମର ଅନୁସରଣରେ ଭବିଷ୍ୟତରେ କଣ ହେବାକୁ ଯାଉଛି, ତାହାର ପୂର୍ବ ସୂଚନା ଦେଇପାରନ୍ତି। ଏହା ଏକ ଅନୁମାନ ପ୍ରକ୍ରିୟା। ତେଣୁ ଏ ଦକ୍ଷତା କୌଣସି ଐଶ୍ୱରୀକ ଆଶିର୍ବାଦ ଯୋଗୁଁ ନୁହେଁ, ବରଂ ନିଜସ୍ୱ ବିଚାରବୁଦ୍ଧିର ପ୍ରୟୋଗ ଓ ଅଭ୍ୟାସ ବଳରେ ପ୍ରାପ୍ତ ହୋଇଥାନ୍ତି। ଘଟଣା ପ୍ରବାହର ଅନୁଶୀଳନରୁ ସେମାନେ ଏ ଦକ୍ଷତା ପ୍ରାପ୍ତ ହୁଅନ୍ତି। ମୂଳରେ ରହିଛି ବିଚାର ବୁଦ୍ଧିସମ୍ପନ୍ନତା ଗୁଣ।

କମ୍ପୁଟର୍ ହ୍ୟାଙ୍ଗ ବା ପ୍ରତିକ୍ରିୟା ଶୂନ୍ୟ ହେବା ଭଳି ବେଳେବେଳେ ମନୁଷ୍ୟର ବିଚାରବୁଦ୍ଧିସମ୍ପନ୍ନତାକୁ ମଧ୍ୟ ହ୍ୟାଙ୍ଗ ବା ପ୍ରତିକ୍ରିୟା ଶୂନ୍ୟ କରି ଦିଆଯାଇ ପାରେ। ଏପରି କ୍ଷେତ୍ରରେ ମନୁଷ୍ୟର ଏହି ଗୁଣ ଆଉ କାମ କରେ ନାହିଁ। ସେ ବିଚାର କରିବା ଛାଡି ଦିଏ। ଭୁଲ ହେଲେବି ମେଣ୍ଢା ସଦୃଶ୍ୟ ଅନ୍ୟର ପ୍ରଦର୍ଶିତ ମାର୍ଗରେ ପରିଚାଳିତ ହୁଏ। ସେ ବିବେକ ଶୂନ୍ୟ ହୋଇଯାଏ ଓ ହିତାହିତ ଜ୍ଞାନ ହରାଇ ବସେ। ଏହି ପ୍ରକାର ଅବସ୍ଥା ଅତ୍ୟଧିକ ଉତ୍ତେଜନା ଓ ଉତ୍କଣ୍ଠା ସମୟରେ ଦେଖାଦିଏ। ଏହିପରି କ୍ଷେତ୍ରରେ ସେ ଭୁଲକରି ବସେ। ଅତ୍ୟଧିକ ଉତ୍ତେଜନା ଯୋଗୁଁ ଜଣେ ଆଉ ଜଣକୁ ମାରିଦେବାର ଦେଖାଯାଏ। ସେହିପରି ଅତ୍ୟଧିକ ଉତ୍କଣ୍ଠା ଯୋଗୁଁ କେତେକେ ଅସାମାଜିକ କାର୍ଯ୍ୟ କରିବାର ମଧ୍ୟ ଦେଖାଯାଏ। ତେଣୁ ମନୁଷ୍ୟର ବିଚାରବୁଦ୍ଧିସମ୍ପନ୍ନତା ଗୁଣ ସର୍ବଦା କ୍ରିୟାଶୀଳ ଥାଏ ବୋଲି କହିହେବ ନାହିଁ। ଯେତେବେଳେ ଏହି ମୌଳିକ ଗୁଣ ସୁପ୍ତ ଅବସ୍ଥାକୁ ଚାଲିଯାଏ, ସେତେବେଳେ ତାର ପ୍ରାଣୀତ୍ୱ ଗୁଣ ଜାଗିଉଠେ। ସେ ପଶୁ ତୁଲ୍ୟ ବ୍ୟବହାର ପ୍ରଦର୍ଶନ କରେ। ବେଳେବେଳେ କିଛି ଭ୍ରାନ୍ତ ବିଷୟକୁ ବାରମ୍ବାର କହି ଏପରିଭାବେ ତା ମୁଣ୍ଡରେ ପୁରାଇ ଦିଆଯାଏ ଯେ ସେ ଭୁଲ ବିଷୟକୁ ଠିକ ଭାବି ବସେ ଓ ତଦନୁଯାୟୀ ପ୍ରତିକ୍ରିୟା ପ୍ରକାଶ କରେ। ତିନି ତୁଣ୍ଡରେ ଛେଳି କୁକୁର ସଦୃଶ୍ୟ।

ସମାଜରେ ପ୍ରଚଳିତ ଅନ୍ଧବିଶ୍ୱାସ ଓ କୁସଂସ୍କାର ବେଳେବେଳେ ମନୁଷ୍ୟର ଏ ମହନୀୟ ଗୁଣକୁ ପ୍ରତିକ୍ରିୟା ଶୂନ୍ୟ କରିପକାଏ। ସମାଜ ଯାହାକୁ ଅନୁସରଣ କରେ ବ୍ୟକ୍ତି ତାକୁ ଅନ୍ଧଭାବେ ଅନୁସରଣ କରିଚାଲେ। ଏଗୁଡ଼ିକ ଠିକ୍ କି ଭୁଲ, ଉଚିତ୍ କି ଅନୁଚିତ୍, ସମାଜ ପାଇଁ ଲାଭଦାୟକ କି କ୍ଷତିକାରକ ଇତ୍ୟାଦିର ବିଚାର କରେ ନାହିଁ। ବୁଦ୍ଧିବିବେକ ଶୂନ୍ୟଭାବେ ଅନ୍ୟମାନେ ଯାହା କରନ୍ତି ବ୍ୟକ୍ତି ମଧ୍ୟ ତାହା କରିଚାଲେ। ଯେଉଁମାନଙ୍କ ନିକଟରେ ବିଚାରବୁଦ୍ଧି ସମ୍ପନ୍ନତା ଗୁଣ ସକ୍ରୀୟ ଥାଏ ସେମାନେ ଏଗୁଡିକୁ ବିରୋଧ କରିଥାନ୍ତି ଓ ଦୂରୀକରଣ ପାଇଁ ଚେଷ୍ଟା କରିଥାନ୍ତି। ସମାଜ ଅନେକ ପ୍ରକାର ଅନ୍ଧବିଶ୍ୱାସର ବଶବର୍ତ୍ତୀ। ସଂସ୍କୃତି ନାମରେ ମଧ୍ୟ ଅନେକ କୁସଂସ୍କାର ପ୍ରଚଳିତ ରହିଛି। ଏଗୁଡ଼ିକୁ ଦୂର କରିବାର ଏକମାତ୍ର ମାଧ୍ୟମ ହେଉଛି ନିଜ ମଧ୍ୟରେ ଥିବା ବିଚାରବୁଦ୍ଧିସମ୍ପନ୍ନତା ଗୁଣକୁ ଆହୁରି ପ୍ରଖର କରିବା ଓ ସମାଜ ଅନୁସରଣ କରୁଥିବା ବିଷୟଗୁଡ଼ିକୁ ଏହାର କଷଟି ପଥରରେ ତଉଲିବା। ଉପଲବ୍ଧି କରିବା ଯେ ଏଗୁଡିକ କେତେ ଯଥାର୍ଥ। ଅନ୍ଧ ଅନୁସରଣ ମାନବୀୟ ଲକ୍ଷଣ ନୁହେଁ। ଏହା ତାର ମୌଳିକ ଗୁଣର ପରିପନ୍ଥୀ। ତାର ବ୍ୟକ୍ତିତ୍ୱ ବିକାଶରେ ବାଧକ।

ମନୁଷ୍ୟର ବିଚାରବୁଦ୍ଧିସମ୍ପନ୍ନ ଗୁଣକୁ ସର୍ବାଧିକଭାବେ ବ୍ୟାହତ କରିଥାଏ ଧର୍ମ। ଭାରତୀୟ ସମାଜରେ ପ୍ରଚଳିତ ଜାତିବାଦ ମଧ୍ୟ ଏହାର ପ୍ରତିବନ୍ଧକ। ଧର୍ମ ସ୍ୱାଧୀନଭାବେ ଚିନ୍ତା କରିବାର ଅଧିକାରକୁ ଛଡ଼ାଇ ନିଏ। ଧର୍ମ ପୁସ୍ତକ ଓ ଏହାର ନୀତିନିୟମ ଭିତରେ ମନୁଷ୍ୟର ଚିନ୍ତାକୁ ବାନ୍ଧି ରଖିବାକୁ ଚେଷ୍ଟାକରେ। ଫଳରେ ମନୁଷ୍ୟର ବୁଦ୍ଧିବିବେକ ଗୋଟିଏ ରୁଦ୍ଧ କୋଠରୀରେ ଆବଦ୍ଧ ହୋଇଯାଏ। ସଂସ୍କୃତି ଓ ପରମ୍ପରାର ଆଳରେ ଏହାକୁ ବନ୍ଦୀ କରାଯାଏ। ଯେଉଁମାନେ ନିଜସ୍ୱ ବିଚାରବୁଦ୍ଧିର ପ୍ରୟୋଗରେ ନୂତନ ଦିଗଦର୍ଶନ ଦିଅନ୍ତି ସେମାନଙ୍କୁ ଧର୍ମଦ୍ରୋହୀ ଆଖ୍ୟା ଦିଆଯାଏ। ଧର୍ମ ସୁରକ୍ଷା ନାମରେ କିଛି ଅନ୍ଧଭକ୍ତ ସୃଷ୍ଟି କରାଯାଏ। ଏମାନଙ୍କ ବିଚାରଶୀଳତାକୁ ବନ୍ଦ କରାଯାଇ ଆଜ୍ଞାବହ ଘାତକରେ ପରିଣତ କରାଯାଏ। ଯେଉଁମାନେ ଧର୍ମ ବାହାରେ ପ୍ରଗତିଶୀଳ ମତ ପୋଷଣ କରନ୍ତି ତାଙ୍କ ଉପରେ ଅତ୍ୟାଚାର କରି ତାଙ୍କୁ ଭୟଭୀତ କରିବା ପାଇଁ ଏମାନଙ୍କୁ ବ୍ୟବହାର କରାଯାଏ। ବେଳେବେଳେ ତାଙ୍କୁ ହତ୍ୟା ମଧ୍ୟ କରାଯାଏ। ଜାତିବାଦ କ୍ଷେତ୍ରରେ ମଧ୍ୟ ସମାନ ଅବସ୍ଥା ଦେଖାଦିଏ। ଏହା ଯେ ଏକ ଭ୍ରାନ୍ତ ବ୍ୟବସ୍ଥା ଓ ଏହାକୁ ଉଠାଇବା କଥା ଯେଉଁମାନେ କହନ୍ତି ସେମାନେ ସମାଜଦ୍ରୋହୀ ଭାବେ ବିବେଚିତ ହୁଅନ୍ତି। ଏଠାରେ ମଧ୍ୟ ପ୍ରଗତିଶୀଳ ଓ ମୁକ୍ତ ଚିନ୍ତନକୁ ବ୍ୟାହତ କରାଯାଏ। ଆଗକୁ ବଢ଼ିବାର ବାଟକୁ ଅବରୋଧ କରଯାଏ। ଉଗ୍ର ଧାର୍ମିକ ଓ ଜାତିଗତ ଭାବନା ଏହି ଗୁଣର ପରିପନ୍ଥୀ।

ସାମାଜିକ ବିକାଶ ପାଇଁ ଆରିଷ୍ଟୋଟଲ ମନୁଷ୍ୟର ମୌଳିକତା ସମ୍ବନ୍ଧୀୟ ଦେଇଥିବା ଉକ୍ତିର ଉପଲବ୍ଧି ଅତ୍ୟନ୍ତ ଜରୁରୀ। ମୁକ୍ତ ଚିନ୍ତନ ତାର ଅଧିକାର। ଏଦିଗରେ ପ୍ରତିବନ୍ଧକ ସୃଷ୍ଟି କଲେ ମନୁଷ୍ୟର ମୌଳିକତା ବାଧାପ୍ରାପ୍ତ ହେବା ସ୍ୱାଭାବିକ। ଜନ୍ମ ଆଧାରରେ ପ୍ରାପ୍ତ ବିଚାରବୁଦ୍ଧିସମ୍ପନ୍ନତା ଗୁଣ ତାକୁ ମୁକ୍ତ ଚିନ୍ତନ ଓ ପ୍ରଗତୀଶୀଳତାର ଭାବନା ପ୍ରଦାନ କରେ। ଏହି ଗୁଣ ବିନା ସେ ପଶୁଠାରୁ କୌଣସି ପ୍ରକାରେ ଭିନ୍ନ ନୁହେଁ।

+ ବାରିପଦା, ମୟୂରଭଞ୍ଜ,
ମୋ: ୭୦୦୮୯୭୬୧୮୦

# ଅସ୍ତ୍ରଶସ୍ତ୍ର ପ୍ରତିଯୋଗତାର ଚେତାବନୀ



### ସୌଭାଗ୍ୟ ରଞ୍ଜନ ମହାନ୍ତି

ଦୁର୍ଭାଗ୍ୟଜନକ ଯେ, ଏହା ହେଉଛି ଯୁଦ୍ଧର ଯୁଗ। ଏବେ ୟୁକ୍ରେନ-ରୁଷ ଯୁଦ୍ଧ ୩ବର୍ଷରୁ ଉର୍ଦ୍ଧ୍ୱ ସମୟ ଧରି ଲାଗି ରହିଥିବାବେଳେ ଇସ୍ରାଏଲ-ହମାସ ଯୁଦ୍ଧ ଦୁଇ ବର୍ଷରୁ ଅଧିକ ସମୟ ଲାଗିଲାଣି। ୟୁକ୍ରେନରେ ରୁଷ ଓ ଗାଜାରେ ଇସ୍ରାଏଲ ଗଣସଂହାର ଚଳାଇଛି। ଆକ୍ରମଣରୁ ବିଦ୍ୟାଳୟ, ଡାକ୍ତରଖାନା, ଶରଣାର୍ଥୀ ଶିବିର, ରିଲିଫ ଶିବିର ବାଦ ପଡୁନାହିଁ। କେବଳ ଏହି ଦୁଇ ଦେଶ ନୁହେଁ, ବିଶ୍ୱର ବହୁ ସ୍ଥାନ ଏବେ ଉତେଜନାର କ୍ଷେତ୍ରରେ ପରିଣତ ହୋଇଛି। ଇସ୍ରାଏଲ ଯୋଗୁଁ ସମଗ୍ର ଦକ୍ଷୀଣ-ପୂର୍ବ ଏସିଆ ଅଶାନ୍ତ ହୋଇପଡିଛି। ରାଷ୍ଟ୍ର-ରାଷ୍ଟ୍ର, ଗୋଷ୍ଠୀ-ଗୋଷ୍ଠୀ ମଧ୍ୟରେ ବିବାଦ ଏବେ ମୃତ୍ୟୁ ଓ ଧ୍ୱାଂସର କାରଣ ପାଲଟିଛି। ଯାହାକି ମାନବ ସମାଜ ପାଇଁ କେବଳ ଦୁଃଖଦ ନୁହେଁ, ବିପର୍ଯ୍ୟାୟର କାରଣ ପାଲଟିଛି। ନିକଟରେ ଜାତିସଂଘ ପକ୍ଷରୁ ପ୍ରକାଶିତ ଏକ ରିପୋର୍ଟରେ କୁହାଯାଇଛି ଯେ, ଯୁଦ୍ଧ କେବଳ ରକ୍ତପାତ, ଧ୍ୱଂସର କାରଣ ଭାବେ ଉଭା ହୋଇନାହିଁ, ଏହା ବିଶ୍ୱରେ ଅସ୍ତ୍ରଶସ୍ତ୍ର ପ୍ରତିଯୋଗିତାକୁ ତ୍ୱରାନ୍ୱିତ କରିଛି। ରାଷ୍ଟ୍ରମାନେ ଏବେ ଅସ୍ତ୍ରଶସ୍ତ୍ରରେ ବିପୁଳ ଅର୍ଥ ବ୍ୟୟ କରିବାରେ ଲାଗିଛନ୍ତି। ପ୍ରତିରକ୍ଷା ବ୍ୟୟ ତଥା ଅସ୍ତ୍ରଶସ୍ତ୍ର କ୍ରୟ ଦୃତ ବେଗରେ ବଢିଚାଲିଛି। ଧନୀ ହେଉ ଅବା ଗରିବ ରାଷ୍ଟ୍ର ହେଉ ଉଭୟଙ୍କର ପ୍ରତିରକ୍ଷା ବ୍ୟୟ ଜନ ହିତକର ଯୋଜନା ଏବଂ ଉନ୍ନୟନ କାର୍ଯ୍ୟର ବ୍ୟୟ ଅଟକଳକୁ ଟପିଗଲାଣି। ଏଥିଲାଗି ଗରିବ ରାଷ୍ଟ୍ରଗୁଡିକର ଋଣ ଭାର କେବଳ ବୃଦ୍ଧି ପାଇନାହିଁ, ଆର୍ଥୀକ ପରିସ୍ଥିତି ଉପରେ ଭୟଙ୍କର ଚାପ ମଧ୍ୟ ପକାଉଛି। ରିପୋର୍ଟରେ କୁହାଯାଇଛି ଯେ, ୨୦୨୪ରେ ସମଗ୍ର ବିଶ୍ୱରେ ମୋଟ ସାମରିକ ବ୍ୟୟ ୨.୭ ଟ୍ରିଲିଅନ ଡଲାର ଥିବା ଆକଳନ କରାଯାଇଛି। ୧୦୦ରୁ ଉର୍ଦ୍ଧ୍ୱ ରାଷ୍ଟ୍ର ଗଲା ବର୍ଷ ସେମାନଙ୍କର ପ୍ରତିରକ୍ଷା ବ୍ୟୟ ଅଟକଳ ବୃଦ୍ଧି କରିଥିଲେ। ଯୁକ୍ତରାଷ୍ଟ୍ର ଆମେରିକାର ୨୦୨୪ରେ ପ୍ରତିରକ୍ଷା ବଜେଟରେ ବ୍ୟୟ ଅଟକଳ ୯୯୭ ବିଲିଅନ ଡଲାର ଥିବାବେଳେ ବିଶ୍ୱରେ ପ୍ରତିରକ୍ଷା ସର୍ବାଧିକ ଅର୍ଥ ବିନିଯୋଗ କରିଥିବା ୫ଟି ରାଷ୍ଟ୍ର ମଧ୍ୟରେ ଭାରତ ଓ ଚୀନ ଥିବା କୁହାଯାଇଛି। ଏପରିକି ଗୁରୁତର ଆର୍ଥୀକ ସଂକଟ ଦେଇ ଗତି କରୁଥିବା ବିଶ୍ୱର ବହୁ ରାଷ୍ଟ୍ର ସେମାନଙ୍କର ସାମରିକ ବ୍ୟୟ ବୃଦ୍ଧି କରିଥିବା ଜଣାଯାଏ। କେତେକ ଆଫ୍ରିକୀୟ ରାଷ୍ଟ୍ର ଗୁରୁତର ଆର୍ଥୀକ ସଂକଟର ସମ୍ମୁଖୀନ ବେଳେ ଏବଂ ସେଠାରେ ଉନ୍ନୟନମୂଳକ କାର୍ଯ୍ୟକ୍ରମ ଠପ୍ ହୋଇଯାଇଥିବା ସତ୍ୱେ ଗଲା ବର୍ଷ ସେମାନଙ୍କ ପ୍ରତିରକ୍ଷା ବ୍ୟୟ ପୂର୍ବବର୍ଷ ତୁଳନାରେ ୩ପ୍ରତିଶତ ବୃଦ୍ଧି କରିଥିବା ରିପୋର୍ଟରେ ପ୍ରକାଶ ପାଇଛି। ଏହା ନିସନ୍ଦେହ ଯେ, ପ୍ରତିରକ୍ଷା କ୍ଷେତ୍ରରେ ଅଧିକ ଅର୍ଥ ବିନିଯୋଗ ଯୋଗୁଁ ବିଶ୍ୱ କେତେକ ଗୁରୁତ୍ୱପୂର୍ଣ୍ଣ ଲକ୍ଷ୍ୟ ହାସଲଠାରୁ ପଛରେ ପଡିଯାଇଛି। ଉନ୍ନୟନ ଏବଂ ଜନହିତକର ଯୋଜନାରୁ ଅର୍ଥକୁ ସାମରିକ ବ୍ୟୟ ତଥା ଅସ୍ତ୍ରଶସ୍ତ୍ର କ୍ରୟରେ ବିନିଯୋଗ କରିବା ଏବେ ବିଶ୍ୱର ପ୍ରାୟ ସମସ୍ତ ରାଷ୍ଟ୍ରଙ୍କର ଲକ୍ଷ୍ୟ, ନୀତିରେ ପରିଣତ ହୋଇଛି ବୋଲି କହିଲେ ହୁଏତ ଅତିରଂଜିତ ହେବ ନାହିଁ। ତେଣୁ ଜନହିତକର ଯୋଜନା ତଥା ଦାରିଦ୍ର୍ୟ ଦୂରିକରଣ, ଅପପୁଷ୍ଟି ନିରାକରଣ, କ୍ଷୁଧା ନିରାକରଣ ଆଦି ଲକ୍ଷ୍ୟ ଠାରୁ ରାଷ୍ଟ୍ରଗୁଡିକ ଦୂରେଇ ଯାଇଛନ୍ତି। ଉଦାହରଣ ସ୍ୱରୁପ ବିଶ୍ୱରେ ସାମରିକ କ୍ଷେତ୍ରରେ ବିଶେଷ କରି ଅସ୍ତ୍ରଶସ୍ତ୍ର ଓ ଗୁଳିଗୋଳା କିଣାଯାଉଥିବା ମୋଟ ଅର୍ଥର କେବଳ ୧୦ଭାଗ ବିଶ୍ୱରୁ ୫ବର୍ଷ ମଧ୍ୟରେ ଦାରିଦ୍ର୍ୟ ଦୂରିକରଣ କରିପାରିବ। ସେହିପରି ୩ପ୍ରତିଶତ ଅର୍ଥ ୫ବର୍ଷ ମଧ୍ୟରେ କ୍ଷୁଧା ଦୂର କରିବାରେ ସମର୍ଥ ହେବ। ଆହୁରି ମଧ୍ୟ ସାମରିକ ବ୍ୟୟର ୫ପ୍ରତିଶତ ଅର୍ଥରେ ୫ବର୍ଷ ମଧ୍ୟରେ ସମଗ୍ର ବିଶ୍ୱକୁ ଅପପୁଷ୍ଟି ମୁକ୍ତ କରାଯାଇପାରିବ ବୋଲି ଜାତିସଂଘ କହିଛି। ଅନ୍ୟପକ୍ଷରେ ଅସ୍ତ୍ରଶସ୍ତ୍ର, ଗୁଳିଗୋଳା କିଣିବାରେ ଦେଶଗୁଡିକର ଅତ୍ୟଧିକ ଆସକ୍ତି ଯୋଗୁଁ ଭବିଷ୍ୟତରେ ବିଶ୍ୱକୁ ପାନୀୟଜଳ, ପରିମଳ, ଶିକ୍ଷା, ଲିଙ୍ଗଗତ ଅସମାନତା ଏବଂ ଜଳବାୟୁ ପରିବର୍ତ୍ତନର ଭୟାବହ ପରିଣାମ ବିଶ୍ୱକୁ ଭୋଗିବାକୁ ପଡିବ ବୋଲି ରିପୋର୍ଟରେ କଡା ଚେତାବନୀ ଦିଆଯାଇଛି। ବିଶ୍ୱରେ ଅସ୍ତ୍ରଶସ୍ତ୍ର ପ୍ରତିଯୋଗିତାରୁ ସାଂପ୍ରତିକ ସମୟରେ ଦେଶ-ଦେଶ ମଧ୍ୟରେ ଶତୃତା, ଆକ୍ରମଣ ଏବଂ ସମ୍ପର୍କରେ ବିଭ୍ରାଟର ସଂକେତ ପ୍ରଦାନ କରେ। ଯୁଦ୍ଧ ବିଭିଷିକା କେବଳ ମୃତ୍ୟୁ ଓ ଧ୍ୱଂସର ତାଣ୍ଡବ ସୃଷ୍ଟି କରିବନାହିଁ, ଗଣତନ୍ତ୍ରକୁ ଦୁର୍ବଳ, ସ୍ୱେଚ୍ଛାଚାରୀ ଶାସକଙ୍କ ଆବିର୍ଭାବ, ରାଷ୍ଟ୍ର-ରାଷ୍ଟ୍ର ମଧ୍ୟରେ ଆସ୍ଥା-ବିଶ୍ୱାସ ହ୍ରାସ, ଅସମାନତା ବୃଦ୍ଧି ଏବଂ ମୂଲ୍ୟବୋଧର ବିନାଶର କାରଣ ହେବ। ସେହିପରି ବଂଚିବା ପାଇଁ ମୌଳିକ ଶିକ୍ଷା, ନୀତି ତଥା ମାନବିକ ମୂଲ୍ୟବୋଧର ଅବକ୍ଷୟ ଘଟାଇବ। ଅର୍ଥନୈତିକ-ସାମାଜିକ ଆବଶ୍ୟକତାଠାରୁ ରାଷ୍ଟ୍ର ଦୂରେଇ ଯିବ। ଲୋକଙ୍କ କଲ୍ୟାଣ, ବିକାଶ ପାଇଁ ବିଶ୍ୱ ଅସ୍ତ୍ରଶସ୍ତ୍ର ନୁହେଁ ଜନହିତକର କାର୍ଯ୍ୟକ୍ରମ ଉପରେ ଗୁରୁତ୍ୱ ଦେବା ଆବଶ୍ୟକ। ଅନ୍ୟଥା ମୃତ୍ୟୁ ଓ ଧ୍ୱଂସ ହିଂସାର ସାର ହେବ।

+ସମ୍ମାନ ଭବନ,
ପ୍ଲଟ ନଂ-୫୮/୩୫୮୧,
ଗାଙ୍ଗୋତ୍ରୀ ନଗର,
ରୋଡ ନଂ-୩, ଶିଶୁପାଳଗଡ,-
୭୫୧୦୦୨
ମୋ:୭୯୭୮୬୬୬୪୦୩

କବିତା କୋଣାର୍କ

## ବିଶ୍ୱ ନିର୍ମାତା ବିଶ୍ୱକର୍ମା

### ପ୍ରଶାନ୍ତ କୁମାର ନାୟକ

ବିଶ୍ୱ ନିର୍ମାତା ତୁମେ ଆହେ ବିଶ୍ୱକର୍ମା
ବ୍ରହ୍ମାଙ୍କ ନିର୍ଦ୍ଦେଶମାତ୍ରେ କଲ ବ୍ରହ୍ମାଣ୍ଡ ସର୍ଜନା,
ବାନର ବୀର ନଳ ତୁମ ପୁତ୍ର ଥିଲେ
ସମୁଦ୍ରରେ ସେତୁ ସେହି ବାନ୍ଧିଥିଲେ।

ଯେବେ ଇନ୍ଦ୍ରଦ୍ୟୁମ୍ନ ରାଜା ଦାରୁ ଅଣାଇଲେ
ବିଗ୍ରହ ନିର୍ମାଣ ପାଇଁ ଶିଳ୍ପୀଙ୍କୁ ଡାକିଲେ,
ଥୁଣ୍ଟାହେଲା ସେମାନଙ୍କ ନିହାଣର ମୂନ
ଅସଫଳ ହୋଇ ସର୍ବେ ଫେରିଲେ ତତକ୍ଷଣ ।।

ବୃଦ୍ଧ ରୂପେ ଆବିର୍ଭାବ ହୋଇଥିଲ ତୁମ୍ଭେ
ବିଗ୍ରହ ଗଢିବ ବୋଲି କହିଥିଲ ଦମ୍ଭେ,
ଆପଣା ସର୍ତ୍ତରେ ତୁମେ ମୂର୍ତ୍ତି ଗଢିଥିଲ
ସର୍ତ୍ତ ଭଗ୍ନ ହେଲାପରେ ଅନ୍ତର୍ଦ୍ଧାନ ହେଲ।

ଅଧାଗଢା ରୂପେ ଦାରୁ ଶୋଭିଲେ ମନ୍ଦିରେ
ବଳଭଦ୍ର ଜଗନ୍ନାଥ ସୁଭଦ୍ରା ନାମରେ,
ବିଶ୍ୱକର୍ମା ବଂଶ ଆଜି ବିପଦେ ପଡିଛି
ବାତ୍ୟା କରୋନା ପ୍ରଭାବରେ ଜୀବିକା ହାରିଛି ।।

ଶିଳ୍ପ ବିପନ୍ନ ହୋଇଛି ଆଜି ଶିଳ୍ପୀ ବିପଦରେ
ଦେବଶିଳ୍ପୀ ଦୟାକର, ଶରଣ ତବ ଶ୍ରୀଛାମୁରେ,
କୃପାକର ଆହେ ଦେବ ଶିଳ୍ପୀ
ତୁମରି ଶ୍ରୀପୟରେ ଢାଳେ କୋଟି ପ୍ରଣତି ।

## ପିତୃପୁରୁଷ

### ଗୀତାଞ୍ଜଳି ଅଗସ୍ତି



ହେ ପିତୃପୁରୁଷ କରନ୍ତୁ ଆଶିଷ
କରୁଛି ମୁଁ ନିବେଦନ
ତୁମ ଆଶ୍ରୀବାଦ ମୋହର ସମ୍ପଦ
ଖୁସିରେ କାଟିବି ଦିନ।
ହେ ପିତୃପୁରୁଷ ଉଜ୍ଜ୍ୱଳ ପ୍ରଦୀପ
ଦେଖାଅ ଆଲୋକ ପଥ
ପଥ ଭ୍ରଷ୍ଟ ହୋଇ ଯଦି ଚାଲି ଯାଏ
ଶିଖାଅ ସୁଗମ ବାଟ ।
ହେ ପିତୃପୁରୁଷ ସତ୍ୟ ଧର୍ମ ଶ୍ରେଷ୍ଠ
ଶିଖାଇଛ ପିଲା ଦିନୁ
ଗୁରୁ ଗୁରୁଜନ କରିବା ସମ୍ମାନ
ତାଙ୍କୁ ହିଁ ଈଶ୍ୱର ମାନୁ।
ହେ ପିତୃଦେବ ତୁମର ଆଶ୍ରୀବାଦେ
ସମାଜେ ପ୍ରତିଷ୍ଠା ପାଏ
ଅଜ୍ଞାନ ଅନ୍ଧାର ଲିଭାଇ ଦେଇଛ
ଜ୍ଞାନର ଦୀପ ଲଗାଏ ।
ପୂଜ୍ୟ ପିତୃଗଣ କରୁଛି ପ୍ରଣାମ
ତୁମରି ଶିକ୍ଷା ମହାନ
ସତ୍ୟ ଧର୍ମ ପଥେ ନ୍ୟାୟ ସାଥେ
ଚାଲିବି ସାରା ଜୀବନ।

+ଏରଡା, ଭଦ୍ରକ

# ଶ୍ରୀ ଶ୍ରୀ ବିଶ୍ୱକର୍ମା ପୂଜା



ବିଷ୍ଣୁ ପ୍ରସାଦ ଦାସ



ଆଦିମ କାଳରୁ ସନାତନ ଧର୍ମ ପ୍ରଚଳିତ, ସତ କହିବାକୁ ଗଲେ ପୃଥିବୀର ସର୍ବ ପୁରାତନ ଧର୍ମ ଏହି ସନାତନ ଧର୍ମ । ଅନ୍ୟ ଯେତେ ସବୁ ଧର୍ମ ରହିଲା ସେଗୁଡିକର ଉତ୍ପତ୍ତି ମୂଳତଃ ସନାତନ ଧର୍ମ ରୁ ବୋଲି ବିଶ୍ୱାସ କରାଯାଏ , ହିନ୍ଦୁ ମାନେ ପ୍ରତିମା ପୂଜାରେ ବିଶ୍ୱାସ କରନ୍ତି ଏବଂ ୩୩ କୋଟି ଦେବା ଦେବୀ ଥିବାର ହିନ୍ଦୁ ଧର୍ମ ଗ୍ରନ୍ଥରେ ଲେଖା ଅଛି ବୋଲି ଶୁଣିବାକୁ ମିଳେ । ତେବେ ୩୩ କୋଟି ଦେବା ଦେବୀଙ୍କ ମଧ୍ୟରୁ ସାଧାରଣତଃ ଶ୍ରୀ ଶ୍ରୀ ଗଣନାଥଙ୍କ ପୂଜା ଠାରୁ ସନାତନ ଧର୍ମାବଲମ୍ବୀ ମାନଙ୍କର ପାର୍ବଣ ଋତୁ ଆରମ୍ଭ ହୋଇ ବିଦ୍ୟା ଦାୟିନୀ ମା' ସରସ୍ୱତୀଙ୍କ ପୂଜା ପର୍ଯ୍ୟନ୍ତ ଅନେକ ପୂଜା, ପାର୍ବଣ ବେଶ ଜାକ୍ ଜମକ ରେ ପାଳିତ ହୋଇ ଆସୁଛି , ତନ୍ମଧ୍ୟରୁ ରଥ ଯାତ୍ରା , ବିଶ୍ୱକର୍ମା ପୂଜା , ଦୁର୍ଗାପୂଜା, କାଳୀପୂଜା / ଦୀପାବଳୀ , କାର୍ତ୍ତିକେଶ୍ୱର ପୂଜା, ଶୀତଳ ଷଷ୍ଠୀ, ନୂଆଁ ଖାଇ ସହିତ ବାଲିଯାତ୍ରା ଇତ୍ୟାଦି ଅନେକ ଆଡମ୍ବରରେ ସାଜସଜ୍ଜା ସହିତ ପାଳନ କରା ଯାଏ ।

ଦେବଶିଳ୍ପୀ ଶ୍ରୀ ଶ୍ରୀ ବିଶ୍ୱକର୍ମାଙ୍କ ପୂଜା ପଦ୍ଧତି ବିଷୟରେ କିଛି ଆଲୋଚନା କରିବା , ଭାଦ୍ରବ ମାସ, କନ୍ୟା ସଂକ୍ରାନ୍ତି ( ସେପ୍ଟେମ୍ବର ୧୬ / ୧୭ ତାରିଖ ) ଦିନ ବିଶ୍ୱକର୍ମାଙ୍କ ଚତୁର୍ଭୁଜ ମୂର୍ତ୍ତି ପୂଜା ପାଳନ କରାଯାଏ । ପୁରାଣର ପ୍ରସିଦ୍ଧ ଯନ୍ତ୍ରୀ ଦେବ ଶିଳ୍ପୀ ବିଶ୍ୱକର୍ମାଙ୍କ ପ୍ରତି କୃତଜ୍ଞତା ଓ ଶ୍ରଦ୍ଧାଞ୍ଜଳୀର ନିଦର୍ଶନ ସ୍ୱରୂପ ଏଇ ଉତ୍ସବକୁ ସବୁ ବର୍ଗର ଯାନ୍ତ୍ରିକ ବିଦ୍ୟା ସହିତ ଜଡିତ ହୋଇ ଜୀବିକା ନିର୍ବାହ କରୁଥିବା ବ୍ୟକ୍ତି ବିଶେଷ ତଥା ବଡ଼ ଠାରୁ ଆରମ୍ଭ କରି ଛୋଟ ଶିଳ୍ପାନୁଷ୍ଠାନ, କାରଖାନା , ଗାଡି ମଟର ମରାମତି କାରଖାନା , କୁଟୀର ଶିଳ୍ପ ତଥା ମଟର ଗାଡି ମଧ୍ୟ ପୂଜା କରା ଯିବାର ଦେଖିବାକୁ ମିଳେ, ଶ୍ରମିକ ମାନେ ଖୁବ ନିଷ୍ଠାର ସହିତ ଏହି ପୂଜା କରନ୍ତି ।

ପୁରାଣରୁ ଯାହା ଜଣା ଯାଏ ଶ୍ରୀ ଶ୍ରୀ ବିଶ୍ୱକର୍ମା ହେଉଛନ୍ତି ଜଣେ ଦେବ ଶିଳ୍ପୀ ତଥା ସମସ୍ତ ଶିଳ୍ପ ଏବଂ ଶିଳ୍ପୀ ମାନଙ୍କ କୁଳ ଦେବତା । ଆମେ ପୂଜା କରୁଥିବା ମୂର୍ତ୍ତି ମଧ୍ୟରେ ତାଙ୍କ ରୂପ ହେଲା- ଚତୁର୍ଭୁଜ ବିଶ୍ୱକର୍ମା, ତାଙ୍କ ବାମ ଉପର ହାତରେ ବଟାଳି ଏବଂ ବାମ ତଳ ହାତରେ ମାର୍ତ୍ତୁଲ, ଦକ୍ଷିଣ ଉପର ହାତରେ ଚକ୍ର ଏବଂ ତଳ ହାତରେ ଆଶୀର୍ବାଦ କରୁଥିବାର ଦୃଷ୍ଟିଗୋଚର ହେଉଥାନ୍ତି । ତାଙ୍କ ଭୂଷଣ ଗୁଡିକ ହେଲା - ଦିବ୍ୟ ବସ୍ତ୍ର ପରିହିତ ଗଳାରେ ରତ୍ନ ହାର, ଅନୁପମ ରତ୍ନ ଅଳଙ୍କାରରେ ବିଭୂଷିତ, କର୍ଣ୍ଣରେ କୁଣ୍ଡଳ । ତାଙ୍କର ମୁଖ ମଣ୍ଡଳ କାନ୍ତିମାନ , ତେଜସ୍ୱି ତଥା ଖୁବ ସୁନ୍ଦର ଅଟନ୍ତି । ଶୁଣାଯାଏ ବ୍ରହ୍ମା ଙ୍କ ନିର୍ଦ୍ଦେଶରେ ଶ୍ରୀ ଶ୍ରୀ ବିଶ୍ୱକର୍ମା ସମଗ୍ର ବିଶ୍ୱକୁ ରୂପ ଦେଇ ରଚନା କରିଥିଲେ , ସ୍ୱର୍ଗରେ ମଧ୍ୟ ଅମରାବତୀ ସେ ନିର୍ମାଣ କରିଥିଲେ । ଅସୁର ମାନଙ୍କ ସହିତ ଯୁଦ୍ଧ ନିମନ୍ତେ ଆବଶ୍ୟକ ହେଉଥିବା ଅସ୍ତ୍ର ଶସ୍ତ୍ର, ବିମାନ ତଥା ଯୁଦ୍ଧ ଉପକରଣ ସବୁ ଗୁଡିକ ଶ୍ରୀ ଶ୍ରୀ ବିଶ୍ୱକର୍ମାଙ୍କ ଦ୍ୱାରା ନିର୍ମିତ ହୋଇ ଥିଲା । ହିନ୍ଦୁ ମାନେ ବିଶ୍ୱାସ କରନ୍ତି ଯେ, ସେ ହିଁ ହେଉଛନ୍ତି ସୃଷ୍ଟି କର୍ତ୍ତା ବ୍ରହ୍ମା , ପାଳନ କର୍ତ୍ତା ବିଷ୍ଣୁ ଏବଂ ସଂହାର କର୍ତ୍ତା ଶିବ, ସେ କେବଳ ରୂପ ବଦଳାଇ ଥା'ନ୍ତି ନିଜ କାର୍ଯ୍ୟ ଶୈଳୀ କୁ ପାଥେୟ କରି, ଏହାହିଁ ହିନ୍ଦୁ ଧର୍ମର ବୈଚିତ୍ର ଏବଂ ଅଟଳ ବିଶ୍ୱାସ ବୋଲି ଧରାଯାଏ । ଶ୍ରୀ ଶ୍ରୀ ବିଶ୍ୱକର୍ମାଙ୍କ ଅବତାର ବିଷୟରେ ମଧ୍ୟ ପୁରାଣରେ ଅନେକ କଥା ଲିପିବଦ୍ଧ ହୋଇଛି ତାହାକୁ ଆଧାର କରି ଜଣା ଯାଏ ଯେ, ବିଶ୍ୱକର୍ମାଙ୍କ ପାଞ୍ଚ ଅବତାର- ସେ ପାଞ୍ଚ ଅବତାର ଗୁଡିକ ହେଲେ - ବିରାଟ ବିଶ୍ୱକର୍ମା , ଧର୍ମବଂଶୀ ବିଶ୍ୱକର୍ମା , ଅଗ୍ନିବଂଶୀ ବିଶ୍ୱକର୍ମା , ସୁଧନ୍ୱା ବିଶ୍ୱକର୍ମା ଏବଂ ଭୃଗୁବଂଶୀ ବିଶ୍ୱକର୍ମା । ସ୍କନ୍ଧ ପୁରାଣକୁ ଯଦି ପାଥେୟ କରି ଦେଖିବା ତେବେ ଶାସ୍ତ୍ର ଅନୁସାରେ ବ୍ରହ୍ମା ସ୍ୱରୂପ ଭଗବାନ ଶ୍ରୀ ଶ୍ରୀ ବିଶ୍ୱକର୍ମାଙ୍କର ପଞ୍ଚ ମୁଖ ତଥା ତାଙ୍କର ପଞ୍ଚ ପୁତ୍ରଙ୍କ ନାମ ହେଲା - ମନୁ, ମୟ, ତ୍ୱଷ୍ଟା, ଶିଳ୍ପୀ ଏବଂ ଦେବଜ୍ଞ ଏମାନେ ଜଣେ ଜଣେ ସମାଜର ହିତକାରୀ ଦିବ୍ୟ ମହର୍ଷି ଅଟନ୍ତି । ଏହି ପଞ୍ଚ ମୁଖର ନାମ କରଣ ଅନୁସାରେ ଭଗବାନ ବିଶ୍ୱକର୍ମାଙ୍କର ପଞ୍ଚ ପୁତ୍ର ସଂସାରର ହିତ ପାଇଁ ତଥା ଯାନ୍ତ୍ରିକ ଅସ୍ତ୍ରଶସ୍ତ୍ର ଏବଂ ଅନ୍ୟାନ୍ୟ ସାମଗ୍ରୀ ତିଆରି କରିବାର ଶ୍ରେୟ ନେଇଛନ୍ତି ।

ଶ୍ରୀ ଜଗନ୍ନାଥ ଙ୍କ ଇତିହାସ ଜାଣିବାକୁ ହେଲେ - କିମ୍ୱଦନ୍ତୀ ଅନୁଯାୟୀ ଜଗନ୍ନାଥଙ୍କ ଦାରୁ ମୂର୍ତ୍ତି ବିଶ୍ୱକର୍ମା ନିର୍ମାଣ କରିଥିଲେ । ଇନ୍ଦ୍ରଦ୍ୟୁମ୍ନ ରାଜା ବାଙ୍କି ମୁହାଣରୁ ସଂଗ୍ରହ କରିଥିବା ଦାରୁରେ ଜଗନ୍ନାଥଙ୍କ ମୂର୍ତ୍ତି ନିର୍ମାଣ କରିବାକୁ ନାନା ଦେଶରୁ ଦକ୍ଷ ଶିଳ୍ପୀ ମାନଙ୍କୁ ଅଣାଇ କାମରେ ଲଗାଇ ଥିଲେ କିନ୍ତୁ ସେମାନଙ୍କ ନିହାଣ ମୁନରେ ସେ ଦାରୁ ଖୋଲା ଯାଇ ପାରିଲା ନାହିଁ, ବରଂ ସେଗୁଡ଼ିକର ଧାର ନଷ୍ଟ ହୋଇ ଗଲା । ମୂର୍ତ୍ତି ଗଢ଼ିବାରେ ବିଫଳ ହୋଇ ସମସ୍ତେ ଫେରିବାରେ ଲାଗିଲେ ତଥା ଦିନକୁ ଦିନ ରାଜା ରାଣୀଙ୍କ ମନରେ ଭାଳେଣି ପଡ଼ିଲା । କିଛିଦିନ ଗତ ହେବା ପରେ ଦିନେ ଜଣେ ବୁଢ଼ା ବଢ଼େଇ ଆସି ମୂର୍ତ୍ତି ନିର୍ମାଣ କରିବାକୁ ଆଗ୍ରହ ପ୍ରକାଶ କରିଥିଲେ । ପରିଶେଷରେ ବୁଢ଼ା ବଢ଼େଇକୁ ନିର୍ମାଣ ଦାୟିତ୍ୱ ରଜାଙ୍କ ଦ୍ୱାରା ନ୍ୟସ୍ତ କରାଗଲା । ବୁଢ଼ା ବଢ଼େଇଙ୍କ ସର୍ତ୍ତ ଥିଲା ଯେ , ୨୧ ଦିନ ପର୍ଯ୍ୟନ୍ତ ମନ୍ଦିର ଦ୍ୱାର ଫିଟିବ ନାହିଁ, ସେ ଉପବାସ ରହି ମୂର୍ତ୍ତି ନିର୍ମାଣ କରିବେ । ଏଥିରେ ରାଜା ରାଜି ହୋଇ ମନ୍ଦିର ଦ୍ୱାର ବନ୍ଦ କଲେ । ପ୍ରତ୍ୟେକ ଦିନ ରାଜା ଭିତରର କାର୍ଯ୍ୟ ହେଉ ଥିବା ଠକ୍ ଠକ୍ ଶବ୍ଦ ଶୁଣିବାର ବ୍ୟବସ୍ଥା କରିଥାନ୍ତି । କିଛିଦିନ ପରେ ଭିତରୁ ଶବ୍ଦ ଆସିବା ବନ୍ଦ ହୋଇଯିବା ପରେ ଗୁଣ୍ଡିଚା ରାଣୀ ଧୈର୍ଯ୍ୟ ଧରି ରହି ପାରିଲେ ନାହିଁ । ବୁଢ଼ା ବଢ଼େଇ ଉପବାସରେ ମୃତ୍ୟୁବରଣ କରି ଛନ୍ତି ବୋଲି ସେ ଭାବିଲେ ଏବଂ ରାଜାଙ୍କୁ ଦ୍ୱାର ଖୋଲିବାକୁ ଅନୁରୋଧ କଲେ । ଦ୍ୱାର ଉନ୍ମୁକ୍ତ କଲାପରେ ଦେଖାଗଲା ଯେ ବୁଢ଼ା ବଢ଼େଇ ଅନ୍ତର୍ଦ୍ଧ୍ୟାନ ହୋଇ ଯାଇ ଛନ୍ତି , ଅଛି କେବଳ ଦରଗଢ଼ା ମୂର୍ତ୍ତି । ଏଥିରେ ରାଜା ରାଣୀ ଘୋର ଚିନ୍ତାରେ ପଡ଼ିବାରୁ ଶୂନ୍ୟବାଣୀ ହେଲା ଯେ- "ମୋର ଯେଉଁ ରୂପରେ ଆବିର୍ଭାବ ହେବାର ଇଚ୍ଛା ମୁଁ ସେହି ରୂପରେ ହିଁ ଆବିର୍ଭାବ ହୋଇଛି, ତେଣୁ ଏଥିରେ ଶୋଚନା କରିବାର କିଛି ନାହିଁ । ଏହି ବୁଢ଼ା ବଢ଼େଇ ଥିଲେ ସ୍ୱୟଂ ଦେବ ଶିଳ୍ପୀ ବିଶ୍ୱକର୍ମା" । ସୃଷ୍ଟିରେ ସେହି ଲୀଳା ମୟଙ୍କ ବିଚିତ୍ର ନୀୟମ ଏବଂ ଆମେ ନିମିତ୍ତ ମାତ୍ର ।

ହିନ୍ଦୁ ଧର୍ମର ବିଭିନ୍ନ ପୂଜା ଦ୍ୱାରା ସ୍ନେହ, ସହାନୁଭୂତି ଏବଂ ଭାତୃ ଭାବ ବଢିଥାଏ, କର୍ମମୟ ଜଂଜାଳ ଭିତରେ ମନୁଷ୍ୟକୁ ଭକ୍ତି ଭାବନା ମାର୍ଗ ଦିଗକୁ ଆକର୍ଷିତ କରିଥାଏ । ନିଷ୍ଠାର ସହିତ ପୂଜାର୍ଚ୍ଚନା କରିବା, ନିଜର ପରମ୍ପରାକୁ ଉଦ୍ଦୀବିତ କରିବା ସହିତ ନୂତନ ପିଢ଼ିକୁ ସତ୍ ମାର୍ଗରେ ପରିଚାଳିତ କରିବା ପରି ଅନେକ କିଛି ସୁନ୍ଦର, ଯୁଗୋପୋଯୋଗୀ ସମାଜର କଲ୍ୟାଣ ନିମିତ୍ତ ଭଗବାନଙ୍କ ନିକଟରେ ପ୍ରାର୍ଥନା ମଧ୍ୟ କରାଯାଇ ଥାଏ । ହିନ୍ଦୁ ମାନେ ନିଜର ଇପ୍ସିତ ଭକ୍ତି ଭାବନାକୁ ବିଭିନ୍ନ ଦେବା ଦେବୀଙ୍କ ମୂର୍ତ୍ତି ମାଧ୍ୟମରେ ସେହି ପରମାତ୍ମାଙ୍କ ପାଖକୁ ପ୍ରେରିତ କରିଥା'ନ୍ତି, ବିଭିନ୍ନ ଦେବା ଦେବୀଙ୍କ ମୂର୍ତ୍ତି ନିର୍ମାଣ ପରେ ନିଷ୍ଠାର ସହିତ ମୂର୍ତ୍ତିରେ ଦେବା ଦେବୀଙ୍କୁ ଆବାହନ କରି ପ୍ରାଣ ପ୍ରତିଷ୍ଠା କରାଯାଏ ତତ୍ପରେ ବିଧି ବିଧାନ ସହିତ ପୂଜାର୍ଚ୍ଚନା ସମ୍ପନ୍ନ ହୁଏ , ନିର୍ଦ୍ଧାରିତ ସମୟରେ ବିସର୍ଜ୍ଜନ କରା ହୁଏ ତତ୍ପରେ ଦେବା ଦେବୀଙ୍କ ମୂର୍ତ୍ତିକୁ ନଦୀ ଜଳରେ ପ୍ଲାବିତ କାର୍ଯ୍ୟ ଖୁବ ନିଷ୍ଠାର ସହିତ ଅନୁଷ୍ଠିତ ହୋଇଥାଏ । ଭକ୍ତର ଧାର୍ମିକ ଭାବନା, ଅନ୍ତର୍ନିହିତ ଭାବାବେଗ ତଥା ବିସର୍ଜ୍ଜନ ହୋଇଥିବା ପ୍ରତିମାଙ୍କୁ ସସମ୍ମାନେ ଶୋଭା ଯାତ୍ରାରେ ଜଳାଶୟ ପର୍ଯ୍ୟନ୍ତ ନିଆ ହୋଇଥାଏ, ଅତୀତ ଏବଂ ବର୍ତ୍ତମାନର ପୂଜାପଦ୍ଧତି କୁ ଯଦି ତର୍ଜମା କରିବା ତେବେ ଆକାଶ ପାତାଳ ର ପାର୍ଥକ୍ୟ ଦେଖିବା । ଏବେ ଭକ୍ତି ଶୂନ୍ୟ ଏବଂ ଶକ୍ତି ତଥା ମନୋରଞ୍ଜନ ପୂର୍ଣ୍ଣ ଭଷାଣି କୁ ଯୁବ ପିଢ଼ି ଆଦରି ନେଇଛନ୍ତି । ବିଭିନ୍ନ ପ୍ରକାରର ନିଶା ଦ୍ରବ୍ୟ ସେବନ ଆମିଷ ଭକ୍ଷଣ, ଅଶ୍ଳୀଳ ସଙ୍ଗୀତ, ଅର୍ଦ୍ଧ ଉଲଗ୍ନ ନର୍ତ୍ତକୀ ମାନଙ୍କ ନାଚ ଗୀତରେ ବର୍ତ୍ତମାନ୍ ଅଧିକାଂଶ ଯୁବ ପୀଢ଼ି ମସଗୁଲ ହୋଇ ଯାଆନ୍ତି ଯାହାକି ଆମ ସନାତନ ଧର୍ମକୁ ଅନ୍ୟ ମାନଙ୍କ ନିକଟରେ ନ୍ୟୁନ କରି ଦେଉଛନ୍ତି । ଭକ୍ତି ଆମକୁ ନତ ମସ୍ତକ କରାଏ, ଶକ୍ତି ଆମକୁ ଅହଙ୍କାରୀ କରି ଥାଏ । ନିଜର ନିଜତ୍ୱ ବଜାୟ ରଖି ସନାତନ ଧର୍ମକୁ ବିଶ୍ୱ ଦରବାରରେ ଉଚ୍ଚାସନ ଦେବକୁ ଅନୁରୋଧ ।

+ସ୍ନେହ କୁଟୀର, ଝାଞ୍ଜିରୀ ମଙ୍ଗଳା,
କଟକ ୭୫୩୦୦୯
ମୋ. ୯୯୩୭୧୭୪୦୯୭

# ଭଗବାନ ବିଶ୍ୱକର୍ମାଙ୍କ ଦ୍ୱାରା ନିର୍ମାଣ

ଅଭୟ କୁମାର ଦାସ



ବିଶ୍ୱକର୍ମା ଅନ୍ୟ ଅର୍ଥରେ ବିଶ୍ୱର ସୃଷ୍ଟିକର୍ତ୍ତା । ଓଡ଼ିଶାର କଳାକାରମାନେ ବିଶ୍ୱକର୍ମାଙ୍କୁ ଏକ ସ୍ୱତନ୍ତ୍ର ରୂପ ଦେଇଛନ୍ତି । କିମ୍ବଦନ୍ତୀ କହେ, ସ୍ୱୟଂ ଶ୍ରୀଜଗନ୍ନାଥଙ୍କୁ ବିଶ୍ୱକର୍ମା ନିର୍ମାଣ କରିଥିଲେ । ଲକ୍ଷ୍ମୀ ପୁରାଣରୁ ଜଣାଯାଏ, ବିଶ୍ୱକର୍ମାଙ୍କ ପୁର ହେଉଛି ବୈକୁଣ୍ଠପୁର । ଶ୍ରୀଜଗନ୍ନାଥ ମହାପ୍ରଭୁ ଚଣ୍ଡାଳୁଣୀ କହି ଲକ୍ଷ୍ମୀ ଠାକୁରାଣୀଙ୍କୁ ମନ୍ଦିରରୁ ବାହାର କରିଦେବା ପରେ ମା'ବିଶ୍ୱକର୍ମାଙ୍କୁ ନିବେଦନ କରିଥବଲେ ମନ୍ଦିରଟିଏ ତୋଳିଦେବା ପାଇଁ । ମା'ଙ୍କ ଆଜ୍ଞା ପାଇ ବିଶ୍ୱକର୍ମା ବୈକୁଣ୍ଠ ସମାନ ନଅର ନିର୍ମାଣ କରିଥିଲେ । ଭାଗବତ ଅନୁସାରେ, ଶ୍ରୀକୃଷ୍ଣଙ୍କୁ ନିଜ ଦୁଃଖ ଜଣାଇବାକୁ ସୁଦାମା ଦ୍ୱାରକା ଯାଇଥିଲେ । କିନ୍ତୁ ମନକଥା ପ୍ରକାଶ କରିନପାରି ଘରକୁ ଫେରିଥିଲେ । ହେଲେ ଅନ୍ତର୍ଯ୍ୟାମୀ ପ୍ରଭୁ ସବୁ ଜାଣି ବିଶ୍ୱକର୍ମାଙ୍କୁ ଆଜ୍ଞା ଦେଇଥିଲେ ପ୍ରିୟ ସଖା ସୁଦାମାଙ୍କ ପାଇଁ ପ୍ରସାଦ ନିର୍ମାଣ କରି ଧନ୍ୟଧାନ୍ୟ ଗୋପଲକ୍ଷ୍ମୀରେ ପୂର୍ଣ୍ଣ କରିବା ପାଇଁ । ଦ୍ୱାରକାସ୍ଥିତ ଶ୍ରୀକୃଷ୍ଣଙ୍କ ପୁର ବିଶ୍ୱକର୍ମାଙ୍କ ଦ୍ୱାରା ନିର୍ମିତ ବୋଲି ଭାଗବତରୁ ଜଣାଯାଏ । ଆଶ୍ୱିନ ସଂକ୍ରମଣ ଦିନ ଦେବଶିଳ୍ପୀ ବିଶ୍ୱକର୍ମାଙ୍କ ପୂଜା ଅନୁଷ୍ଠିତ ହୁଏ । ଦେଶର ଅଗ୍ରଗତି ସଙ୍ଗେ ସଙ୍ଗେ ଶିଳ୍ପର ବିକାଶ ଫଳରେ ଆଧୁନିକ ଯୁଗରେ ବିଶ୍ୱକର୍ମା ପୂଜା ବହୁଳ ପ୍ରସାରିତ ହୋଇଛି । କଳକାରଖାନା, ଶିଳ୍ପାୟନଗୁଡ଼ିକରେ ମୂର୍ତ୍ତି ପୂଜା ବେଶ ଧୂମଧାମରେ ହେଉଛି ।

ଭଗବାନ ବିଶ୍ୱକର୍ମାଙ୍କ ଦ୍ୱାରା ନିର୍ମାଣ କଥା ଆଲୋଚନା କଲାବେଳେ ସର୍ବପ୍ରଥମେ ସ୍ମରଣକୁ ଆସୁଛନ୍ତି ମହାପ୍ରଭୁ ଶ୍ରୀଜଗନ୍ନାଥ । ରାଜା ଇନ୍ଦ୍ରଦ୍ୟୁମ୍ନ ଜଗନ୍ନାଥ ମନ୍ଦିର ନିର୍ମାଣ କରିବା ପରେ ବାଙ୍କି ମୁହାଣରୁ ସଂଗ୍ରହ କରାଯାଇଥିବା ଦାରୁରେ ଜଗନ୍ନାଥଙ୍କ ମୂର୍ତ୍ତି ନିର୍ମାଣ କରିବା ପାଇଁ ବଢ଼େଇ ଖୋଜୁଥିଲେ । ଏହି ସମୟରେ ଜଣେ ବୁଢ଼ା ବଢ଼େଇ ଆସି ପହଞ୍ଚି ଥିଲେ । ସେ ଯେ ମୂର୍ତ୍ତି ନିର୍ମାଣ କରିପାରିବେ ରାଜା ରାଣୀ ଏ ବିଶ୍ୱାସ କରିପାରିଲେ ନାହିଁ । ପରିଶେଷରେ ବୁଢ଼ା ବଢ଼େଇକୁ ନିର୍ମାଣର ଦାୟିତ୍ୱ ଦିଆଗଲା । ବୁଢ଼ା ବଢ଼େଇ ସର୍ତ୍ତ ରଖିଲେ ୨୧ଦିନ ପର୍ଯ୍ୟନ୍ତ ମନ୍ଦିର ଦ୍ୱାର ଫିଟିବ ନାହିଁ । ସେ ଉପବାସ କରି ମୂର୍ତ୍ତି ନିର୍ମାଣ କରିବେ । ଏଥିରେ ରାଜା ରାଜି ହୋଇ ମନ୍ଦିର ଦ୍ୱାର ବନ୍ଦ ରଖିଲେ । ପ୍ରତ୍ୟେକ ଦିନ ରାଜା ଭିତରର ଠକ୍ ଠକ୍ ଶବ୍ଦ ଶୁଣିବାର ବ୍ୟବସ୍ଥା କରିଥାନ୍ତି । ହଠାତ୍ ଆଉ ଶବ୍ଦ ନଶୁଭିବାରୁ ଗୁଣ୍ଡିଚା ରାଣୀ ଧୈର୍ଯ୍ୟ ଧରି ରହିପାରିଲେ ନାହିଁ । ସେ ଭାବିଲେ ବୁଢ଼ା ବଢ଼େଇ ମୃତ୍ୟୁ ବରଣ କରିଛନ୍ତି । ଗୁଣ୍ଡିଚାରାଣୀଙ୍କ ଅନୁରୋଦରୁ ଦ୍ୱାର ଉନ୍ମୁକ୍ତ କରାଗଲା । ଦେଖାଗଲା ଯେ ବୁଢ଼ା ବଢ଼େଇ ନାହାନ୍ତି - ଅଛି କେବଳ ଦରଗଢ଼ା ଜଗନ୍ନାଥ ମୂର୍ତ୍ତି । ଏଥିରେ ରାଜା ରାଣୀ ଘୋର ଚିନ୍ତାରେ ପଡ଼ିବାରୁ ଶୂନ୍ୟବାଣୀ ହେଲା ଯେ ମୋର ଯେଉଁ ରୂପରେ ଆବିର୍ଭାବ ହେବାର ଇଚ୍ଛା ସେହି ରୂପରେ ହିଁ ଆବିର୍ଭୂତ ହୋଇଛି । ତେଣୁ ଏଥିରେ ଶୋଚନା କରିବାର କିଛି ନାହିଁ । ଏହି ବୁଢ଼ା ବଢ଼େଇ ଥିଲେ ସ୍ୱୟଂ କାରିଗର ବିଶ୍ୱକର୍ମା ।

ସେହିପରି ମା'ଲକ୍ଷ୍ମୀଙ୍କ ଗୃହ ମଧ୍ୟ ବିଶ୍ୱକର୍ମା ନିର୍ମାଣ କରିଥିଲେ । ଲକ୍ଷ୍ମୀ ପୁରାଣରୁ ମଧ୍ୟ ଜଣଯାଏ ଯେ ବିଶ୍ୱକର୍ମାଙ୍କ ପୁର ହେଉଛି ବୈକୁଣ୍ଠପୁର । ଶ୍ରୀୟାଚଣ୍ଡାଳୁଣୀ ଘରକୁ ଜଗତ ଜନନୀ ମା'ଠାକୁରାଣୀ ଯାଇଥିଲେ ବୋଲି ବଳଭଦ୍ରଙ୍କ ପ୍ରରୋଚନାରେ ଯେତେବେଳେ ଜଗନ୍ନାଥ ତାଙ୍କୁ ମନ୍ଦିରକୁ ବାହାର କରିଦେଲେ ସେତେବେଳେ ମାଆ ଲକ୍ଷ୍ମୀ ବାପ ଘରକୁ ନଯାଇ ବିଶ୍ୱକର୍ମାଙ୍କୁ ସ୍ମରଣ କରି ନିବେଦନ କରିଥିଲେ ଗୋଟିଏ ଘର ନିର୍ମାଣ ପାଇଁ । ଏହି ବିଶ୍ୱକର୍ମା ବୈକୁଣ୍ଠରୁ ଅବତରଣ କରି ମା'ଙ୍କ ବୈକୁଣ୍ଠ ସମାନ ନଗର ନିର୍ମାଣ କରିଥିଲେ । ଭକ୍ତ ସୁଦାମାଙ୍କ ଭବ୍ୟ ବାସଭବନ ନିର୍ମାଣ ମଧ୍ୟ ବିଶ୍ୱକର୍ମାଙ୍କ ଦ୍ୱାରା ସମ୍ଭବ ହୋଇଥିଲା । ଭାଗବତରୁ ଜଣାଯାଏ ଯେ ଯେତେବେଳେ ଭକ୍ତ ସୁଦାମା ଖୁଦ ଭଜା ହାତରେ ଧରି ଦ୍ୱାରକାର ରାଜା କୃଷ୍ଣଙ୍କୁ ସାକ୍ଷାତ କରିବା ପାଇଁ ଯାଇଥିଲେ । ସେତେବେଳେ କୃଷ୍ଣ ଆନନ୍ଦରେ କୁଣ୍ଢାଇ ପକାଇଥିଲେ । ସୁଦାମା ନିଜର ମନକଥା କୃଷ୍ଣଙ୍କ ପାଖରେ ପ୍ରକାଶ କରିନଥିଲେ ମଧ୍ୟ ଅନ୍ତର୍ଯ୍ୟାମୀଙ୍କୁ କେଉଁ କଥା ଅଗୋଚର । ସଙ୍ଗେ ସଙ୍ଗେ ଦେବ ଦେବ ବିଶ୍ୱକର୍ମାଙ୍କୁ ଆଜ୍ଞା ଦେଇଥିଲେ ସୁଦାମା ପ୍ରାସାଦ ନିର୍ମାଣ କରି ଧନ ଧାନ୍ୟ ଗୋପଲକ୍ଷ୍ମୀରେ ଭରପୁର କରିପବା ଲାଗି । ଦ୍ୱାରକା ଭୁବନରେ ଥିବା କୃଷ୍ଣଙ୍କପୁର ମଧ୍ୟ ଏହି ବିଶ୍ୱକର୍ମାଙ୍କ ଦ୍ୱାରା ନିର୍ମିତ ବୋଲି ଭଗବତରୁ ଜଣାଯାଏ । ଭଗବାନ ବିଶ୍ୱକର୍ମା ଇନ୍ଦ୍ରପୁରୀ, ଯମପୁରୀ, ବରୁଣପୁରୀ, କୁବେରପୁରୀ, ପାଣ୍ଡବପୁରୀ, ସୁଦାମାପୁରୀ, ଶିବମଣ୍ଡଳପୁରୀ ଆଦି



ନିର୍ମାଣ କରିଥିଲେ । ପୁଷ୍ପକ ବିମାନ ନିର୍ମାଣ ତଥା ସମସ୍ତ ଦେବୀଙ୍କ ଭବନ ଏବଂ ସେମାନଙ୍କ ଦୈନିକ ଉପଯୋଗୀ ବସ୍ତୁ ବିଶ୍ୱକର୍ମାଙ୍କ ଦ୍ୱାରା ନିର୍ମାଣ କରାଯାଇଥିଲା । କର୍ଣ୍ଣଙ୍କ କୁଣ୍ଡଳ, ବିଷ୍ଣୁ ଭଗବାନଙ୍କ ସୁଦର୍ଶନ ଚକ୍ର, ଶଙ୍କର ଭଗବାନଙ୍କ ତ୍ରିଶୂଳ ଓ ଯମରାଜଙ୍କ କାଳଦଣ୍ଡ ଇତ୍ୟାଦି ନିର୍ମାଣ କରିଥିଲେ ଭଗବାନ ବିଶ୍ୱକର୍ମା ।

ଅନେକ ହୁଏତ ଜାଣି ନଥିବେ ଭଗବାନ ବିଶ୍ୱକର୍ମାଙ୍କ ଯୋଗୁ ସୂର୍ଯ୍ୟ କିରଣର ସୃଷ୍ଟି । ଜୀବଜଗତକୁ ତିଷ୍ଠି ରଖିବାରେ ସହାୟକ ହେଉଥିବା ସୂର୍ଯ୍ୟ କିରଣ ମଧ୍ୟ ଭଗବାନ ବିଶ୍ୱକର୍ମାଙ୍କ ଦ୍ୱାରା ସୃଷ୍ଟି ହୋଇଥିଲା । ରାଜବଲ୍ଲଭ ବାସ୍ତୁଶାସ୍ତ୍ରରେ ଏହା ବର୍ଣ୍ଣନା କରାଯାଇଛି । ଏହି ବର୍ଣ୍ଣନା ଅନ୍ୟ ଗ୍ରନ୍ଥରେ ମଧ୍ୟ ଦେଖିବାକୁ ମିଳେ । ବିଶ୍ୱକର୍ମାଙ୍କୁ କମ୍ୟାସୂତ୍ର, ପୁସ୍ତକ ଓ ଜ୍ଞାନସୂତ୍ର ଧାରକ । ହଂସ ଉପରେ ଆରୂଢ଼, ସର୍ବଦୃଷ୍ଟିଧାରକ, ଶୁଭ ମୁକୁଟ ଓ ବୃଦ୍ଧକାୟ ବୋଲି କୁହାଯାଏ । ବିଶ୍ୱର ସର୍ବପ୍ରଥମ ଟେକ୍ନିକ୍ ଗ୍ରନ୍ଥ ବିଶ୍ୱକର୍ମୀୟ ଗ୍ରନ୍ଥ ବୋଲି ମନାଯାଏ । ବିଭିନ୍ନ ଗ୍ରନ୍ଥ ମଧ୍ୟରେ ବିଶ୍ୱକର୍ମୀୟ ଗ୍ରନ୍ଥ ବହୁତ ପ୍ରାଚୀନ ମନାଯାଏ । ଏହି ଗ୍ରନ୍ଥରେ ବାସ୍ତୁବିଦ୍ୟା, ରଥର ବାହାନ, ମାନବ ଓ ଦେବବାସ୍ତୁ ବିଦ୍ୟା ଗଣିତର ସୂତ୍ର ଏକା ସାଙ୍ଗରେ ରହିଛି । ଏହା ସମସ୍ତ ପ୍ରାମାଣିକ ଓ ପ୍ରାସଙ୍ଗିକ ।

ଆମ ଧର୍ମଶାସ୍ତ୍ର ତଥା ଗ୍ରନ୍ଥୋରେ ବିଶ୍ୱକର୍ମାଙ୍କ ପାଞ୍ଚ ସ୍ୱରୂପ ଅବା ଅବତାରରେ ବର୍ଣ୍ଣନା ରହିଛି । ବିରାଟ ବିଶ୍ୱକର୍ମା : ସୃଷ୍ଟି ରଚେତା । ଧର୍ମବଂଶୀ ବିଶ୍ୱକର୍ମା : ମହାନ ଶିଳ୍ପ ବିଜ୍ଞାନ ବିଧାତା ପ୍ରଭାତ ପୁତ୍ର । ଅଗ୍ନିବଂଶୀ ବିଶ୍ୱକର୍ମା : ଆଦି ବିଜ୍ଞାନ ବିଧାତା ବସୁ ପୁତ୍ର । ସୁଧନ୍ୱା ବିଶ୍ୱକର୍ମା : ମହାନ ଶିଳ୍ପାଚାର୍ଯ୍ୟ ବିଜ୍ଞାନ ଜନ୍ମଦାତା ଋଷି ଅଥର୍ବାଙ୍କ ପୁତ୍ର । ଭୃଗୁବଂଶୀ ବିଶ୍ୱକର୍ମା : ଉତ୍କୃଷ୍ଟ ଶିଳ୍ପ ବିଜ୍ଞାନାଚାର୍ଯ୍ୟ ଶୁକ୍ରାଚାର୍ଯ୍ୟଙ୍କ ପୁତ୍ର । ପଞ୍ଚମୁଖ ବିଶ୍ୱକର୍ମା : କନ୍ଦପୁରାଣ ଅନୁସାରେ ବ୍ରହ୍ମା ସ୍ୱରୂପ ଭଗବାନ ବିଶ୍ୱକର୍ମାଙ୍କର ପଞ୍ଚମୁଖ । ତାଙ୍କର ପାଞ୍ଚମୁଖ ଯାହା ପୂର୍ବ, ପଶ୍ଚିମ, ଉତ୍ତର, ଦକ୍ଷିଣ ଓ ଋଷିଙ୍କ ମନ୍ତ୍ର ଦ୍ୱାରା ଉତ୍ପନ୍ନ ହୋଇଛି । ତାଙ୍କର ନାମ ହେଉଛି ମନୁ, ମୟ, ତ୍ୱଷ୍ଟା, ଶିଳ୍ପୀ ଓ ଦେବଜ୍ଞ । ଏମାନଙ୍କୁ ମଧ୍ୟ ପାଞ୍ଚପୁତ୍ର କୁହାଯାଏ । ଋଷି ମନୁ ବିଶ୍ୱକର୍ମା : ଏହାଙ୍କୁ ସାନଗ ଗୋତ୍ରର ବୋଲି କୁହାଯାଏ । ଲୁହାର କାମର କାରିଗରୀ ଅଟନ୍ତି । ଏମାନଙ୍କ ବଂଶଜ ଲୋହକାର ରୂପେ ଜଣାପଡ଼ିଥିଲେ । ସନାତନ ଋଷି ମୟ : ଏମାନଙ୍କୁ ସନାତନ ଗୋତ୍ରର କୁହାଯାଏ । ଏମାନେ ବଢ଼େଇ କାମର କାରିଗରୀ ସୃଷ୍ଟି କରିଥିଲେ । ଏମାନଙ୍କ ବଂଶଜଙ୍କୁ କାଷ୍ଠକାର ରୂପେ ମନାଯାଏ । ଅହଭୁନ ଋଷି ତୃଷ୍ଟା : ଏମାନଙ୍କ ଅନ୍ୟ ନାମ ତୃଷ୍ଟା । ଏମାନଙ୍କ ଗୋତ୍ର ଅହଂଭନ । ଏମାନଙ୍କ ବଂଶଜଙ୍କୁ ତାମ୍ରକ ରୂପେ ମନାଯାଏ । ଏମାନେ ତମ୍ବାର କାରିଗରୀ ଭାବେ ଜଣାଶୁଣା ହେଲେ । ପ୍ରୟତ୍ର ଋଷି ଶିଳ୍ପୀ : ଏମାନଙ୍କ ଅନ୍ୟ ନାମ ଶିଳ୍ପୀ, ଯାହାର ଗୋତ୍ର ପ୍ରୟତ୍ର । ଏମାନଙ୍କ ବଂଶଜ ଶିଳ୍ପକଳାର ଅଧିଷ୍ଠାତା ଅଟନ୍ତି । ଏମାନଙ୍କ ବଂଶଜଙ୍କୁ ମୂର୍ତ୍ତିକାର ବୋଲି ମନାଯାଏ । ଦେବଜ୍ଞ ଋଷି : ଏମାନଙ୍କ ଗୋତ୍ର ସୁର୍ପର୍ଣ । ଏମାନଙ୍କ ବଂଶଜଙ୍କୁ ସ୍ୱର୍ଣ୍ଣକାର ବୋଲି ମନାଯାଏ । ସ୍ୱର୍ଣ୍ଣ ଧାତୁରେ ଏମାନେ କାମ କରନ୍ତି । ପ୍ରାଚୀନ ଗ୍ରନ୍ଥ ଉପନିଷଦ ଏବଂ ପୁରାଣ ଆଦି ଅବଲୋକନ କଲେ ଜଣାପଡ଼େ ବିଶ୍ୱକର୍ମା ହେଉଛନ୍ତି ଶ୍ରେଷ୍ଠ ଶିଳ୍ପୀ । ଆଦିକାଳରେ ବିଶ୍ୱକର୍ମା ତାଙ୍କର ବିଶିଷ୍ଟ ଶିଳ୍ପ ଜ୍ଞାନ ଏବଂ ବିଜ୍ଞାନ ଗୁଣ ଯୋଗୁଁ ଦେବତା ଓ ମାନବ ଦ୍ୱାରା ପୂଜିତ । ବିଶ୍ୱକର୍ମା ଅନ୍ୟ ଅର୍ଥରେ ବିଶ୍ୱର ସୃଷ୍ଟି କର୍ତ୍ତା ।

+ଗୋତରା, ମାହାଙ୍ଗା, କଟକ,
ମୋ : ୯୪୩୭୧୪୨୭୧୭

# 'ଏକ ପେଡ଼ ମା' କେ ନାମ୍'

ହୃଷିକେଶ ପୁହାଣ



ଆଜି ଆମେ ବିଶାଳ ଓ ବିସ୍ତୃତ ଭାବରେ ସାମଗ୍ରୀକ ସବୁ କ୍ଷେତ୍ରକୁ ଦେଖିଲେ ଅନୁଭବ କରୁଛୁ ଯେ ପରିବେଶର ଭୟଙ୍କର ଅବକ୍ଷୟ ହେଉଛି । ଦ୍ରୁତଗତିରେ କଂକ୍ରିଟର ଜଙ୍ଗଲ ବୃଦ୍ଧି ପାଉଥିବାବେଳେ ସେ ତୁଳନାରେ ବୃକ୍ଷ ରୋପଣ ହେଉନାହିଁ । ଭାରତର ପରି ବିଶ୍ୱର ଅଭିବୃଦ୍ଧି ସମ୍ପନ୍ନ ଓ ବିଶ୍ୱର ଅନ୍ୟତମ ମହାଶକ୍ତିର ମର୍ଯ୍ୟାଦା ପାଇଥିବା ରାଷ୍ଟ୍ର ଆଜି ମଧ୍ୟ ପରିବେଶଜନିତ ନାନା ଅଘଟଣକୁ ସାମ୍ନା କରୁଛି । ଭାରତର ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଜୀ ପରିବେଶକୁ କେବଳ ଭଲ ପାଆନ୍ତି ତାହାନୁହେଁ ଜୀବନ ପରିବେଶ ହେଉଛି ତାଙ୍କ ଜୀବନ ଚେତନାର ଅନ୍ୟତମ ଆଧାର ବୋଲି ଖୋଦ ମତବ୍ୟକ୍ତ କରିଛନ୍ତି । ଭାରତର କୃତୀ ସନ୍ତାନ ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଜୀଙ୍କ ଜନ୍ମ ଦିବସକୁ ଏକ ସେବାଭିମୁଖୀ କାର୍ଯ୍ୟକ୍ରମ ଭିତରେ ସ୍ମରଣୀୟ କରିବା ପାଇଁ ୭୫ ଲକ୍ଷ ବୃକ୍ଷରୋପଣ ନିମିତ୍ତ ଓଡ଼ିଶା ପ୍ରସ୍ତୁତ ହେଉଛି । ଆମ ଓଡ଼ିଶା ହେଉଛି ଯଶସ୍ୱୀ ପ୍ରଧାନମନ୍ତ୍ରୀ ମୋଦିଜୀଙ୍କ ସ୍ୱପ୍ନର ପୂର୍ବ ଭାରତର ବିକାଶର ଦ୍ୱାର । ଓଡ଼ିଶା ଆଜି ଏକ ଦ୍ରୁତ ଅଭିବୃଦ୍ଧି ସମ୍ପନ୍ନ ରାଜ୍ୟ ଭାବରେ ସାରା ଭାରତରେ ନିଜ ଦ୍ରୁତ ସମ୍ଭାବନା ଓ ଅଗ୍ରଗତିକୁ ପ୍ରତିପାଦିତ କରିପାରିଛି । ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଜୀଙ୍କ ଜନ୍ମ ଦିବସ ନିମିତ୍ତ ଏହି ବୃକ୍ଷ ରୋପଣ କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀଙ୍କ ଠାରୁ ଯୁବ ବର୍ଗ ମହିଳାଙ୍କ ଠାରୁ ବେସରକାରୀ ଅନୁଷ୍ଠାନ, ଜନ ପ୍ରତିନିଧିଙ୍କ ଠାରୁ ସମସ୍ତେ ସାମିଲ ହେବା ପାଇଁ ସମସ୍ତଙ୍କ ଭିତରେ ଏକ ଅଭୁତପୂର୍ବ ଆଗ୍ରହ, ସଂକଳ୍ପ ଓ ଆବେଗ ଦେଖାଯାଉଛି । ସରକାରୀ ଭାବେ ସୂଚୀତ କରାଯାଇଛି କି ଯେ, ସମସ୍ତେ ଗଛ ଲଗାଇ ସେଲଫି ଉଠାଇ ମେରି ଲାଇଫ ପୋର୍ଟାଲ ଓ ଅନ୍ୟାନ୍ୟ ସାମାଜିକ ଗଣମାଧ୍ୟମ ପ୍ଲାଟଫର୍ମରେ ଅପଲୋଡ଼ କରନ୍ତୁ । ଏଠାରେ ସୂଚୀତ କରାଯାଇପାରେ କି ଯେ, ବିକାଶ ସହିତ ପରିବେଶର ସୁରକ୍ଷା ପାଇଁ ପ୍ରଧାନମନ୍ତ୍ରୀ ଗତବର୍ଷରୁ 'ଏକ ପେଡ଼ ମା' କେ ନାମ୍' ଅଭିଯାନ ଆରମ୍ଭ କରିଛନ୍ତି । ଓଡ଼ିଶା ଏହି ବିଶାଳ କାର୍ଯ୍ୟକ୍ରମରେ ସାମିଲ ହୋଇ ଗତବର୍ଷ ଓଡ଼ିଶା ଏହି କାର୍ଯ୍ୟକ୍ରମରେ ୬.୭୨ କୋଟି ଗଛ ଲଗାଇ ଦେଶରେ ଚତୁର୍ଥ ସ୍ଥାନରେ ରହିଥିଲା । ଚଳିତ ବର୍ଷ ଏହି ଅଭିଯାନରେ ଦ୍ୱିତୀୟ ସଂସ୍କରଣରେ ରାଜ୍ୟରେ ୭.୫ କୋଟି ଗଛ ଲଗାଇବାର ଲକ୍ଷ୍ୟ ରହିଛି । ଇତିମଧ୍ୟରେ ୪.୬୫ କୋଟି ଗଛ ଲଗାଯାଇଛି । ଗୋଟିଏ ଦିନରେ ୭୫ ଲକ୍ଷ ଗଛ ଲଗାଇବା ପାଇଁ ସମସ୍ତଙ୍କ ସହଯୋଗ ଆବଶ୍ୟକ । ପରିବେଶ ଅନୁକୂଳ, ସ୍ଥାନୀୟ ବୃକ୍ଷ, ଫଳ ଓ ଫୁଲ ଗଛ ଲଗାଇବା ପାଇଁ ସରକାରଙ୍କ ପକ୍ଷରୁ ପରାମର୍ଶଟି ବାସ୍ତବିକ ଗୁରୁତ୍ୱପୂର୍ଣ୍ଣ । କାରଣ ଆମ ସ୍ଥାନୀୟ ଅଞ୍ଚଳ, ପରିବେଶ, ଭୌଗୋଳିକ ଅବସ୍ଥିତି, ଜୀବନ ଜୀବିକା ଓ ସାମଗ୍ରୀକ ଭାବେ ବିଭିନ୍ନ ଦିଗକୁ ଲକ୍ଷ୍ୟ ରଖି ପରିବେଶକୁ ସବୁଜକରଣ ପାଇଁ ଆମ ସମସ୍ତଙ୍କ ଭିତରେ ଆଗ୍ରହ ରହିଲେ ସବୁଜ ଓଡ଼ିଶା ଭିତରେ ନୂଆ ସମ୍ଭାବନା, ନିଜ ଗୋଡ଼ରେ ଛିଡ଼ା ହେବାର ସାମର୍ଥ୍ୟ ସର୍ବୋପରି ଏକ ଶ୍ରେଷ୍ଠ ମାନର ସ୍ୱାସ୍ଥ୍ୟ ଅନୁମୋଦିତ ପରିବେଶ ସୃଷ୍ଟି ହୋଇପାରିବ ।

କୋଟି କୋଟି ଓଡ଼ିଶାବାସୀଙ୍କ ମୋଦିଜୀଙ୍କ ପ୍ରତି ଯେଉଁ ଅକୁଣ୍ଠ, ଭଲପାଇବା, ଶ୍ରଦ୍ଧା ଓ ସମ୍ମାନ ରହିଛି ଏହାର ଫଳସ୍ୱରୂପ ୭୫ ଲକ୍ଷ ଗଛ ଲଗାଇବାର ଲକ୍ଷ୍ୟ ନିଶ୍ଚିତ ପୂରଣ ହେବ । କେବଳ ସେତିକି ନୁହେଁ ଗଛ ଗୁଡ଼ିକ ଯେପରି ବଞ୍ଚି ରହିବ, ସେଥିପାଇଁ ଏହାର ନିୟମିତ ତଦାରଖ ଆବଶ୍ୟକ । ରାଜ୍ୟ ସରକାର ଏଥିପାଇଁ ସଂପୂର୍ଣ୍ଣ ପ୍ରସ୍ତୁତ ଅଛନ୍ତି । ସେପ୍ଟେମ୍ବର ୧୭ ତାରିଖ ଦିନ ସୂର୍ଯ୍ୟୋଦୟରୁ ସୂର୍ଯ୍ୟାସ୍ତ ପର୍ଯ୍ୟନ୍ତ ଚାରା ରୋପଣ କରାଯିବ । ଇଲେକସନ ମୋଡ଼ରେ କାର୍ଯ୍ୟକ୍ରମର ତଦାରଖ କରାଯିବ । ଏହି କାର୍ଯ୍ୟକ୍ରମ ପାଇଁ ଜଙ୍ଗଲ ବିଭାଗ ୧୫ ଲକ୍ଷ, ପଞ୍ଚାୟତିରାଜ ୩୪ ଲକ୍ଷ ଶିଳ୍ପ ୧୫ ଲକ୍ଷ, କୃଷି ୨୩ ଲକ୍ଷ, ସେଣ୍ଟ୍ରାଲ ଆର୍ମଡ଼ ପୁଲିସ ଫୋର୍ସେସ ୨.୨ ଲକ୍ଷ, ରାଜ୍ୟ ପୁଲିସ ୩ ଲକ୍ଷ, ବିଭିନ୍ନ ବ୍ୟାଙ୍କ ଓ ଆର୍ଥିକ ସଂସ୍ଥାମାନେ ୨ ଲକ୍ଷ ଗଛ ଲଗାଇବାର ଲକ୍ଷ୍ୟ ରହିଛି । ତେଣୁ ଏହି କାର୍ଯ୍ୟକ୍ରମରେ ୭୫ ଲକ୍ଷରୁ ଯଥେଷ୍ଟ ଅଧିକ ଗଛ ଲାଗିବାର ସମ୍ଭାବନା ରହିଛି ।

ଏହି ବିଶାଳ ଲୋକପ୍ରିୟ ଓ ଅନ୍ୟ ମାନଙ୍କ ପାଇଁ ଶିକ୍ଷାଧର୍ମୀ କାର୍ଯ୍ୟକ୍ରମରେ ୨ଲକ୍ଷ ସ୍କୁଲ ଶିକ୍ଷକ ଶିକ୍ଷୟିତ୍ରୀ, ୧୫ ଲକ୍ଷ ସ୍କୁଲ ଛାତ୍ରଛାତ୍ରୀ, ୭୬ ହଜାର ଅଙ୍ଗନବାଡ଼ି କର୍ମୀ, ୧୭ ହଜାର ଆଶା କର୍ମୀ, ୧୦ ହଜାର ଇକୋ କ୍ଲବ, ୧୭ ହଜାର ୫ଶହ ବନ ସଂରକ୍ଷଣ ସମିତି, ଏକ ଲକ୍ଷ ଏନଏସଏସ ସ୍ୱେଚ୍ଛାସେବୀ, ୧୬ ହଜାର ୫ଶହ ମାଇଁ ଭାରତ ସ୍ୱେଚ୍ଛାସେବୀଙ୍କ ସହିତ ହଜାର ହଜାର ସ୍ୱୟଂ ସହାୟିକା ଗୋଷ୍ଠୀ, ସରକାରୀ ଉଦ୍ୟୋଗ, ଶିଳ୍ପ ସଂସ୍ଥା ଓ ଅନ୍ୟାନ୍ୟ ବେସରକାରୀ ସଂସ୍ଥାଙ୍କୁ ସାମିଲ ହେବା ପାଇଁ ବ୍ୟବସ୍ଥା କରାଯାଇଛି । ଏହି କାର୍ଯ୍ୟକ୍ରମ ପାଇଁ ମେରି ଲାଇଫ ପୋର୍ଟାଲରେ ରାଜ୍ୟର ଏକ ଦିବସୀୟ ଚାରା ରୋପଣ କାର୍ଯ୍ୟକ୍ରମକୁ ସ୍ୱତନ୍ତ୍ର ଭାବେ ସ୍ଥାନିତ କରାଯାଇଛି । ଅଂଶଗ୍ରହଣକାରୀଙ୍କୁ ମେରି ଲାଇଫ ପୋର୍ଟାଲରେ ସାର୍ଟିଫିକେଟ ପ୍ରଦାନ କରାଯିବ । ବର୍ତ୍ତମାନ ସମୟରେ ପରିବେଶର ଅସନ୍ତୁଳନ ଆମ ସମସ୍ତଙ୍କ ପାଇଁ ଏକ ଆହ୍ୱାନ ସୃଷ୍ଟି କରିଥିବାବେଳେ ଭାରତର ଯଶସ୍ୱୀ ପ୍ରଧାନମନ୍ତ୍ରୀ ମୋଦିଜୀଙ୍କ ଜନ୍ମଦିନରେ ବୃକ୍ଷ ରୋପଣ କାର୍ଯ୍ୟକ୍ରମରେ ସାମିଲ ହୋଇ କାର୍ଯ୍ୟକ୍ରମ ଏକ ପେଡ଼ ମା କେ ନାମ୍ ଅଭିଯାନ ଦ୍ୱାରା ଏକ ସବୁଜ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଦ୍ୱାରା ନିଜର ପ୍ରାତଃ ବନ୍ଦନୀୟା ମାଆଙ୍କ ପ୍ରତି ଏହା ଅନବଦ୍ୟ ଶ୍ରଦ୍ଧା ଓ ଭଲ ପାଇବାର ସମର୍ପଣ ହୋଇପାରିବ । ଆସନ୍ତୁ ଏହିପରି ଏକ ଶିକ୍ଷାପ୍ରଦ ଓ ସମାଜ ପାଇଁ ସର୍ବୋପରି ଆମ ସମସ୍ତଙ୍କ ପାଇଁ ମଙ୍ଗଳ ଦାୟକ ସାବ୍ୟସ୍ତ ହେଉଥିବା କାର୍ଯ୍ୟକ୍ରମ ପ୍ରତି ସମସ୍ତଙ୍କ ଭାଗିଦାରିତା ନିର୍ବାହ କରିବା ।

ଥାଇଲୋ, ଅଲିକଣ୍ଢା, ବାଲିକୁଦା,
ଜଗତସିଂହପୁର-୭୫୪୧୦୮,
ଦୂରଭାଷ : ୭୦୦୮୪୩୮୯୫୯

# ବାଲେଶ୍ୱରରେ ଜାତୀୟ ଇଞ୍ଜିନିୟର୍ସ ଦିବସ ପାଳିତ




ବାଲେଶ୍ୱର, ୧୬/୦୯ (ନି.ପ୍ର): ଭାରତରତ୍ନ ସାର୍ ଡ. ଏମ୍. ବିଶ୍ୱଶ୍ୱରାୟାଙ୍କ ୧୬୪ତମ ଜନ୍ମଦିନ ତଥା ଜାତୀୟ ଇଞ୍ଜିନିୟର୍ସ ଦିବସ ଅବସରରେ ବାଲେଶ୍ୱର ଇଞ୍ଜିନିୟର୍ସ ଫୋରମ୍ ପକ୍ଷରୁ ଓଟି ରୋଡ୍ ପାର୍ଶ୍ୱସ୍ଥିତ ଭେନ୍ୟା ପାରାଡାଇଜ୍ ସଭାଗୃହରେ ସୋମବାର ଦିନ ପାଳିତ ହୋଇଯାଇଛି । ସନ୍ଧ୍ୟାର ସାଧାରଣ ଅଧିବେଶନରେ ଅନୁଷ୍ଠାନର ସଭାପତି ଇଂ. ସୁଗତ ବୋଷ ସଭାପତିତ୍ୱ କରିଥିଲେ । ଅତିଥି ବକ୍ତା ଭାବେ ଟାଟା ମୋଟର୍ସର ପୂର୍ବତନ ମୁଖ୍ୟ ପରିଚାଳକ ଇଂ. ଅମୀୟ ସିଂହ, ପୂର୍ତ୍ତବିଭାଗର ପ୍ରାକ୍ତନ ସର୍ବୋଚ୍ଚ ଯନ୍ତ୍ରୀ ଇଂ. ଅଚ୍ୟୁତାନନ୍ଦ ଦାସ ଯୋଗଦେଇ ଦେଶ ନିର୍ମାଣରେ ଇଞ୍ଜିନିୟରମାନଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ସଂପର୍କରେ ବିଶଦ ଆଲୋଚନା କରିଥିଲେ । ଫୋରମ୍‌ର ସଂପାଦକ ଇଂ. ଡ. ହୃଷିକେଶ ସାହୁ ସଂଗଠନର ବିବରଣୀ ପାଠ କରିଥିଲେ । ସଭାକାର୍ଯ୍ୟ ଆରମ୍ଭରେ ମଞ୍ଚାସୀନ ଅତିଥିମାନେ ପ୍ରଦୀପ ପ୍ରଜ୍ୱଳନ କରି ଉତ୍ସବକୁ ଆନୁଷ୍ଠାନିକଭାବେ ଉଦ୍‌ଘାଟନ କରିଥିଲେ । ଏହି ଅବସରରେ ସଂଗଠନ ମୁଖପତ୍ରକୁ ଅତିଥିମାନେ ଉନ୍ମୋଚନ କରିଥିଲେ । ବିଶିଷ୍ଟ ସେବା ସମ୍ମାନରେ ଇଂ. ପଞ୍ଚାନନ ବାରିକ ଓ ଇଂ. ବିଶ୍ୱନାଥ ସାହୁଙ୍କୁ ଅତିଥିମାନେ ଅନୁଷ୍ଠାନ ପକ୍ଷରୁ ସମ୍ମାନିତ କରିଥିଲେ । ସତ୍ୟରଞ୍ଜନ ମହାନ୍ତି ଓ ତାଙ୍କର ସାଥୀମାନେ ସ୍ୱାଗତସଂଗୀତ ଗାନ କରିଥିଲେ । ଉପସଭାପତି ଇଂ. ଅନନ୍ତ ନାରାୟଣ ବିଶୋଇ ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିଲେ । ଇଞ୍ଜିନିୟର ବିଶ୍ୱେଶ୍ୱରାୟାଙ୍କ ଜୀବନୀ ଓ ତାଙ୍କ ବହୁମୁଖୀ ପ୍ରତିଭା ଉପରେ ଇଂ. ଶ୍ୟାମସୁନ୍ଦର ମିଶ୍ର ଆଲୋକପାତ କରିଥିଲେ । ଇଞ୍ଜିନିୟରିଂ ଶିକ୍ଷାରେ କୃତୀତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀମାନଙ୍କୁ ସଂଗଠନ ପକ୍ଷରୁ ପୁରସ୍କୃତ କରାଯାଇଥିଲା । ସଂଗଠନର ଉପସଭାପତି ଇଂ ଶଶାଙ୍କ ଶେଖର ଦେ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ । ପୂର୍ବାହ୍ନରେ ଅନୁଷ୍ଠିତ ରକ୍ତଦାନ ଶିବିରକୁ ବାଲେଶ୍ୱର ପୂର୍ତ୍ତବିଭାଗର ମୁଖ୍ୟ ନିର୍ବାହୀ ଯନ୍ତ୍ରୀ ଇଂ. ମାନସ ରଞ୍ଜନ ସେଠୀ ଉଦ୍‌ଘାଟନ କରି ରକ୍ତଦାତାମାନଙ୍କୁ ଉତ୍ସାହିତ କରିଥିଲେ । ଏହି ଶିବିରରେ ୧୦୩ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା । ଏହି ଅବସରରେ ବିଭିନ୍ନ ସିମେଣ୍ଟ ଓ ଷ୍ଟିଲ୍ କମ୍ପାନୀମାନଙ୍କର ଉତ୍ପାଦନ ଦ୍ରବ୍ୟର ଏକ ସୁନ୍ଦର ପ୍ରଦର୍ଶନୀ ଅନୁଷ୍ଠିତ ହୋଇଥିଲା । ଅପରାହ୍ନରେ ଇଞ୍ଜିନିୟରିଂ ଶିକ୍ଷାନୁଷ୍ଠାନ ମାନଙ୍କର ଛାତ୍ରଛାତ୍ରୀଙ୍କ ମଧ୍ୟରେ ବୈଷୟିକ ଜ୍ଞାନର ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା ଓ ଇଞ୍ଜିନିୟରିଂ ଶିକ୍ଷାନୁଷ୍ଠାନମାନଙ୍କ ଦ୍ୱାରା ପ୍ରଦର୍ଶିତ ପ୍ରୋଜେକ୍ଟ ଓ ମଡେଲ୍‌ଗୁଡ଼ିକ ମଧ୍ୟ ପ୍ରଦର୍ଶନ କରାଯାଇଥିଲା । ଏହି ଦିବସବ୍ୟାପୀ କାର୍ଯ୍ୟକ୍ରମ ପରିଚାଳନାରେ ଇଂ. ବିଜୟ କୁମାର ଦାସ, ଇଂ. ସନ୍ତୋଷ କୁମାର ଦାସ, ଇଂ. ରାଧାରଞ୍ଜନ ଦାସ, ଇଂ. ସପନ କୁମାର ପ୍ରଧାନ, ଇଂ. ନରନାରାୟଣ ପାଣିଗ୍ରାହୀ, ଇଂ. ସୁଦର୍ଶନ ଘଡ଼ାଇ, ଇଂ. ଶ୍ୟାମସୁନ୍ଦର ମିଶ୍ର, ଇଂ. ରାଜେଶ ପତି, ଇଂ. ସଞ୍ଜିବ ସେନାପତି, ଇଂ. ମାନସ ରଞ୍ଜନ ସାହୁ ଓ ଇଂ. ମାନସ କୁମାର ଦାସ ପ୍ରମୁଖ ସହଯୋଗ ପ୍ରଦାନ କରିଥିଲେ ।

# ତୁଳସୀକ୍ଷେତ୍ର ପଣ୍ଡିତସଭାର ନୂତନ କର୍ମକର୍ତ୍ତା ନିର୍ବାଚନ

କେନ୍ଦ୍ରାପଡ଼ା, ୧୬/୦୯ (ନି.ପ୍ର): ତୁଳସୀକ୍ଷେତ୍ର ପଣ୍ଡିତ ସଭାର ନୂତନ କର୍ମକର୍ତା ନିର୍ବାଚନ ଇଛାପୁର ସ୍ଥିତ ସିଦ୍ଧବଳଦେବଜୀୟୁ ମନ୍ଦିର ପରିସରରେ ବରିଷ୍ଠ ସଭ୍ୟ ପଣ୍ଡିତ ହୃଷୀକେଶ ରଥଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଅଛି । ପ୍ରଥମେ ପଣ୍ଡିତ କ୍ଷୀରୋଦ କୁମାର ପଣ୍ଡା ବେଦପାଠ କରିଥିଲେ । ସଂପାଦକ ପଣ୍ଡିତ ସତ୍ୟ ନାରାୟଣ ପତି ପୂର୍ବ ଅଧିବେଶନର ବିବରଣୀ ପାଠ କରିଥିଲେ । କୋଷାଧ୍ୟକ୍ଷ ପଣ୍ଡିତ ମହେଶ୍ୱର ପାଣି ସଂଘର ଆୟବ୍ୟୟ ହିସାବ ପ୍ରଦାନ କରିଥିଲେ । ସହ ସଂପାଦକ ପଣ୍ଡିତ ମାଧବ ଚନ୍ଦ୍ର ପତ୍ରୀ ନୂତନ କର୍ମକର୍ତା ନିର୍ବାଚନ ପାଇଁ ପ୍ରସ୍ତାବ ଆଗତ କରିଥିଲେ । ପୂବ କର୍ମକର୍ତା ତଥା ସଭ୍ୟମାନଙ୍କ ମଧ୍ୟରେ ବହୁ ଆଲୋଚନା ପରେ ସଭାପତିଙ୍କ ପ୍ରତ୍ୟକ୍ଷ ତତ୍ୱାବଧାନରେ ନିମ୍ନ ଲିଖିତ କର୍ମକର୍ତା ଅଗାମୀ ୩ ବର୍ଷ ପାଇଁ ନିର୍ବାଚିତ କରାଗଲା । ସେମାନେ ହେଲେ ପଣ୍ଡିତ ସଭାର ସଭାପତି ପଣ୍ଡିତ କୃଷ୍ଣାନନ୍ଦ ପଣ୍ଡା, ମାର୍ଗଦର୍ଶିକା ପଣ୍ଡିତ କେଶବ ଚନ୍ଦ୍ର ପତ୍ରୀ, ଉପସଭାପତି ପଣ୍ଡିତ ସତ୍ୟନାରାୟଣ ପତି, ହୃଷୀକେଶ ରଥ, ଭ୍ରମରବର ନନ୍ଦ, ତ୍ରୈଲୋକ୍ୟ ପ୍ରସାଦ ମିଶ୍ର, ସାଧାରଣ ସଂପାଦକ ପଣ୍ଡିତ ମାଧବଚନ୍ଦ୍ର ପତ୍ରୀ , ସହ ସଂପାଦକ ପଣ୍ଡିତ ନୃସିଂହ ଚରଣ ପତି, ଯୁଗ୍ମ ସଂପାଦକ ପଣ୍ଡିତ ସୁବାଷ ଚନ୍ଦ୍ର ପାଣି, ମହେଶ୍ୱର ପାଣି, କୋଷାଧକ୍ଷ ପଣ୍ଡିତ କ୍ଷୀରୋଦ କୁମାର ପଣ୍ଡା, ସଂଗଠନ ସଂପାଦକ ନୃସିଂହ ଚରଣ ତ୍ରିପାଠୀ, ସହସଂପାଦକ ତପନ କୁମାର ଦାଶ, ଉପଦେଷ୍ଟାମଣ୍ଡଳୀ ପଣ୍ଡିତ ପ୍ରସନ୍ନଜିତ ପଣ୍ଡା, ହରେକୃଷ୍ଣ ପତି, ବଳରାମ ଦାଶ, ପୂର୍ଣ୍ଣଚନ୍ଦ୍ର ପତି, ପ୍ରଭାକର ଆଚାର୍ଯ୍ୟ, ରମାକାନ୍ତ ତ୍ରିପାଠୀ, ହରିହର ଶତପଥୀ, ଉମାଶଙ୍କର ପତି, ପ୍ରଫୁଲ୍ଲ ଚନ୍ଦ୍ର ପତି, ଦୁର୍ଗାମାଧବ ମିଶ୍ର, ରବିନ୍ଦ୍ର କୁମାର ନାୟକ ଓ କାର୍ଯ୍ୟକାରୀ ସମିତି ସଭ୍ୟ ସଭ୍ୟା ପଣ୍ଡିତ କିଶୋର ଚନ୍ଦ୍ର ମିଶ୍ର, କ୍ଷୀରୋଦ ଚନ୍ଦ୍ର ମିଶ୍ର, ନରେନ୍ଦ୍ର ତ୍ରିପାଠୀ, ଅବଧୂତ ରାଉତ, କୁଳମଣି ପଣ୍ଡା, ପିତାମ୍ବର ଲେଙ୍କା, ଦାମୋଦର ରାଉତ, ଅକ୍ଷୟ କୁମାର ପତ୍ରୀ, ଜଗବନ୍ଧୁ ସାହୁ, ରମାକାନ୍ତ ପତି ଓ ହରପ୍ରିୟା ଦାଶ । ପଣ୍ଡିତ କ୍ଷୀରୋଦ କୁମାର ସେନାପତି ଧନ୍ୟବାଦ ଅର୍ପଣ କରିଥିଲେ ।

# ରାଷ୍ଟ୍ରଭାଷା ସାହିତ୍ୟ ସଂସ୍କୃତି ଅକାଦମୀ ତରଫରୁ ହିନ୍ଦୀ ଦିବସ ପାଳିତ



ବଡ଼ସାହି , ୧୬/୦୯ (ନି.ପ୍ର): ବାଣୀପୀଠ ଆନୁକୂଲ୍ୟରେ ରାଷ୍ଟ୍ରଭାଷା ସାହିତ୍ୟ ସଂସ୍କୃତି ଅକାଦମୀ ତରଫରୁ ବିବେକାନନ୍ଦ ବିହାର ଠାରେ ହିନ୍ଦୀଦିବସ ମହାସମାରୋହରେ ପ୍ରଚାରକ ଡ଼କ୍ଟର କୁମାର ବାବୁଲିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇ ଯାଇଛି । କାର୍ଯ୍ୟକ୍ରମ ଆଶୁକବି ବାସୁଦେବ ନାପିତଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଥିଲା । ମୁଖ୍ୟଅତିଥି ଭାବେ ଭାଷା ଗବେଷକ ଡକ୍ଟର ଜଗତବନ୍ଧୁ ଆଚାର୍ଯ୍ୟ ଯୋଗଦାନ କରି ରାଷ୍ଟ୍ରଭାଷା ରାଷ୍ଟ୍ରିୟ ଜନଜୀବନର ପ୍ରାଣର ସ୍ପନ୍ଦନ ବୋଲି ଅଭିହିତ କରିଥିଲେ । ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ହିନ୍ଦୀ ଶିକ୍ଷକ ଡ଼କ୍ଟର ଅସୀମ କୁମାର ଚକ୍ରବର୍ତ୍ତୀ, ଆଦରଣୀୟ ଅତିଥି ଅବସର ପ୍ରାପ୍ତ ଜିଲ୍ଲା ଶିକ୍ଷାଧିକାରୀ ହିମାଂଶୁ ଶେଖର ଦାସ ଓ ସମ୍ମାନିତ ଅତିଥି ଭାବେ ଓଷ୍ଟା ଜିଲ୍ଲା ସଂପାଦକ କିଶୋର କୁମାର ଆଚାର୍ଯ୍ୟ, ବିଶିଷ୍ଟ ହିନ୍ଦୀ ସାହିତ୍ୟିକ ଡ଼କ୍ଟର ଶଶିଧର ବିଶ୍ୱାଳ, ଡକ୍ଟର ବନଲତା ଆଚାଯ୍ୟ, କବି କାର୍ତ୍ତିକ ସେଠୀ, କବି ଜାହ୍ନବୀ ରାଣୀ ଦଣ୍ଡପାଟ, କବି ସଂଯୁକ୍ତା ଦାସ ଆଦି ଯୋଗଦାନ କରି ରାଷ୍ଟ୍ରଭାଷା ଆମ ଭାରତୀୟ ସଂସ୍କୃତିର ପରିଚୟ ଏବଂ ଜୀବନୀ ଶକ୍ତି ବୋଲି କହିଥିଲେ ।ଏହି ଅବସରରେ ବିଶିଷ୍ଟ ଯୁବ ହିନ୍ଦୀ ଶିକ୍ଷକ ସାରସ୍ୱତ ସମ୍ମାନ ସଂଜୀବ କୁମାର ଦଳେଇଙ୍କୁ ପ୍ରଦାନ କରାଯାଇ ଥିବା ବେଳେ ବରିଷ୍ଠ ହିନ୍ଦୀ ଶିକ୍ଷକ ସାରସ୍ୱତ ସମ୍ମାନ ଡକ୍ଟର ଶଶିଧର ବିଶ୍ୱାଳ ଓ ଡକ୍ଟର ଅସୀମ କୁମାର ଚକ୍ରବର୍ତ୍ତୀଙ୍କୁ ମୁଖ୍ୟଅତିଥି ପ୍ରଦାନ କରିଥିଲେ । ମଂଚ୍ ସଂଚାଳନ କବି ଶଚୀନ୍ଦ୍ର କୁମାର ବିଶ୍ୱାଳ କରିଥିଲେ । ପୂର୍ବାହ୍ନରେ ସୌମ୍ୟରଞ୍ଜନ ନାୟକ, ମୋନାଲିକା ମାଦୁଲୀ, ସବିତା ମହାନ୍ତି, ବର୍ଷାରାଣୀ ମହାନ୍ତ, ରଣଜିତ ମହାନ୍ତିଙ୍କ ତତ୍ତ୍ୱାବଧାନରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ମଧ୍ୟାହ୍ନରେ ଉତ୍କଳରତ୍ନ ସ୍ୱର୍ଗତଃ ପଣ୍ଡିତ ଲକ୍ଷ୍ମୀଧର ରାଉତ ସ୍ମୃତି ପରିଷଦ ତରଫରୁ ପଣ୍ଡିତ ସ୍ୱର୍ଗତଃ ରାଉତଙ୍କ ତିରୋଧାନ ଦିବସ ପାଳିତ ହୋଇଥିଲା ଏହି ଅବସରରେ ମଳୟମଞ୍ଜରୀ ରଥଙ୍କ ଅଧକ୍ଷତାରେ କବିତା ପତି ଓ ବୀଣାପାଣି ବାରିକଙ୍କ ସଂଯୋଜନାରେ ହିନ୍ଦୀ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା । ପୁହାଣ ସୂର୍ଯ୍ୟକାନ୍ତି ରାଉତ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିବା ବେଳେ ଗୁରୁଜୀ ଦୀପକ କୁମାର ଦାସ ଧନ୍ୟବାଦ ଅର୍ପଣ କରିଥିଲେ ।

# ହକି ତାରକା ଶିଳାନନ୍ଦ ଲାକ୍ରା ଏବଂ ନିଲମ ସଞ୍ଜିପ ଖେସ୍ ଆରଏସପି ଏବଂ ବିଏସଏଲ ର ଡିଆଇସି ଶ୍ରୀ ଆଲୋକ ବର୍ମାଙ୍କ ଦ୍ୱାରା ସମ୍ବର୍ଦ୍ଧିତ



ରାଉରକେଲା, ୧୬/୦୯ (ନି.ପ୍ର): ସେଲ୍ , ରାଉରକେଲା ଇସ୍ପାତ କାରଖାନାର ମନ୍ଥନ ସମ୍ମିଳନୀ କକ୍ଷରେ ସେପ୍ଟେମ୍ବର ୧୩ ତାରିଖରେ ଆୟୋଜିତ ଏକ ଉତ୍ସବରେ, ରାଉରକେଲା ଇସ୍ପାତ କାରଖାନା ଓ ବୋକାରୋ ଇସ୍ପାତ କାରଖାନାର ଭାରପ୍ରାପ୍ତ ନିର୍ଦ୍ଦେଶକ ଶ୍ରୀ ଆଲୋକ ବର୍ମା ପୁରୁଷ ହକି ଏସିଆ କପରେ ବିଜୟୀ ହୋଇ ସ୍ୱର୍ଣ୍ଣ ପଦକ ଜିତିଥିବା ଭାରତୀୟ ଦଳର ସଦସ୍ୟ ରାଉରକେଲାର ଦୁଇ ଅସାଧାରଣ ହକି ପ୍ରତିଭା ଶିଳାନନ୍ଦ ଲାକ୍ରା ଏବଂ ସଞ୍ଜିପ ଖେସ୍‌ଙ୍କୁ ସମ୍ବର୍ଦ୍ଧିତ କରିଥିଲେ । ଉଲ୍ଲେଖନୀୟ ଯେ, ଶିଳାନନ୍ଦ ସେଲ୍ ହକି ଏକାଡେମୀର ପୂର୍ବତନ କ୍ୟାଡେଟ ଅଟନ୍ତି ।

ଏହି ଅବସରରେ ମାନବ ସମ୍ବଳ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଶ୍ରୀ ତରୁଣ ମିଶ୍ର, କାର୍ଯ୍ୟ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଶ୍ରୀ ବିଶ୍ୱରଞ୍ଜନ ପଲାଇ, ଖଣି (ଓଜିଓଏମ ,ସିଏମଏଲଓ) ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଶ୍ରୀ ଏମ ପି ସିଂହ, ପ୍ରକଳ୍ପ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଶ୍ରୀ ଏସ ପାଲଚୌଧୁରୀ, ସହର ସେବା ଓ ସିଏସଆର ବିଭାଗର ସିଜିଏମ ଶ୍ରୀ ଟି ଜି କାନେକରଙ୍କ ସମେତ ସେଲ୍ ହକି ଏକାଡେମୀର ପ୍ରଶିକ୍ଷକ ଏବଂ ଆରଏସପି ର ବରିଷ୍ଠ ଅଧିକାରୀ ଏବଂ କ୍ରୀଡା ବିଭାଗର ବହୁ ଅଧିକାରୀ ଉପସ୍ଥିତ ଥିଲେ ।

ଡ଼ିଆଇସି ଶ୍ରୀ ବର୍ମା ନିଜର ଅଭିଭାଷଣରେ କ୍ୟାଡେଟମାନଙ୍କୁ ଅଭିନନ୍ଦନ ଜଣାଇ କହିଥିଲେ ଯେ, "ଆମେ ସମସ୍ତେ ତୁମ ପାଇଁ ବହୁତ ଗର୍ବିତ । ଏହିପରି ଆମର ଇସ୍ପାତ କାରଖାନା, ଇସ୍ପାତ ସହର ଏବଂ ଆମ ଦେଶ ପାଇଁ ଗୌରବ ଆଣିବା ଜାରି ରଖ ।" ସେ ଆହୁରି ମଧ୍ୟ କହିଥିଲେ ଯେ , "ସେଲ୍ ହକି ଏକାଡେମୀ (ଏସଏଚଏ) ଏବଂ ବିଜୁ ପଟ୍ଟନାୟକ ହକି ଷ୍ଟାଡିୟମ (ବିପିଏଚଏସ) କୁ ଉନ୍ନତ କରିବା ପାଇଁ ଏକ ଉନ୍ନତିକୃତ ରୋଡମ୍ୟାପ୍ ପ୍ରସ୍ତୁତ କରାଯିବ, ଯାହା ଦ୍ୱାରା ଆମର ଯୁବ ପ୍ରତିଭାମାନେ ବିଶ୍ୱସ୍ତରୀୟ ପ୍ରଶିକ୍ଷଣ ଏବଂ ସୁଯୋଗ ପାଇପାରିବେ ।" ଏହି ପରିପ୍ରେକ୍ଷୀରେ ଅନ୍ୟ ସମସ୍ତ ନିର୍ବାହୀ ନିର୍ଦ୍ଦେଶକମାନେ ମଧ୍ୟ ଉଭୟ ଖେଳାଳୀଙ୍କୁ ଅଭିନନ୍ଦନ ଜଣାଇଥିଲେ ।

ପ୍ରାରମ୍ଭରେ, ଶ୍ରୀ କାନେକର ସମାବେଶକୁ ସ୍ୱାଗତ କରିବା ସହିତ ଉଭୟ ଖେଳାଳିଙ୍କ ସଫଳତା ବର୍ଣ୍ଣନା କରିଥିଲେ । ଏହି ଅବସରରେ ଶିଳାନନ୍ଦ ଏବଂ ନୀଲମ ସେମାନଙ୍କର ଅଭିଜ୍ଞତା ବାଣ୍ଟିବା ସହିତ ଆରଏସପି ପ୍ରବନ୍ଧନକୁ ଧନ୍ୟବାଦ ମଧ୍ୟ ଜଣାଇଥିଲେ । ସେଲ୍ ହକି ଏକାଡେମୀର ଉଭୟ ପ୍ରଶିକ୍ଷକ ଶ୍ରୀ ରାଜୁ କାନ୍ତ ସାଇନି ଏବଂ ଶ୍ରୀ ଏ କେ ଦ୍ୱିବେଦୀ ମଧ୍ୟ ଏହି ଉତ୍ସବରେ ଉପସ୍ଥିତ ଥିଲେ । ଲୋକ ସମ୍ପର୍କ ବିଭାଗର ଜିଏମ ତଥା ସଂଚାର ମୁଖ୍ୟ ଶ୍ରୀମତୀ ଅର୍ଚ୍ଚନା ଶତପଥୀ ଉକ୍ତ କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ ।

ଉଲ୍ଲେଖନୀୟ ଯେ, ଶିଳାନନ୍ଦ ଭାରତର ଏହି ଯାତ୍ରାରେ ଏକ ପ୍ରମୁଖ ଅବଦାନକାରୀ ଥିଲାବେଳେ ବିଶେଷକରି ଚୀନ୍ ବିପକ୍ଷରେ ଖେଳାଯାଇଥିବା ସେମିଫାଇନାଲରେ ଦଳକୁ ୭-୦ ଗୋଲରେ ବିଜୟ ଦେବାରେ ପ୍ରମୁଖ ଭୂମିକା ନେଇଥିଲେ ଏବଂ ମ୍ୟାନ ଅଫ୍ ଦ ମ୍ୟାଚ ଭାବରେ ବିବେଚିତ ହୋଇଥିଲେ । ପୁରୁଷ ଏସିଆ କପ୍ ହକି ଚାମ୍ପିଅନସିପର ଫାଇନାଲରେ ଭାରତ ପୂର୍ବ ଚମ୍ପିୟାନ ଦକ୍ଷିଣ କୋରିଆକୁ ୪-୧ ଗୋଲରେ ପରାସ୍ତ କରିଥିଲା । ଶିଳାନନ୍ଦ ଏବଂ ନିଲମଙ୍କ ସହିତ ଭାରତୀୟ ପୁରୁଷ ହକି ଦଳର ଜଣେ ପ୍ରମୁଖ ଖେଳାଳି ଅମିତ ରୋହିଦାସଙ୍କୁ ମଧ୍ୟ ସମ୍ବର୍ଦ୍ଧନା ପାଇଁ ନିମନ୍ତ୍ରଣ କରାଯାଇଥିଲାବେଳେ ତାଙ୍କର ଅନ୍ୟ କାର୍ଯ୍ୟସୂଚୀ ଯୋଗୁଁ ସେ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇପାରିନଥିଲେ ।

## ନିଃଶୁଳ୍କ ସ୍ୱାସ୍ଥ୍ୟ ଶିବିର

ସମ୍ବଲପୁର, ୧୬/୦୯ (ନି.ପ୍ର): ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ଭୀମଭୋଇ ତରୁଣ ବ୍ୟବସାୟୀ ଶାଖାର ସ୍ୱୟଂ ସେବକ ମାନଙ୍କ ପକ୍ଷରୁ ସ୍ଥାନୀୟ ବୁଢ଼ାରଜା ଦାନିପାଲି ମୁଣ୍ଡାପଡ଼ା ଗୋଷ୍ଠୀକେନ୍ଦ୍ର ପରିସରରେ ଏକ ନିଃଶୁଳ୍କ ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି । ଡାକ୍ତର ପ୍ରଭାସ କୁମାର ଦେବତା ମୁଖ୍ୟଅତିଥି, ଡାକ୍ତର ସଂଜୀବ କୁମାର ମିଶ୍ର ଓ ବୁଲୁ ବିଶ୍ୱାଳ ସମ୍ମାନୀତ ଅତିଥି ଭାବରେ ଯୋଗଦେଇ ଏହି ଶିବିରକୁ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ । ସ୍ତ୍ରୀ ରୋଗ ବିଶେଷଜ୍ଞ ଡାକ୍ତର ପ୍ରଣତୀ ପ୍ରଧାନ, ଭିମସାରର ଆସିଷ୍ଟାଣ୍ଟ ପ୍ରଫେସର ଡାକ୍ତର ସଞ୍ଜୀବ କୁମାର ମିଶ୍ର, ଡାକ୍ତର ରଞ୍ଜନ କୁମାର କୁଜୁର ( ସାମାଜିକ ଭେଷଜ ବିଜ୍ଞାନ) , ଡାକ୍ତର ବିରଂଚି ନାୟକ ଏବଂ ଡାକ୍ତର ନବନୀତ ଦାଶ ଏହି ଶିବିରରେ ଯୋଗଦେଇ ଶତାଧିକ ଗରୀବ ରୋଗୀ ମାନଙ୍କୁ ନିଶୁଳ୍କ ସ୍ୱାସ୍ଥ୍ୟ ପରୀକ୍ଷା, ପରାମର୍ଶ ଦେବା ସହ ଔଷଧ ପ୍ରଦାନ କରିଥିଲେ । ସମାଜସେବୀ କାର୍ତ୍ତିକ ପ୍ରାସାଦ ବହିଦାର, ବିଜେପି ଜିଲ୍ଲା ସଧାରଣ ସମ୍ପାଦକ ଅନିଲ କୁମାର ବେହେରା, ବିବେକାନନ୍ଦ ଦାଶ, ସୁରଥ କୁମାର ଭୋଇ, ହରିହର ପାଲ, ଆକାଶ କୁମାର ପାଢ଼ୀ, ଆଶୁତୋଷ ପଣ୍ଡା, ଭାସ୍କର ଚନ୍ଦ୍ର ମାର୍ଥା, ସତ୍ୟବ୍ରତ କର୍ଣ୍ଣ, ବିନୟ ସୋନି, ବ୍ୟୋମକେଶ ସାହୁ, ବିଜୟ କୁମାର ତିୱାରୀ, ସୁଶିଲ କୁମାର ସାହୁ , ରୁଦ୍ର ନାରାୟଣ କର୍ଣ୍ଣ, ରଜବୀର ସିଂ, ଧିରେନ ମେହେର, ଆନନ୍ଦ ଅଗ୍ରୱାଲ ପ୍ରମୁଖ ଶିବିର ପରିଚଳନାରେ ସହଯୋଗ କରିଥିଲେ ।

# ସେଲ୍, ରାଉରକେଲା ଇସ୍ପାତ କାରଖାନାରେ ଇଞ୍ଜିନିୟର ଦିବସ ପାଳିତ




ରାଉରକେଲା, ୧୬/୦୯ (ନି.ପ୍ର): ସେଲ୍ ରାଉରକେଲା ଇସ୍ପାତ କାରଖାନା (ଆରଏସପି) ସହଭାଗିତାରେ ଇନଷ୍ଟିଚ୍ୟୁସନ୍ ଅଫ୍ ଇଞ୍ଜିନିୟର୍ସ (ଇଣ୍ଡିଆ), ରାଉରକେଲା ସ୍ଥାନୀୟ ଶାଖା ଦ୍ୱାରା ଆୟୋଜିତ ୫୮ତମ ଇଞ୍ଜିନିୟର ଦିବସ ସେପ୍ଟେମ୍ବର ୧୫ ତାରିଖରେ ଗୋପବନ୍ଧୁ ଅଡିଟୋରିୟମ୍‌ରେ ପାଳିତ ହୋଇଯାଇଛି । ଏହି ସମାରୋହରେ କାର୍ଯ୍ୟ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଶ୍ରୀ ବିଶ୍ୱରଞ୍ଜନ ପଲାଇ ମୁଖ୍ୟ ଅତିଥି ରୂପେ ଯୋଗ ଦେଇ ଥିବା ବେଳେ ପ୍ରକଳ୍ପ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଶ୍ରୀ ସୁଦୀପ ପାଲ ଚୌଧୁରୀ ସମ୍ମାନିତ ଅତିଥି ଥିଲେ । ୱେଷ୍ଟିଂହାଉସ୍ ଇଲେକ୍ଟ୍ରିକ୍ ଇଣ୍ଡିଆ ପ୍ରାଇଭେଟ୍ ଲିମିଟେଡ୍ ର କଣ୍ଟ୍ରି ଡାଇରେକ୍ଟର ଡକ୍ଟର ଆଲୋକ ମିଶ୍ର ଏହି କାର୍ଯ୍ୟକ୍ରମର ମୁଖ୍ୟ ବକ୍ତା ଥିଲେ । ଏହି ଅବସରରେ ସିଇଏମ୍ ବିଭାଗ ଜିଏମ୍ ଇନ୍-ଚାର୍ଜ ତଥା ଆଇଇଆଇ ରାଉରକେଲା ସ୍ଥାନୀୟ ଚାପ୍ଟର ଅଧକ୍ଷ ଶ୍ରୀ ସନ୍ତୋଷ କୁମାର ପୋଲାକି ଏବଂ ଆଇଇଆଇ, ରାଉରକେଲା ଚାପ୍ଟର ଅବୈତନିକ କାର୍ଯ୍ୟକାରୀ ସଚିବ, ପ୍ରଫେସର ରାମ ଚନ୍ଦ୍ର ପ୍ରଧାନ ମଞ୍ଚାସୀନ ଥିଲେ । ଉତ୍ସବରେ ଚିକିତ୍ସା ଓ ସ୍ୱାସ୍ଥ୍ୟସେବା ବିଭାଗର ସିଏମଓ ଇନ ଚାର୍ଜ ଡକ୍ଟର ଜୟନ୍ତ କୁମାର ଆଚାର୍ଯ୍ୟ, କାରଖାନାର ଅନେକ ସିଜିଏମ୍, ବିଭାଗ ମୁଖ୍ୟ ଏବଂ ବରିଷ୍ଠ ଅଧିକାରୀ ତଥା ଏନଆଇଟି ରାଉରକେଲାର ଅଧ୍ୟାପକମାନେ ଏହି ଅଧିବେଶନରେ ଯୋଗ ଦେଇଥିଲେ । ଉଲ୍ଲେଖନୀୟ ଯେ, ବିଶିଷ୍ଟ ଇଞ୍ଜିନିୟର ତଥା ବିଜ୍ଞ ଜନନାୟକ, ଭାରତ ରତ୍ନ ସାର ଏମ ବିଶ୍ୱେସରାୟଙ୍କ ଜୟନ୍ତୀ ସାରା ଦେଶରେ ଇଞ୍ଜିନିୟର୍ସ ଦିବସ ରୂପେ ପାଳିତ ହୋଇଥାଏ । ସାର୍ ଏମ୍ ବିଶ୍ୱେଶ୍ୱରାୟଙ୍କ ପଟ୍ଟଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ ସହ ଏହି କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା । ଶ୍ରୀ ପଲାଇ ତାଙ୍କ ଅଭିଭାଷଣରେ ମହାବିଦ୍ୟାଳୟରୁ ହିଁ ଶିଳ୍ପ ପ୍ରସ୍ତୁତ ସ୍ନାତକ ସୃଷ୍ଟି ନିମନ୍ତେ ଶିଳ୍ପ ଏବଂ ଶିକ୍ଷାନୁଷ୍ଠାନ ମଧ୍ୟରେ ସହଯୋଗ ବୃଦ୍ଧି ଉପରେ ଗୁରୁତ୍ୱାରୋପ କରିଥିଲେ । ସେ ମାନବତାର କଲ୍ୟାଣ ପାଇଁ ସମାଜର ପ୍ରମୁଖ ଆହ୍ୱାନ ସମାଧାନ ପାଇଁ ଇଞ୍ଜିନିୟରମାନଙ୍କ ଭୂମିକାକୁ ଆହୁରି ମଜବୁତ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ । ଏହି ଅବସରରେ ଡକ୍ଟର ଆଲୋକ ମିଶ୍ର ଶକ୍ତି ପରିବର୍ତ୍ତନରେ ପରମାଣୁ ଶକ୍ତି ଏବଂ ଏଆଇର ଭୂମିକା ବିଷୟରେ ବିସ୍ତୃତରେ ବର୍ଣ୍ଣନା କରିଥିଲେ । ସେ ଭାରତରେ ୱେଷ୍ଟିଂହାଉସ୍ ଏପି ୧୦୦୦ ପ୍ରକଳ୍ପ, ଏସଏମଆର ଏପି ୩୦୦, ଇ- ଭିନ୍ସି ଆଡଭାନ୍ସ ମାଇକ୍ରୋ ରିଆକ୍ଟର, ଏଲଡ଼ିଇଏସ ବିଷୟରେ ବ୍ୟାଖ୍ୟା କରିଥିଲେ ଏବଂ ଏହାର ସମ୍ଭାବ୍ୟତା ଏବଂ ମୂଲ୍ୟ ପ୍ରଭାବଶାଳୀତା ବିଷୟରେ ଉଲ୍ଲେଖ କରିଥିଲେ ।

ଶ୍ରୀ ସନ୍ତୋଷ କୁମାର ପୋଲକି ତାଙ୍କ ସ୍ୱାଗତ ଅଭିଭାଷଣରେ ୧୯୨୦ ମସିହାରୁ ଜାତିର ସେବାରେ ଆଇଇଆଇ ରାଉରକେଲା କେନ୍ଦ୍ରର ଭୂମିକା ଏବଂ ୧୯୩୫ ମସିହାରୁ ରୟାଲ ଚାର୍ଟର ସହିତ ଜଡିତ ଥିବା ବିଷୟରେ ଆଲୋକପାତ କରିଥିଲେ । ଏହି ଅବସରରେ, ଭିଲାଇ ଇସ୍ପାତ କାରଖାନାର ଭାରପ୍ରାପ୍ତ ନିର୍ଦ୍ଦେଶକ ଶ୍ରୀ ସି ଆର ମହାପାତ୍ର ଏବଂ ଏନଆଇଟି, ରାଉରକେଲାର ମେକାନିକାଲ୍ ଇଞ୍ଜିନିୟରିଂ ବିଭାଗର ମୁଖ୍ୟ ପ୍ରଫେସର ଏସ କେ ପଟେଲଙ୍କୁ ଇଡି (ୱାର୍କ୍ସ) ସମ୍ବର୍ଦ୍ଧିତ କରିଥିଲେ । କାର୍ଯ୍ୟକ୍ରମ ସମୟରେ ବୈଷୟିକ ପତ୍ରିକାର ବକ୍ତା ଏବଂ ଅଖିଳ ଭାରତୀୟ ସେମିନାରର ସଂଯୋଜକମାନଙ୍କୁ ମଧ୍ୟ ପୁରସ୍କୃତ କରାଯାଇଥିଲା । ସାର୍ ଏମ୍ ବିଶ୍ୱେଶ୍ୱରାୟଙ୍କ ଜୀବନୀ ଏବଂ ଅବଦାନ ଉପରେ ଏକ ଉପସ୍ଥାପନା ପ୍ରସ୍ତୁତ କରାଯାଇଥିଲା ଏବଂ ଏହି ଅବସରରେ ଏକ ସ୍ମାରକୀ ଉନ୍ମୋଚିତ ହୋଇଥିଲା । ସମବେତ ସମସ୍ତେ ଇଞ୍ଜିନିୟର ଦିବସର ସଂକଳ୍ପ ଗ୍ରହଣ କରିଥିଲେ । ପ୍ରଫେସର ରାମ ଚନ୍ଦ୍ର ପ୍ରଧାନ ଧନ୍ୟବାଦ ପ୍ରସ୍ତାବ ଦେଇଥିଲେ । ଜାତୀୟ ସଙ୍ଗୀତ ପରିବେଷଣ ସହିତ କାର୍ଯ୍ୟକ୍ରମ ଶେଷ ହୋଇଥିଲା । ଏନଆଇଟି ରାଉରକେଲାର ପ୍ରଫେସର ରଚନା ଶେରାଓ୍ୱତ କାର୍ଯ୍ୟକ୍ରମ ସଂଚାଳନ କରିଥିଲେ ।

# ଶିକ୍ଷକତା ସହିତ ସାମାଜିକ କାର୍ଯ୍ୟ ପାଇଁ ଶିକ୍ଷକ ବିଜୟ କୁମାର ବେହେରା ସମ୍ବର୍ଦ୍ଧିତ

କେନ୍ଦୁଝର, ୧୬/୦୯ (ନି.ପ୍ର): ଶିକ୍ଷକତା ହେଉଛି କର୍ମ । ସାମାଜିକ କାର୍ଯ୍ୟ ହେଉଛି ଧର୍ମ । ଏଭଳି ଉଦ୍ଦେଶ୍ୟ ରଖି କାର୍ଯ୍ୟ କରି ଆସୁଛନ୍ତି ସ୍ଥାନୀୟ ଏନ୍.ଏସ୍.ପୋଲିସ ହାଇସ୍କୁଲର ସୁନାମଧନ୍ୟ ଶିକ୍ଷକ ବିଜୟ କୁମାର ବେହେରା । ବିଦ୍ୟାଳୟରେ ପାଠ ପଢ଼ାଇବା ସହ ଏନ୍.ସି.ସି. କ୍ୟାଡେଟଙ୍କୁ ତାଲିମ୍ ଦେବା, ଚାରା ରୋପଣ କରିବା ସହ ବିଭିନ୍ନ ସ୍ୱତନ୍ତ୍ର ଦିନରେ ଚାରା ଉପହାର ଦେଇ ଜଙ୍ଗଲ ଓ ପରିବେଶ ସୁରକ୍ଷା ପାଇଁ ସଚେତନତାର ବାର୍ତା ଦେଇ ଆସୁଛନ୍ତି । ନିଜେ ରକ୍ତଦାନ କରିବା ସହ ଗରିବ ଅସହାୟଙ୍କ ପାଇଁ ମେଡିକାଲ୍ ରେ ରକ୍ତ ଯୋଗାଡ କରି ସହାୟତା ପ୍ରଦାନ କରି ଆସୁଛନ୍ତି । ସେହିପରି ବିଭିନ୍ନ ସେବାମୂଳକ କାର୍ଯ୍ୟ କରିବା ସହ ସର୍ବସାଧାରଣ ସ୍ଥାନର ସଫେଇ କାର୍ଯ୍ୟ କରି ସ୍ୱଚ୍ଛ ଭାରତର ବାର୍ତା ବାଂଟୁଛନ୍ତି । ଏଥିପାଇଁ ସେ ଶିକ୍ଷାଦାନ ପାଇଁ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର, ରୋଟାରୀ ନେସନ୍ ବିଲଡର ଆୱାର୍ଡ଼, କାସାଣ୍ଡ୍ରା ଗୁରୁ ସମ୍ମାନ, ଶ୍ରେଷ୍ଠ ଏନ୍ ସି ସି ଅଫିସର୍ ଆୱାର୍ଡ଼ ଓ ସାମାଜିକ କାର୍ଯ୍ୟ ପାଇଁ ପାଇଛନ୍ତି ପ୍ରକୃତି ବନ୍ଧୁ ପୁରସ୍କାର, ଶ୍ରେଷ୍ଠ ବି.ଏଲ୍.ଓ, ହିନ୍ଦ ଗୌରବ ଆୱାର୍ଡ଼, ବସନ୍ତ କୁମାର ବିଶ୍ୱାଳ ଆୱାର୍ଡ଼ ଆଦି ବହୁ ସମ୍ମାନରେ ସମ୍ବର୍ଦ୍ଧିତ ହୋଇଛନ୍ତି ।

# କୋରୁକୋଣ୍ଡାଠାରେ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର

ମାଲକାନଗିରି, ୧୬/୦୯ (ନି.ପ୍ର): କୋରୁକୋଣ୍ଡା ବ୍ଲକ୍ କାର୍ଯ୍ୟାଳୟ ଠାରେ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି । ଏଥିରେ ଜିଲ୍ଲାପାଳ ସୋମେଶ ଉପାଧ୍ୟାୟ ଓ ଆରକ୍ଷୀ ଅଧିକ୍ଷକ ବିନୋଦ ପାଟିଲ ଏଚ୍ ଉପସ୍ଥିତ ରହି ଜନସାଧାରଣଙ୍କର ଅଭିଯୋଗ ଗୁଡ଼ିକର ଶୁଣାଣି କରିଥିଲେ । ଆଜି ମୋଟ ୪୨ଗୋଟି ଅଭିଯୋଗର ଶୁଣାଣୀ ହୋଇଥିଲା । ସେଥି ମଧ୍ୟରୁ ୧୩ ଗୋଟି ବ୍ୟକ୍ତିଗତ ଅଭିଯୋଗ ରହିଥିବା ବେଳେ ୨୯ ଗୋଟି ସାମୁହିକ ଅଭିଯୋଗ ରହିଥିଲା । ସେହିପରି ୪ ଗୋଟି ରାସନ୍ କାର୍ଡ଼, ଗୋଟିଏ ବିଜୁଳି ସଂଯୋଗୀକରଣ, ୫ ଗୋଟି ଜମିଜମା ସମ୍ବନ୍ଧୀୟ, ଗୋଟିଏ ଚାକିରୀ ସମ୍ବନ୍ଧୀୟ, ଗୋଟିଏ ପାନୀୟ ଜଳ, ଗୋଟିଏ ସାମାଜିକ ସୁରକ୍ଷା ପେନସନ ଏବଂ ୨୭ ଗୋଟି ରାସ୍ତା ଓ କୋଠାବାଡ଼ି ଓ ଉନ୍ନୟନ କାର୍ଯ୍ୟ ସମ୍ବନ୍ଧୀୟ ଅଭିଯୋଗର ଶୁଣାଣୀ ହୋଇଥିଲା । ଏହି ଶୁଣାଣୀରେ ରାସନ୍ କାର୍ଡ଼, ଶ୍ରମ କାର୍ଡ଼, ଆଧାର କାର୍ଡ଼ ଅପଡେଟ, ସ୍ୱାସ୍ଥ୍ୟ କାର୍ଡ଼, ସାମାଜିକ ସୁରକ୍ଷା ପେନସନ ଓ ଜଙ୍ଗଲ ଜମି ସମ୍ବନ୍ଧୀୟ ସମସ୍ୟାର ତୁରନ୍ତ ସମାଧାନ ପାଇଁ କ୍ୟାମ୍ପ କରାଯାଇ ଅନଲାଇନ୍ ସେବା ଯୋଗାଇ ଦିଆଯାଇଥିଲା । ଆଜିର ଶିବିରରେ ୬୮ ଜଣ ଶ୍ରମିକଙ୍କୁ ଶ୍ରମ କାର୍ଡ଼ ପ୍ରଦାନ କରାଯାଇଥିବା ବେଳେ ୨୬ ଜଣ ଶ୍ରମିକଙ୍କର ନୂତନ ଭାବେ ନାମ ପଞ୍ଜିକରଣ କରାଯାଇଛି । ସେହିପରି ୫୭ ଜଣ ଶ୍ରମିକ ଙ୍କର କାର୍ଡ଼ ନବୀକରଣ କରାଯାଇଛି । ସାମାଜିକ ସୁରକ୍ଷା ପେନସନ ଯୋଜନାରେ ୫ ଜଣ ଓ ୪ ଜଣ ହିତାଧିକାରୀଙ୍କର ରାସନ୍ କାର୍ଡ଼ ନିମନ୍ତେ ନାମ ପଞ୍ଜିକରଣ କରାଯାଇଛି । ସେହିପରି ୨୩ ଜଣ ରାସନ୍ କାର୍ଡ଼ ହିତାଧିକାରୀଙ୍କ ଇ କେୱାଇସି ଅପଡେଟ କରାଯାଇଛି । ୧୫ ଜଣଙ୍କର ଆଧାର କାର୍ଡ଼ ଅପଡେଟ କରାଯାଇଥିବା ବେଳେ ୫୭ ଜଣଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଛି । ଜିଲ୍ଲାପାଳଙ୍କ ଏହି ଅଭିନବ ପ୍ରୟାସ ଯୋଗୁଁ ଅନେକ ଗ୍ରାମାଂଚଳ ହିତାଧୀକାରୀ ତୁରନ୍ତ ଅନଲାଇନ୍ ସେବା ପାଇ ଉପକୃତ ହୋଇ ପାରୁଛନ୍ତି । ଜନ ଅଭିଯୋଗ ଶୁଣାଣି ପରେ ଜିଲ୍ଲାପାଳ ସରକାରୀ ଉଚ୍ଚ ବିଦ୍ୟାଳୟ ଗସ୍ତ କରି ମଧ୍ୟାହ୍ନ ଭୋଜନର ମାନ ପରଖିଛନ୍ତି । ଏହା ସହ ବିଦ୍ୟାଳୟରେ ପାଠ ପଢ଼ା କିପରି ଚାଲିଛି ପଚାରିବା ସହ ବିଦ୍ୟାଳୟ ଭିତିଭୂମି ବୁଲି ଦେଖିଥିଲେ ଜିଲ୍ଲାପାଳ । ତତ୍ ସହିତ ଜିଲ୍ଲାପାଳଙ୍କ ନିର୍ଦ୍ଦେଶ କ୍ରମେ ସମସ୍ତ ଜିଲ୍ଲା ସ୍ତରୀୟ ଅଧିକାରୀ ଅନ୍ୟାନ୍ୟ ବିଦ୍ୟାଳୟ ପରିଦର୍ଶନ କରି ମଧ୍ୟାହ୍ନ ଭୋଜନର ମାନ ପରଖିଛନ୍ତି । ଏହି ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିରରେ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ନରେଶ ଚନ୍ଦ୍ର ଶବର, ବନଖଣ୍ଡ ଅଧିକାରୀ ସାଇ କିରଣ ଉପସ୍ଥିତ ଥିଲେ କ୍ଷ ଅନ୍ୟ ମାନଙ୍କ ମଧ୍ୟରେ କୋରକୁଣ୍ଡା ବିଡିଓ, ସହାୟକ ଜିଲ୍ଲାପାଳ ନିର୍ବାଚନ ଅଶୋକ ଚକ୍ରବର୍ତୀଙ୍କ ସମେତ ଜିଲ୍ଲାର ସମସ୍ତ ଅଧିକାରୀ ଉପସ୍ଥିତ ଥିଲେ ।

## ମହାପ୍ରଭୁ ଶ୍ରୀଜଗନ୍ନାଥ...

(ପୃଷ୍ଠା ୪ର ଅବଶିଷ୍ଟାଂଶ)

ଏହି ବୁଢ଼ା ବଢ଼େଇ ଥିଲେ ସ୍ୱୟଂ ଦେବଶିଳ୍ପୀ ବିଶ୍ୱକର୍ମା” । ଭକ୍ତର ଭଗବାନ ସ୍ୱୟଂ ବଢ଼େଇ ରୂପରେ ଭକ୍ତର ମନୋବାଞ୍ଛା ପୂରଣ କରିବା ପାଇଁ ଆସି ନିଜର ମୂର୍ତ୍ତିକୁ ନିଜେ ଗଢ଼ିଥିଲେ ବୋଲି, ଓଡ଼ିଶାରେ ସାଧାରଣତଃ ଏହି ବୁଢ଼ା ବଢ଼େଇ ରୂପକୁ ହିଁ ବିଶ୍ୱକର୍ମାଙ୍କ ରୂପ ବୋଲି କଳ୍ପନା କରାଯାଏ । ବିଶ୍ୱକର୍ମାଙ୍କ ଶିଳ୍ପ କାରୁକାର୍ଯ୍ୟରେ ଅଗାଧ ପାଣ୍ଡିତ୍ୟ ଥିବାରୁ ତାଙ୍କୁ ଶିଳ୍ପକଳାର ଜନକ କୁହାଯାଏ । ପ୍ରତ୍ୟେକ ପର୍ବପର୍ବାଣିର ନିଜର ମହତ୍ୱ ରହିଛି । ଶାସ୍ତ୍ରରେ କୁହାଯାଇଛି ଭଗବାନ ବିଶ୍ୱକର୍ମାଙ୍କ ଆଶୀର୍ବାଦ ବିନା କୌଣସି କାର୍ଯ୍ୟ ସଫଳ ହୋଇନଥାଏ । ତେଣୁ ଏହି ପୂଜାର ଖୁବ ମାନ୍ୟତା,ମହତ୍ୱ ରହିଛି । ଏହି ପୂଜା କରିବା ଦ୍ୱାରା ବ୍ୟବସାୟରେ ଉନ୍ନତି ହେବା ସହ ଆର୍ଥିକ କ୍ଷେତ୍ରରେ ମଧ ଉନ୍ନତି ହୋଇଥାଏ ।

+ଅରଙ୍ଗାବାଦ, ବରୀ, ଯାଜପୁର
ମୋବାଇଲ - ୮୨୪୯୫୦୨୭୭୬

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

### ବଡ଼ ଅଧିକାରୀଙ୍କ...

ଏଥିରେ ଅଭିଯୋଗ କରାଯାଇଥିଲା ଯେ ବିଭିନ୍ନ ଜମି ସଂକ୍ରାନ୍ତ ସେବା ପାଇଁ ନୂପୁର ଶର୍ମା ସ୍ୱତନ୍ତ୍ର ଭାବେ ରେଟ କାର୍ଡ ପ୍ରସ୍ତୁତ କରିଥିଲେ। ଜମି ମ୍ୟାପ ପାଇଁ ୧୫ ଶହ ଟଙ୍କା ଧାର୍ଯ୍ୟ କରାଯାଇଥିବା ବେଳେ ନାଁ ଯୋଡ଼ିବା କିମ୍ବା ହଟାଇବା ପାଇଁ ୨ ଲକ୍ଷ ଯାଏ ଚାର୍ଜ କରାଯାଉଥିଲା। ୬ ବର୍ଷ ହେଲା ସରକାରୀ ଚାକିରି କରିଥିଲେ ହେଁ ନୂପୁର ବର୍ମା ନିଜର ଆୟ ଠାରୁ ଅଧିକ ସମ୍ପତ୍ତି ଠୁଳ କରିଥିଲେ। ଏକାଧିମ ସମ୍ପତ୍ତିର ମାଲିକାନା ତାଙ୍କ ପାଖରେ ରହିଥିଲା। ସାଧାରଣ ଦରମାରେ ଏହା ସମ୍ଭବ ନୁହେଁ ବୋଲି ସନ୍ଦେହ ପ୍ରକାଶ ପାଇଥିଲା। ସ୍ପେଶାଲ ଭିଜିଲାନ୍ସ ସେଲ ପକ୍ଷରୁ ନୂପୁରଙ୍କ ସହଯୋଗୀ ମଣ୍ଡଳ ସୁରଜିତ ଡେକାଙ୍କ ଘରେ ମଧ ରେଡ କରାଯାଇଥିଲା। ବାରପେଟା ରାଜସ୍ୱ ସର୍କଲ ଅଫିସର ଜଣେ କର୍ମଚାରୀ ହେଉଛନ୍ତି ସୁରଜିତ। ନୂପୁରଙ୍କ ସହାୟତାରେ ସେ ଏକାଧିମ ଜମି ବାରପେଟରେ କିଣିଥିବା ଅଭିଯୋଗ ହୋଇଛି। ନୂପୁର ବାରପେଟର ସର୍କଲ ଅଫିସର ଥିବା ବେଳେ ଏପରି କାରବାର ହୋଇଥିବା ଜଣାପଡ଼ିଛି। ନୂପୁର ବୋରା ଜଣେ ଏସିଏସ୍ ଅଫିସର। ୧୯୮୯ ମସିହା ମାର୍ଚ୍ଚ ୩୧ରେ ଜନ୍ମ ଗ୍ରହଣ କରିଥିବା ନୂପୂର ୨୦୧୯ରେ ସରକାରୀ ସେବାରେ ଯୋଗ ଦେଇଥିଲେ। ପ୍ରଥମେ ବାରପେଟା ପରେ ସେ ଗୋରୋଇମାରିର ସର୍କଲ ଅଫିସର ଭାବେ କାର୍ଯ୍ୟ ଆରମ୍ଭ କରିଥିଲେ। ଗୁହାଟୀ ବିଶ୍ୱବିଦ୍ୟାଳୟରୁ ଇଂରାଜୀ ଲିଟ୍ରେଚରରେ ଡିଗ୍ରୀ ହାସଲ କରିଥିବା ନୂପୂର ପରବର୍ତ୍ତୀ ସମୟରେ କଟନ କଲେଜରେ ପଢ଼ିଥିଲେ। ପ୍ରଶାସନିକ ସେବାରେ ଯୋଗ ଦେବା ପୂର୍ବରୁ ସେ ଡିଷ୍ଟ୍ରିକ୍ଟ ଇନଷ୍ଟିଚ୍ୟୁଟ ଅଫ ଏଡୁକେସନ ଓ ଟ୍ରେନିଂ (ଡିଆଇଇଟି)ରେ ଶିକ୍ଷୟିତ୍ରୀ ଭାବେ କାମ କରୁଥିଲେ। ତାଙ୍କର ପ୍ରଶାସନିକ କ୍ୟାରିୟର କାର୍ବି ଆଙ୍ଗଲଙ୍ଗର ଅତିରିକ୍ତ କମିଶନର ଭାବେ ଆରମ୍ଭ ହୋଇଥିଲା। ଏହି ପଦରେ ସେ ୨୦୧୯ ମାର୍ଚ୍ଚରୁ ୨୦୨୩ ଜୁନ ଯାଏ ରହିଥିଲେ। ଏହାପରେ ତାଙ୍କୁ ବାରପେଟାର ସର୍କଲ ଅଫିସର ଭାବେ ନିଯୁକ୍ତି ମିଳିଥିଲା। କିଛି ମାସ ହେଲା ତାଙ୍କର ବଦଳି କାମରୁପକୁ ହୋଇଥିଲା।

### ଧୃତରାଷ୍ଟ୍ର ଉପାଖ୍ୟାନ...

ଓ କଂଗ୍ରେସ ପାଇଁ ବୋଲି ବରିଷ୍ଠ ବିଜେଡି ଉପସଭାନେତ୍ରୀ ପ୍ରମିଳା ମଲ୍ଲିକ କହିବା ସହ ଶ୍ରୀମୟୀ ଦଳରେ ଅସନ୍ତୁଷ୍ଟ ନାହାନ୍ତି କିମ୍ବା ତାଙ୍କର କାହା ସହ ମନୋମାଳିନ୍ୟ ନାହିଁ ବୋଲି ପ୍ରମିଳା କହିଛନ୍ତି। ଗତ ସପ୍ତାହରେ ଶ୍ରୀମୟୀ ନିଜର ସୋସିଆଲ ମିଡିଆରେ ମହାଭାରତର ଧୃତରାଷ୍ଟ୍ର ଓ ଦୁର୍ଯ୍ୟୋଧନ ଉପାଖ୍ୟାନ କହି ବିଜେଡି ରାଜନୀତିକୁ ସରଗରମ କରିଥିବାବେଳେ ଆଜି ‘ଆଶ୍ରମ’ ୱେବସିରିଜର ‘ଭଣ୍ଡ ସନ୍ୟାସୀ’ ପ୍ରସଙ୍ଗ ଉଠାଇ ନିଜ ଦଳରେ କମ୍ପନ ସୃଷ୍ଟି କରିଛନ୍ତି। ବିଜେଡି ନେତ୍ରୀ ଶ୍ରୀମୟୀ ମିଶ୍ର ଆଜି ନିଜର ସୋଶାଲ ମିଡିଆରେ ଏକ ପୋଷ୍ଟରେ ଲେଖିଛନ୍ତି ଯେ, “ କିଛି ଦିନ ତଳେ ଗୋଟିଏ ଓଟିଟି ପ୍ଲାଟଫର୍ମରେ ବଲିଉଡର ପ୍ରତିଷ୍ଠିତ ନିର୍ଦ୍ଦେଶକ ପ୍ରକାଶ ଝାଙ୍କ ୱେବ୍ ସିରିଜ୍ (‘ଆଶ୍ରମ’କୁ ଟ୍ୟାଗ୍ କରିଛନ୍ତି) ଦେଖିଲି ଯାହାକି ସନ୍ୟାସ ଓ ସନ୍ୟାସୀ ଉପରେ ଆଧାରିତ ଥିଲା । ସେଥିରେ କଳାକାରମାନଙ୍କ ଅଭିନୟ ବେଶ୍ ହୃଦୟସ୍ପର୍ଶୀ ଓ ଯୁଗୋପଯୋଗୀ ଥିଲା । ସଂସାରର ସମସ୍ତ ସୁଖ ସମ୍ଭୋଗଠୁ ଦୁରେଇ ରହିବା ବା ସମସ୍ତ ମୋହମାୟା ପ୍ରତି ଦୁର୍ବଳତା ନ ରଖିବା ବ୍ୟକ୍ତି ବିଶେଷଙ୍କୁ ସମାଜ ସନ୍ନ୍ୟାସୀ ରୂପେ ଗ୍ରହଣ କରେ। କିନ୍ତୁ ଏଥିରେ ସନ୍ଦେହ କିମ୍ବା ବ୍ୟତିକ୍ରମ ହେଲେ ସମାଜ ଭଣ୍ଡ ସନ୍ନ୍ୟାସୀର ରୂପ ଦେବାକୁ ତିଳେ ମାତ୍ର ପଛଘୁଂଚା ଦେଇନାହିଁ। ବର୍ତ୍ତମାନ ଆମ ସମାଜରେ ଏହିପରି ଆମେ ଅନେକ ଗୁଡ଼ିଏ ଘଟଣା ଶୁଣୁଛେ କିମ୍ବା ଦେଖୁଛେ, ଯେଉଁମାନେ ସନ୍ନ୍ୟାସ କହି ସମସ୍ତ ସୁଖ ସ୍ୱାଚ୍ଛନ୍ଦ୍ୟ ପ୍ରତି ଲାଳାୟିତ ରହୁଛନ୍ତି । ପରମୁହୂର୍ତ୍ତରେ ଏକ ଭଣ୍ଡ ସନ୍ନ୍ୟାସର ଆଖ୍ୟାରେ ପରିଚୟ ପାଇ ଶିରୋନାମା ମଣ୍ଡନ କରୁଛନ୍ତି। ଏ ଯୁଗର କିଛି ସନ୍ନ୍ୟାସୀଙ୍କ ଭାଷାରେ ‘ଜଗତେ ପଛେ ନର୍କେ ପଡ଼ିଥାଉ, ମୋ ଜୀବନ ଉଦ୍ଧାର ହଉ’ । ଏବେ ମଧ କିଛି ସନ୍ନ୍ୟାସୀ ଜନମଙ୍ଗଳକରି ଭାବନା ନେଇ ତପସ୍ୟା କରିଛନ୍ତି, ହେଲେ ଆଉ କିଛି ଜଗନ୍ନାଥଙ୍କ ନାମ ନେଇ ଅନ୍ୟ ପାଇଁ ଗାତ ଖୋଳିବାକୁ ଯାଇ, ନିଜେ ଗାତରେ ପଡୁଛନ୍ତି।” ଶ୍ରୀମୟୀଙ୍କ ଏହି ପୋଷ୍ଟ ଆସିବା ପରେ ବିଜେଡିରେ କମ୍ପନ ସୃଷ୍ଟି ହୋଇଛି । ରାଜ୍ୟର ପ୍ରମୁଖ ଟିଭି ଚ୍ୟାନେଲ ଓ ସୋଶାଲ ମିଡିଆରେ ଏହି ଖବର ଏବେ ଟ୍ରେଣ୍ଡ କରିବାରେ ଲାଗିଥିବା ବେଳେ ଶ୍ରୀମୟୀଙ୍କ ଏହି ପୋଷ୍ଟ ଭିକେ ପାଣ୍ଡିଆନଙ୍କ ପାଇଁ ଉଦ୍ଦିଷ୍ଟ ବୋଲି ବିଜେଡି ସାଧାରଣ ସମ୍ପାଦକ ମନ୍ମଥ କୁମାର ରାଉତରାୟ ଖୋଲାଖୋଲି ଗଣମାଧମ ଆଗରେ ସ୍ୱୀକାର କରିଛନ୍ତି। ଶ୍ରୀମୟୀ ନିଜ ପୋଷ୍ଟ ମାଧମରେ ‘ଆଶ୍ରମ’ ସିରିଏଲର ଭଣ୍ଡ ସନ୍ୟାସୀ କଥା କହିବା ସହ କାହାରି ନାଁ ଉଲ୍ଲେଖ କରିନଥିଲେ ମଧ ମନ୍ମଥ ଏହାକୁ ପାଣ୍ଡିଆନଙ୍କ ସହ ଯୋଡ଼ି ସିଧାସଳଖ ଶ୍ରୀମୟୀଙ୍କୁ ବ୍ୟକ୍ତିଗତସ୍ତରରେ ଆକ୍ଷେପ କରିଛନ୍ତି । ଶ୍ରୀମୟୀଙ୍କ ଏହି ପୋଷ୍ଟ ପାଣ୍ଡିଆନଙ୍କ ଉଦ୍ଦେଶ୍ୟରେ ବୋଲି କଂଗ୍ରେସ ନେତା ସୁର ରାଉତରାୟଙ୍କ ପୁଅ ମନ୍ମଥ ଗଣମାଧମ ଆଗରେ ସ୍ୱୀକାର କରି ନିଜ ଦଳର କର୍ମକର୍ତ୍ତା ତଥା ବରିଷ୍ଠ ନେତ୍ରୀ ଶ୍ରୀମୟୀଙ୍କୁ ବ୍ୟକ୍ତିଗତସ୍ତରରେ କଟୁ ସମାଲୋଚନା କରିବାକୁ ମଧ ପଛାଇନାହାନ୍ତି । ନିଜକୁ କଟ୍ଟର ପାଣ୍ଡିଆନପନ୍ଥୀ ଭାବେ ଅଭିହିତ କରି ମନ୍ମଥ ନିଜ ଦଳର ନେତ୍ରୀଙ୍କୁ ‘ମାନସିକ ସ୍ଥିତି,ରାମାୟଣର ମନ୍ଥରା, ମଡର୍ଣ୍ଣ ମନ୍ଥରା ଭଳି ଆକ୍ଷେପମୂଳକ ଶବ୍ଦ ଉପଯୋଗ କରିବାକୁ କିଭଳି ସାହାସ ପାଇଲେ ? ଏହା କ’ଣ ଦଳୀୟ ଶୃଙ୍ଖଳାକୁ ଭଙ୍ଗ କରୁନି କି ବୋଲି ଏବେ ଦଳୀୟ ମହଲରେ ଚର୍ଚ୍ଚାର ବିଷୟ । ଗତବର୍ଷ ମଧ ଶ୍ରୀମୟୀଙ୍କୁ ଏଭଳି ବ୍ୟକ୍ତିଗତ ଆକ୍ଷେପ କରିଥିଲେ ମନ୍ମଥ । ମାତ୍ର ଜଣେ ମହିଳା (ଦଳୀୟ ନେତ୍ରୀ)ଙ୍କୁ ମନ୍ମଥଙ୍କ ଏଭଳି ଆକ୍ଷେପକୁ ନେଇ ବିଜେଡି ନେତୃତ୍ୱ ନିରବ ରହିବା ସହ ଦଳରେ ମହିଳାମାନେ ସୁରକ୍ଷିତ ନଥିବାର ସନ୍ଦେଶ ଦେଇଛନ୍ତି । ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା, ପାଣ୍ଡିଆନଙ୍କ ଇଙ୍ଗିତରେ ମନ୍ମଥ ଖୋଲାଖୋଲି ଭାବେ ମହିଳାଙ୍କ ଚରିତ୍ର ସଂହାର କରିବା ସହ ଦଳୀୟ ନେତ୍ରୀଙ୍କୁ ଅସମ୍ମାନିତ କରିବାର ସବୁ ସୀମା ଲଂଘନ କରିଥିବା ବିଜେଡି ମହଲରେ ଚର୍ଚ୍ଚା ହେଉଛି । ବରିଷ୍ଠ ଉପସଭାନେତ୍ରୀ ପ୍ରମିଳା ମଲ୍ଲିକ ନିଜର ପ୍ରତିକ୍ରିୟାରେ କହିଛନ୍ତି ଯେ, “ଶ୍ରୀମୟୀଙ୍କ ପୋଷ୍ଟ ବିଜେଡିକୁ ନୁହେଁ ବିଜେପି ଓ କଂଗ୍ରେସ ପାଇଁ ।

### କଳିଙ୍ଗା ଘାଟିରେ...

ମନୋଭାବ ଦେଖିବାକୁ ମିଳିଥିଲା। କିଛି ଲୋକ ପାହାଡ଼ ପାଖରେ ଠିଆ ହୋଇ ଫଟୋ ଓ ଭିଡ଼ିଓ ଉତ୍ତୋଳନ କରୁଥିଲେ। ପାଦେ ପାଦେ ବିପଦ ଥିବା ଜାଣି ବି ଜୀବନକୁ ତୁଚ୍ଛା କରି ଫଟୋ ଉଠାଇଥିଲେ କିଛି ଲୋକ। ପରେ ଘଟଣାସ୍ଥଳରେ ପୋଲିସ, ଅଗ୍ନିଶମ ବାହିନୀ ପହଞ୍ଚି ଲୋକଙ୍କୁ ନଯିବା ପାଇଁ ବାରଣ କରିଛନ୍ତି। ବର୍ଷା କମିବା ପରେ ରାସ୍ତା ଅବରୋଧ ହଟାଯିବ। ପରେ ଅସ୍ଥାୟୀ ଭାବରେ ରାସ୍ତା ବାହାର କରି ଗାଡ଼ିମୋଟର ଛଡ଼ାଯିବାକୁ ବ୍ୟବସ୍ଥା କରାଯିବ।

### ବାଲିହରଚଣ୍ଡୀରେ ...

ଏହି ୪ ଅଭିଯୁକ୍ତ ବାଲିହରଚଣ୍ଡି ନିକଟ ଚଣ୍ଡିପୁଟ ଗାଁର ବୋଲି ଜଣାପଡ଼ିବା ପରେ ଏବଂ ଏଭଳି ଅଘଟଣକୁ ନିନ୍ଦା କରିଛନ୍ତି ସ୍ଥାନୀୟ ବାସିନ୍ଦା। କିନ୍ତୁ ଘଟଣା ସଂପର୍କରେ ମୁହଁ ଖୋଲୁନି ପୋଲିସ। ସେପଟେମ୍ବର ୧୩, ଶନିବାର। ସମୟ ଅପରାହ୍ନ। ଅଭିଯୋଗ ଅନୁଯାୟୀ, ପୁରୁଷ ବନ୍ଧୁ ସହ ପୀଡ଼ିତା ଯାଇଥିଲେ ବାଲିହରଚଣ୍ଡି ପୀଠକୁ। ସେଠାରେ ଦର୍ଶନ ପରେ ସମୁଦ୍ରକୂଳ ଝାଉଁବଣରେ ବସିଥିଲେ। ଏହି ସମୟରେ ସଂପୃକ୍ତ ଦୁର୍ବୃତ୍ତ ଅନ୍ତରଙ୍ଗ ମୁହୂର୍ତ୍ତର ଦୃଶ୍ୟକୁ କଏଦ୍ କରିଥିଲେ ମୋବାଇଲରେ। ଆଉ ସେହି ଦୃଶ୍ୟ ଦେଖାଇ ବ୍ଲାକମେଲ୍ ସହ ଫୋନ୍ ପେ’ ଏବଂ ନଗଦ କ୍ୟାସ୍ ମିଶାଇ ନେଇଗଲେ ୩ ହଜାର ଟଙ୍କା। ସେତିକିରେ ବି ମନ ବୁଝିଲାନି ବୋଲି ପୁରୁଷ ବନ୍ଧୁ ଆଗରେ ଗଣଦୁଷ୍କର୍ମ କଲେ ଦୁର୍ବୃତ୍ତ। ଏ ସଂପର୍କରେ ସଦର ଥାନାରେ ଏତଲା ପରେ ସେହି ଶନିବାର ହିଁ ୩ ଜଣଙ୍କୁ ଉଠାଇଥିଲା ପୋଲିସ। ଆଉ ଗତ ରାତିରେ ମୁଖ୍ୟ ଅଭିଯୁକ୍ତ କାଳିଆକୁ ଗିରଫ କରିଥିବା ସଦର ଏସଡିପିଓ ସୂଚନା ଦେଇଛନ୍ତି। ବ୍ରହ୍ମଗିରି ଥାନା ଏବଂ ପୁରୀ ସଦର ଥାନା ଅଧିନରେ ଥିବା ବାଲିହରଚଣ୍ଡି ପୀଠ ଅନ୍ୟତମ ଆଧାତ୍ମିକ ସ୍ଥଳୀ। ସମୂଦ୍ର ସହ ଝାଉଁବଣ ପରିବେଶ ପାଇଁ ପର୍ଯ୍ୟଟକଙ୍କ ଭିଡ଼ ଜମେ। ତେବେ ମୁକୁଳା ଅବସ୍ଥାରେ ଥିବା ଏହି ପର୍ଯ୍ୟଟନସ୍ଥଳୀରେ ପୂର୍ବରୁ ସ୍ଥାନୀୟ ଅଞ୍ଚଳର ଅସାମାଜିକ ଲୁଟପାଟ୍ ସହ ନାନା ଅପରାଧ ଭିଆଇଛନ୍ତି। ଅଥଚ ନା ପୋଲିସ ଫାଣ୍ଡି ଅଛି ନା କୌଣସି ସୁରକ୍ଷା ବ୍ୟବସ୍ଥା। ଯାହାର ଫାଇଦା ନେଇ ଲଜ୍ଜାଜନକ କାଣ୍ଡ ଭିଆଇଛନ୍ତି ଦୁର୍ବୃତ୍ତ। ଏହି ଅଘଟଣକୁ ନେଇ ରାଜ୍ୟ ସରକାରଙ୍କୁ ନିଶାନା କରିଛି ବିଜେଡି। ବରିଷ୍ଠ ନେତା ସଞ୍ଜୟ ଦାସବର୍ମା ନାରୀ ନିର୍ଯାତନା ସହ ପର୍ଯ୍ୟଟନସ୍ଥଳୀରେ ସୁରକ୍ଷା କଥା ଉଠାଇ ସବୁଠି ଆଉଟ୍ ପୋଷ୍ଟ ପାଇଁ ଦାବି କରିଛନ୍ତି। ସେପଟେ ବ୍ରହ୍ମଗିରି ବିଧାୟିକା ଉପାସନା ମହାପାତ୍ର କହିଛନ୍ତି, ଘଟଣାରେ ସଂପୃକ୍ତ ଅଭିଯୁକ୍ତଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ହେବ। ବାଲିହରଚଣ୍ଡୀ ସହ ବ୍ରହ୍ମଗିରି ଅଞ୍ଚଳର ସବୁ ପର୍ଯ୍ୟଟନ ସ୍ଥଳୀରେ ପୋଲିସ ଫାଣ୍ଡି ପାଇଁ ସରକାରଙ୍କୁ ଜଣାଇଛି।

### ସେପ୍ଟେମ୍ବର ୨୪...

ଏହି କ୍ଷେପଣାସ୍ତ୍ର ଭାରତ ମହାସାଗରରେ ସଠିକ୍ ଭାବରେ ଲକ୍ଷ୍ୟଭେଦ କରିବାରେ ସଫଳ ହୋଇଛି। ପ୍ରତିରକ୍ଷା ମନ୍ତ୍ରଣାଳୟ ଏହାର ବିବୃତିରେ କହିଥିଲା ଯେ, ଅଗ୍ନି-୫ କ୍ଷେପଣାସ୍ତ୍ର ବର୍ତ୍ତମାନର ପରୀକ୍ଷଣରେ ସମସ୍ତ କାର୍ଯ୍ୟକ୍ଷମ ଏବଂ ବୈଷୟିକ ପାରାମିଟର ପୂରଣ କରିଛି। ଭାରତ ଏବଂ ପାକିସ୍ତାନ ମଧ୍ୟରେ ସାମରିକ ସଂଘର୍ଷର ପ୍ରାୟ ସାଢ଼େ ତିନି ମାସ ପରେ ଅଗ୍ନି-୫ କ୍ଷେପଣାସ୍ତ୍ର ପରୀକ୍ଷଣ କରାଯାଇଥିଲା। ଗତ ବର୍ଷ ମାର୍ଚ୍ଚ ମାସରେ ଭାରତ ଅଗ୍ନି-୫ କ୍ଷେପଣାସ୍ତ୍ରର ପରୀକ୍ଷଣ ମଧ କରିଥିଲା। ଅଗ୍ନି-୫ କ୍ଷେପଣାସ୍ତ୍ର ପାକିସ୍ତାନ, ଚୀନ୍ ଏବଂ ତୁର୍କୀକୁ ଟାର୍ଗେଟ କରିବାର କ୍ଷମତା ରଖିଛି।

# କେବଳ ନୋଟିସ୍‌ରେ ସୀମିତ ଜବରଦଖଲ ଉଚ୍ଛେଦ: ମୁଖ୍ୟମନ୍ତ୍ରୀଙ୍କଠାରେ ଅଭିଯୋଗ ଆଣିଲେ ସରପଂଚ

ଭଦ୍ରକ, ୧୬/୯ (ନି.ପ୍ର): ବିଭିନ୍ନ ଗଣମାଧମରେ ବନ୍ତ ବ୍ଲକ ବଡ଼ହାଟତ୍ରିଲୋଚନପୁର ପଂଚାୟତର ଉନ୍ନୟନ ମୂଳକ କାର୍ଯ୍ୟରେ ଜବରଦଖଲ ବାଧା ସୃଷ୍ଟି କରୁଥିବା ଖବର ପ୍ରକାଶ ପାଇବା ପରେ ତହସିଲ ପକ୍ଷରୁ ଜବରଦଖଲ ଉଚ୍ଛେଦ ପାଇଁ ନୋଟିସ ଜାରୀ କରାଯାଉଥିଲେ ମଧ ତାହା କାର୍ଯ୍ୟକାରୀ ହୋଇପାରୁନଥିବାରୁ ଏହା ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହିତ ପଂଚାୟତରେ ସରକାରଙ୍କ ଅନୁଦାନ ରାଶିର କାର୍ଯ୍ୟ ପାଇଁ ସରକାରୀ ଜମି ଯୋଗାଇ ଦେବା ନିମନ୍ତେ ସରପଂଚ ପତ୍ର ମାଧମରେ ମୁଖ୍ରମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିବା ଜଣାପଡ଼ିଛି। ସରପଂଚଙ୍କ ଅଭିଯୋଗ ଅନୁଯାୟୀ;ବର୍ଷ ୨୦୨୩-୨୪ରେ ବିଧାୟକଙ୍କ ଅନୁଦାନ ପାଣ୍ଠିରୁ ବିଟିପୁର ସୁଲଭ ଶୌଚାଳୟ ନିକଟରେ ପଥପ୍ରାନ୍ତ ସୁବିଧା କେନ୍ଦ୍ର ନିର୍ମାଣ ନିମନ୍ତେ ୪ଲକ୍ଷ ଟଙ୍କା ମଂଜୁର ହୋଇଅଛି । ତତ୍ ସହିତ ପଂଚାୟତ ସଂକଳ୍ପ ଥିମରୁ ବିଶୁଦ୍ଧ ପାନୀୟ ଜଳ ଯୋଗାଣ ନିମନ୍ତେ ୫୦ହଜାର ଅର୍ଥ ରାଶି ମଧ ମଂଜୁର ହୋଇଅଛି । କିନ୍ତୁ ବିଟିପୁର ମୌଜାର ମୁଖ୍ୟ ପିଡ଼ବ୍ଲ୍ୟୁଡ଼ି ସଡ଼କକୁ ସଂଲଗ୍ନ କରୁଥିବା ବିଟିପୁର ମୌଜା,କିସମ-ଗ୍ରାମ୍ୟ ରାସ୍ତା ସରକାରଙ୍କ ସର୍ବସାଧାରଣ ଖାତା ନଂ୨୭୦,ପ୍ଲଟ ନଂ୭୧୩ରେ ନିର୍ମିତ ହେଉଥିବା ସୁଲଭ ଶୌଚାଳୟ ଅର୍ଦ୍ଧ ନିର୍ମିତ ଅବସ୍ଥାରେ ରହିଅଛି । ସୁଲଭ ଶୌଚାଳୟ ସମ୍ମୁଖରେ ପିଡ଼ବ୍ଲ୍ୟୁଡ଼ି ସଡ଼କକୁ ସଂଲଗ୍ନ କରୁଥିବା ଅବଶିଷ୍ଟ ପରିତ୍ୟକ୍ତ ତଥା ଖାଲି ପଡ଼ିଥିବା ଉକ୍ତ ପ୍ଲଟର ପାଖାପାଖି ଏ୦.୩୨ଡ଼ି.ମଧ୍ୟରୁ ଏ ୦.୦୭ଡ଼ି. ଜମିରେ ପଥପ୍ରାନ୍ତ ସୁବିଧା କେନ୍ଦ୍ର ଓ ବିଶୁଦ୍ଧ ପାନୀୟ ଜଳ ଯୋଗାଣ କେନ୍ଦ୍ର ନିର୍ମାଣ ପାଇଁ ସ୍ଥିର ହୋଇଥିଲେ ସୁଦ୍ଧା ଉକ୍ତ ରାସ୍ତା ଜବରଦଖଲକାରୀଙ୍କ କବଜାରେ ଥିବାରୁ ( କିଛି ଉଠା ଦୋକାନୀ) ସୁଲଭ ଶୌଚାଳୟ ନିର୍ମାଣ ସଂପୂର୍ଣ୍ଣ ହୋଇପାରୁନାହିଁ । ସେହିପରି ସରକାରୀ ଅନୁଦାନରେ ଏଏନଏମ ସେଣ୍ଟର ଓ କନିଷ୍ଠଯନ୍ତ୍ରୀଙ୍କ କ୍ୱାର୍ଟର ଆଦି ନିର୍ମାଣ ହୋଇଥିଲେ ସୁଦ୍ଧା ଏହାର ସମ୍ମୁଖ ଭାଗ ମଧ ଜବରଦଖଲରେ ଅଛି । ସରକାରୀ ଜାଗାରୁ ଜବର ଦଖଲ ଉଚ୍ଛେଦ



ପାଇଁ ପଂଚାୟତ ତରଫରୁ ବହୁବାର ତହସିଲଦାର,ବନ୍ତଙ୍କୁ ଅବଗତ କରାଯିବା ସହିତ ବିଧାୟକଙ୍କୁ ମଧ ଅବଗତ କରାଯାଇଥିଲା । ପରେ ବିଧାୟକ ପତ୍ର ସଂଖ୍ୟା ୩୫/ ୨୦୨୪,ତା୦୯.୦୮.୨୪ରେ ତହସିଲଦାର,ବନ୍ତଙ୍କୁ ପତ୍ର ମାଧ୍ୟମରେ ନିବେଦନ କରିଥିଲେ କିନ୍ତୁ ୭ମାସରୁ ଉର୍ଦ୍ଧ୍ୱ ସମୟ ବିତି ଯାଇଥିଲେ ସୁଦ୍ଧା ବ୍ଲକ ପ୍ରଶାସନ ଏଥିପ୍ରତି କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନକରିବାରୁ ପଂଚାୟତ ପକ୍ଷରୁ ଗତ ଜାନୁଆରୀ ମାସରେ ଜିଲ୍ଲାପାଳଙ୍କ ଜନ ଅଭିଯୋଗ ଶୁଣାଣିରେ ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିବା ସହ ଅଭିଯୋଗ କରାଯାଇଥିଲା । ଅଭିଯୋଗ ପରେ ଜିଲ୍ଲାପାଳ ବ୍ଲକ ପ୍ରଶାସନକୁ ଏହା ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ବ୍ଲକ ପ୍ରଶାସନ ପତ୍ର ସଂଖ୍ୟା ୩୦୭,ତା୩୦.୦୧.୨୦୨୫ରେ ତହସିଲଦାରଙ୍କୁ ଜାଗା ଚିହ୍ନଟ କରିବା ସହ ଜବରଦଖଲରେ ଥିବା ଜାଗାକୁ ଜବରଦଖଲ ମୁକ୍ତ କରିବା ପାଇଁ ଉଚିତ୍ ପଦକ୍ଷେପ ଗ୍ରହଣ କରିବା ପାଇଁ ନିବେଦନ କରିଥିଲେ। କିନ୍ତୁ ୨ମାସରୁ ଅଧିକ ସମୟ ବିତିଯିବା ପରେ ବିଭାଗ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାନଯିବାରୁ ପଂଚାୟତ ପକ୍ଷରୁ ଗତ ଏପ୍ରିଲ ମାସରେ ଜିଲ୍ଲାପାଳଙ୍କୁ ପୁନଃ ସାକ୍ଷାତ କରାଯାଇଥିଲା ଏବଂ ଜିଲ୍ଲାପାଳଙ୍କ ନିର୍ଦ୍ଦେଶ କ୍ରମେ ତହସିଲ ପକ୍ଷରୁ ଜବରଦଖଲ ଉଚ୍ଛେଦ ନିମନ୍ତେ ବାରମ୍ବାର ନୋଟିସ ଜାରୀ ହେଉଛି କିନ୍ତୁ ତାହା କାର୍ଯ୍ୟକାରୀ ହେଉନାହିଁ । ଗତ ଅଗଷ୍ଟ ମାସ ୮ତାରିଖରେ ଉଚ୍ଛେଦ ପାଇଁ ନୋଟିସ ଜାରୀ ହୋଇଥିଲେ ମଧ ତାହା କାର୍ଯ୍ୟକାରୀ ହୋଇପାରିଲା ନାହିଁ । ତେଣୁ କେଉଁ କାରଣରୁ ଓ କେଉଁ ଉଦ୍ଦେଶ୍ୟରେ ଉଚ୍ଛେଦ ପ୍ରକ୍ରିୟାରେ ବାଧା ଉପୁଜୁଛି ତାହାର ବିଧିବଦ୍ଧ ତଦନ୍ତ କରିବା ସହ ପଂଚାୟତର ଉନ୍ନୟନମୂଳକ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ବିଭାଗକୁ ନିର୍ଦ୍ଦେଶ ଦେବାକୁ ସରପଂଚ ପତ୍ର ମାଧମରେ ମୁଖ୍ୟମନ୍ତ୍ରୀଙ୍କୁ ନିବେଦନ କରିଥିବା ଜଣାପଡ଼ିଛି । ଏବଂ ଏହାର ଏକକିତା ନକଲ ସାଂସଦ,ବିଧାୟକ ଏବଂ ରାଜସ୍ୱ ବିଭାଗକୁ ପ୍ରେରଣ କରିଥିବା ଜଣାପଡ଼ିଛି । ଅପର ପକ୍ଷରେ ଉକ୍ତ ଉଚ୍ଛେଦ ପ୍ରକ୍ରିୟାରେ ଉପୁଜୁଥିବା ସମସ୍ୟାକୁ ନେଇ ତହସିଲଦାର, ବନ୍ତଙ୍କୁ ଯୋଗାଯୋଗ କରିବାରୁ ଉଚ୍ଛେଦ ପାଇଁ ଯାହା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା କଥା ବିଭାଗ ପକ୍ଷରୁ ତାହା ଉପରେ କାର୍ଯ୍ୟାନୁଷ୍ଠାନ ପାଇଁ ନିର୍ଦ୍ଦେଶ ଜାରୀ ହୋଇଛି । ଯଦିବି କିଛି ସମସ୍ୟା ଦେଖା ଦେଇଛି ତାହାର ସମାଧାନ ଯଥା ଶୀଘ୍ର କରାଯାଇ ଉଚ୍ଛେଦ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରାଯିବ ବୋଲି ପ୍ରକାଶ କରିଥିଲେ ।

## ମୟୁରଭଞ୍ଜ ଏଥଲେଟିକ ଏସୋସିଏସନର ପ୍ରଶାସନିକ ଭବନ ଉଦ୍‌ଘାଟିତ

ବାରିପଦା , ୧୬/୯ (ନି.ପ୍ର): ବାରିପଦା ଷ୍ଟାଡିୟମ ପରିସରରେ ମୟୁରଭଞ୍ଜ ଏଥଲେଟିକ ଏସୋସିଏସନର ନୂତନ ପ୍ରଶାସନିକ ଭବନ ଉଦଘାଟିତ ହୋଇଯାଇଛି ଓ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମାନ୍ୟବର କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏହି ଭବନର ଶୁଭ ଉଦଘାଟନ କରିଛନ୍ତି ଓ ଏହି କାର୍ଯ୍ୟକ୍ରମରେ ଓଡିଶା ସରକାରଙ୍କ ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡଃ କୃଷ୍ଣଚନ୍ଦ୍ର ମହାପାତ୍ର, ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ରାଜ୍ୟସଭା ସାଂସଦ ମମତା ମହାନ୍ତ, ଲୋକସଭା ସାଂସଦ ନବ ଚରଣ ମାଝୀ,, ବାରିପଦା ବିଧାୟକ ପ୍ରକାଶ ସୋରେନ, ବଡ଼ସାହି ବିଧାୟକ ସନାତନ ବିଜୁଳି, ବାଙ୍ଗିରିପୋଷି ବିଧାୟକ ସଞ୍ଜଲୀ ମୁର୍ମୁ, ଉଦଳା ବିଧାୟକ ଭାସ୍କର ମଢେଇ, କରଞ୍ଜିଆ ବିଧାୟକ ପଦ୍ମଚରଣ ହାଇବ୍ରୁ, ରାଇରଙ୍ଗପୁର ବିଧାୟକ ଜଲେନ ନାଏକ,



ଉପସ୍ଥିତ ଥିଲେ ଓ ବାରିପଦା ଷ୍ଟାଡିୟମରେ ତିନି ମହଲା ବିଶିଷ୍ଟ କ୍ଲବ ଘର ସହିତ ସନ୍ତରଣାଗାର, ଇଣ୍ଡୋର ବକ୍ସିଂ, ରେସଲିଙ୍ଗ ଅଭ୍ୟାସ ଗୃହ, ଦୁଇଟି ଖେଳାଳିଙ୍କ ପାଇଁ ପେଭିଲିଆନ ଆଦିର ଆବଶ୍ୟକତା ଉପରେ ସାଧାରଣ ସମ୍ପାଦକ ବିଜୟ କୁମାର ଦାସ ପ୍ରାୟ ୮୪ କୋଟି ଟଙ୍କାର ଏକ ପ୍ରକଳ୍ପ ମାନ୍ୟବର ମନ୍ତ୍ରୀଙ୍କୁ ପ୍ରଦାନ କରିଥିଲେ ଓ ତୁରନ୍ତ ଏହାକୁ ବିଚାରକୁ ନିଆଯାଇ କାର୍ଯ୍ୟକାରୀ କରାଯିବ ବୋଲି ମାନ୍ୟବର ମନ୍ତ୍ରୀ ପ୍ରତିଶୃତି ଦେଇଥିଲେ ଓ ଏସୋସିଏସନର ଉପ ସଭାପତି ବିବେକାନନ୍ଦ ପଟ୍ଟନାୟକ ଓ ମନୋଜ କୁମାର ସାଓ, କୋଷାଧକ୍ଷ ଅମିତାଭ ଦାସ, ସହ ସମ୍ପାଦକ ବୈଦ୍ୟନାଥ ରଥ, ଗୌରୀଶଙ୍କର ସିନ୍‌ହା, ଅଶୋକ ପଟ୍ଟନାୟକ, ରବୀନ୍ଦ୍ର କୁମାର ମହାନ୍ତି, ଅମ୍ବିକା ରାଉତ, ପ୍ରସନ୍ନଜିତ ମହାନ୍ତି, ହରପ୍ରସାଦ ପାତ୍ର, ଫାଓ ଉପ ସଭାପତି ଅସିତ ବରଣ ପତି, ଅ ଭି ଏ ଉପ ସଭାପତି ମନରଞ୍ଜନ ଜୀଉ ଓ ଶତାଧିକ ସଦସ୍ୟ ଉପସ୍ଥିତ ଥିଲେ ଓ କୁମାର ରଞ୍ଜନ ପଣ୍ଡା ସଭା ପରିଚାଳନା କରିଥିଲେ ।

## ରାଇକମା ଆଶ୍ରମ ବିଦ୍ୟାଳୟରେ ବିଶ୍ୱ ଓଜୋନ ଦିବସ ପାଳିତ



ବୈଶିଙ୍ଗା , ୧୬/୯ (ନି.ପ୍ର): ଆଜି ରାଇକମା ଆଶ୍ରମ ବିଦ୍ୟାଳୟ ପରିସରରେ ଇକୋ କ୍ଲବ ଆନୁକୁଲ୍ୟରେ ପ୍ରଧାନଶିକ୍ଷକ ରଜତ କୁମାର ଦାଶଙ୍କ ଅଧକ୍ଷତାରେ ବିଶ୍ୱ ଓଜୋନ ଦିବସ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସହକାରୀ ଶିକ୍ଷିକା ପ୍ରତିମା ପରିଡା ପିଲାମାନଙ୍କୁ ଓଜୋନ ଗ୍ୟାସର କାର୍ଯ୍ୟକାରିତା, ସୂର୍ଯ୍ୟଙ୍କର ଅତିବାଇଗଣି ରଶ୍ମି ଦାଉରୁ ଜୀବଜଗତକୁ କିପରି ରକ୍ଷା କରୁଛି, ସେ ସମ୍ପର୍କରେ ଅବଗତ କରିଥିଲେ । ଶିକ୍ଷିକା ସରସ୍ୱତୀ ଜେନା, ସୁବାସିନୀ ପରିଡା, ସୁକାନ୍ତି ବିଶ୍ୱାଳ କୁଇଜ୍ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।ପ୍ରଧାନ ଶିକ୍ଷକ ଓଜୋନ ଗ୍ୟାସର ସୁରକ୍ଷା ଦିଗରେ ଛାତ୍ରଛାତ୍ରୀମାନଙ୍କର କର୍ତ୍ତବ୍ୟ ସମ୍ପର୍କରେ ଜଣାଇବା ସହିତ ଶପଥ ପାଠ କରାଇଥିଲେ। ଶେଷରେ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା।ଏହି କାର୍ଯ୍ୟକ୍ରମରେ ମଣ୍ଟୁ ମାର୍ଣ୍ଡି, ସୀତା ଟୁଡୁ,ଜୁଲି ହେମ୍ରମ ସହଯୋଗ କରିଥିଲେ।

## ବିଧାୟକଙ୍କ ଅନୁଦାନ ପାଣ୍ଠିରେ ୭ଲକ୍ଷ ଟଙ୍କାର ନୂତନ ପକ୍କା ରାସ୍ତାର ଭିତ୍ତିପ୍ରସ୍ତର ସ୍ଥାପନ

ନୀଳଗିରି , ୧୬/୯ (ନି.ପ୍ର): ନୀଳଗିରି ପଞ୍ଚାୟତସମିତି ଆନୁକୁଲ୍ୟରେ ୨୦୨୫/୨୬ ଆର୍ଥିକବର୍ଷରେ ବିଧାୟକଙ୍କ ହାତପାଣ୍ଠିରୁ ୭ଲକ୍ଷ ଟଙ୍କା ଅନୁଦାନରେ ଜଡିଦା ପଞ୍ଚାୟତର ଗଦାଧର କରଣଙ୍କ ଘରଠାରୁ ଯାତ୍ରାପଡିଆ ପର୍ଯ୍ୟନ୍ତ ନୂତନ ପକ୍କା ରାସ୍ତାର ଭିତ୍ତିପ୍ରସ୍ତର ସ୍ଥାପନ ମାନ୍ୟବର ବିଧାୟକଙ୍କ ସନ୍ତୋଷ କୁମାର ଖଟୁଆଙ୍କ କରକମଳରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ସରପଞ୍ଚ ରଞ୍ଜିତା ଦଣ୍ଡପାଟ, ସମିତିସଭ୍ୟ ଭରତ କବାଟ, ସମାଜସେବୀ କୈଳାସ ମହାନ୍ତି, ବିନୋଦ ମହାନ୍ତି, ବିକାଶ ପତି, ସନ୍ତୋଷ ସ୍ୱାଇଁ, ବିଶ୍ୱନାଥ ଦାସ, ପୀତବାସ ଭଞ୍ଜ, ସୌମ୍ୟରଞ୍ଜନ



ରାଉଳ, ହରେକୃଷ୍ଣ ମହାକୁଡ, କାର୍ତ୍ତିକ କର, ତପ ପତି, ସୌମ୍ୟରଞ୍ଜନ ଶତପଥୀ , ଦେବୀପ୍ରସନ୍ନ ନାଏକ, ବୁଲୁ ବାରିକ, ରଞ୍ଜନ ଦାସ, ଉର୍ମିଳା ବେହେରା, ଲକ୍ଷ୍ମୀପ୍ରିୟା ବିଶୋଇ,ଭାସ୍କର ମିଶ୍ରଙ୍କ ସମେତ ପୂଜା କମିଟି, ଯାତ୍ରାକମିଟି ଓ ବଜାରକମିଟିର ବହୁ ସଦସ୍ୟ ଉପସ୍ଥିତ ଥିଲେ।

## ରାଧାରାଣୀ ଓମେନ୍ସ ଉଇଙ୍ଗର ପ୍ରଥମ ବାର୍ଷିକ ଉତ୍ସବ ଅନୁଷ୍ଠିତ

ବାଲେଶ୍ୱର, ୧୬/୯ (ନି.ପ୍ର): ରେମୁଣା ବ୍ଲକ, ସରସ୍ୱତୀପୁର ସ୍ଥିତ ‘ରାଧାରାଣୀ ଓମେନ୍ସ ଉଇଙ୍ଗ’ ର ପ୍ରଥମ ବାର୍ଷିକ ଉତ୍ସବ ଗତକାଲି ସେପଟ୍ଟେମ୍ବର ୧୫ ତାରିଖ ରବିବାର ସନ୍ଧ୍ୟାରେ ସହର ଉପକଣ୍ଠ ସ୍ଥାନୀୟ ବସନ୍ତ କନଭେନସନ ହଲ୍ ପରିସରରେ ଅନୁଷ୍ଠିତ ହୋଇଯାଇଛି। ସଂଗଠନର ପ୍ରତିଷ୍ଠାତା ଶ୍ରୀଯୁକ୍ତ ଗଣେଶ ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ରାଜ୍ୟ ମହିଳା କମିଶନ ଅଧକ୍ଷା ଶ୍ରୀମତୀ ଶୋଭନା ମହାନ୍ତି, ମୁଖ୍ୟ ବକ୍ତା ଭାବେ ନାରୀ ସଂଘ ଜିଲ୍ଲା ସଭାପତି ଗୋପାମୁଦ୍ରା ମହାପାତ୍ର, ସମ୍ମାନିତ ଅତିଥି ଭାବେ ସାରସ୍ୱତ ସାଧକ ଡ଼ଃ ରାଧାମୋହନ ପଟ୍ଟନାୟକ, ଚିତ୍ରଶିଳ୍ପୀ କେଶୁ ଦାସ,




ରାଧାରାଣୀ ଓମେନ୍ସ ଉଇଙ୍ଗସର ସଭାପତି ରାଜଶ୍ରୀ ମିଶ୍ର ପ୍ରମୁଖ ମଞ୍ଚାସୀନ ହୋଇଥିଲେ। ଚାରିକାନ୍ଥ ଭିତରେ ନରହି ମହିଳା ମାନେ ଏପରି ସଂଗଠନ ତିଆରି କରି ସମାଜସେବା କାର୍ଯ୍ୟ ପାଇଁ ଆଗେଇ ଆସିଥିବାରୁ ମୁଖ୍ୟ ଅତିଥି ଶ୍ରୀମତୀ ମହାନ୍ତି ସେମାନଙ୍କୁ ସାଧୁବାଦ ଜଣାଇଥିଲେ। ନାରୀ କେବେ ଅବଳା, ଦୁର୍ବଳା ନୁହେଁ। ନାରୀ ହେଉଛି ନାରାୟଣୀ, ନାରୀ ବିଶ୍ୱାସର ବାଇଶି ପାହାଚ, କଳ୍ପନାର କଳ୍ପବଟ, ନାରୀ ଜାତୀର ସ୍ପନ୍ଦନ,ଜାତୀର ଉନ୍ମାଦନା,ଜାତୀର ଚେତନା,ଜାତୀର ଜାଗରଣ ବୋଲି ସମ୍ମାନିତ ଅତିଥି ଶ୍ରୀଯୁକ୍ତ ରାଧାମୋହନ ପଟ୍ଟନାୟକ ତାଙ୍କ ବକ୍ତବ୍ୟରେ କହିଥିଲେ। ସମ୍ପାଦିକା ଶ୍ରୀମତୀ ଝୁନାରାଣୀ ବାରିକ ବାର୍ଷିକ ବିବରଣୀ ପାଠ କରିବା ସହ ଧନ୍ୟବାଦ ଅର୍ପଣ କରିଥିଲେ। ଶେଷରେ ସମାଜର ଶ୍ରେଷ୍ଠ ବ୍ୟକ୍ତିବିଶେଷଙ୍କୁ ଉତ୍ତରୀୟ, ମାନପତ୍ର ଦେଇ ସମ୍ବର୍ଦ୍ଧିତ କରିବା ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ଓଡ଼ିଶୀ ନୃତ୍ୟ ପରିବେଷଣ କରାଯାଇଥିଲା। ଏହି ଉତ୍ସବ କାର୍ଯ୍ୟକ୍ରମରେ ସଂଗଠନର ଉପସଭାପତି ସୋନାଲୀ ପଣ୍ଡା,ଜଲିରାଣୀ ବାରିକ, ଅର୍ପିତା ବାନାର୍ଜୀ,ଲିଲିମା ଦାସ, ଅରୁନ୍ଧତୀ ପଣ୍ଡା, ସରୋଜିନୀ ମହାପାତ୍ର, ଦିପ୍ତିମୟୀ ବାରିକ, ସସ୍ମିତା ମହାପାତ୍ର, ଜ୍ୟୋତ୍ସ୍ନା ସେନାପତି, କବିତା ନାୟକ, ସସ୍ମିତା ନାୟକ,ସୁଚିସ୍ମିତା ପାଲ, ତିଲୋତ୍ତମା ଦାସ, ସ୍ମୃତିରେଖା ଦାସ,ରମିତା ବାରିକ, ରଞ୍ଜିତା ବାରିକ, ଚିନ୍ମୟୀ ସ, ସୁଶାନ୍ତ ମହାପାତ୍ର,ତନୁଶ୍ରୀ ମହାନ୍ତି, ଦିପ୍ତିମୟୀ ବାରିକ, ବାମଦେବ ବାରିକ, ମୁକୁନ୍ଦ ଦେବ ବାରିକ, ଗୋପୀନାଥ ବାରିକ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ।

**AFFIDAVIT**

By virtue of the Affidavit “No. 10098 dated 15/09/ 2025 sworn before the Executive Magistrate, Balasore, I, Smt. Bijay Laxmi Mishra, W/o - Sanjay Kumar Panigrahi, resident of At/Po- Sahada, Via- Sunhat, PS- Chandipur, Dist- Balasore - 756002 state that my actual name is Bijay Laxmi Mishra but my name as spouse in my husband’s Passport No- AA519179 has been inadvertently mentioned as Bijaya Laxmi Mishra instead of actual name Bijay Laxmi Mishra. That Bijay Laxmi Mishra and Bijaya Laxmi Mishra are one and same person. Henceforth I shall be known as Bijay Laxmi Mishra, W/o - Sanjay Kumar Panigrahi for all purposes.

**Bijay Laxmi Mishra**

# ପ୍ରବାସୀ ଶ୍ରମିକ ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମ

ଭଦ୍ରକ , ୧୬/୯ (ନି.ପ୍ର): ଭଦ୍ରକ ଜିଲ୍ଲା ଆଇନ୍ ସେବା ପ୍ରାଧିକରଣର ଅଧକ୍ଷ ସଂଗ୍ରାମ କେଶରୀ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ଭଣ୍ଡାରିପୋଖରୀ ବ୍ଲକ ଅଧିନସ୍ଥ ନରେଢ଼ା ଗ୍ରାମ ପଞ୍ଚାୟତ ତଥା ଆଖୁଆପଦା ଛକ ହରପାର୍ବତୀ ଅନୁଷ୍ଠାନ ସଭାଗୃହରେ ପ୍ରବାସୀ ଶ୍ରମିକଙ୍କ ବିଭିନ୍ନ ସମସ୍ୟା ସଂପର୍କିତ ସଚେତନତା କାର୍ଯ୍ୟକ୍ରମ ହୋଇଯାଇଛି । ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ ସଚିବ ପୁଣ୍ୟଶ୍ଳୋକ ରଥ ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ଏବଂ ଉକ୍ତ କାର୍ଯ୍ୟକ୍ରମରେ ପ୍ରବାସୀ ଶ୍ରମିକଙ୍କ ଲାଗି ଉଦ୍ଦିଷ୍ଟ ସାମାଜିକ ସୁରକ୍ଷା, ସ୍ୱାସ୍ଥ୍ୟ ଏବଂ କାର୍ଯ୍ୟ ପରିସ୍ଥିତି ପାଇଁ ସଚେତନଶୀଳ ତଥା ସେମାନଙ୍କ ପାଇଁ ଉଦ୍ଦିଷ୍ଟ ଆଇନ୍ ଓ ମୌଳିକ କର୍ତ୍ତବ୍ୟ ଉପରେ ଆଲୋକପାତ କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ୬ଜଣ ଶ୍ରମିକଙ୍କୁ ଶ୍ରମକାର୍ଡ଼ ପ୍ରଦାନ କରି ସେମାନଙ୍କୁ ଉତ୍ସାହିତ କରାଯାଇଥିଲା । ଉକ୍ତ କାର୍ଯ୍ୟକ୍ରମରେ ଯୋଗଦେଇ ସହକାରୀ ଜିଲ୍ଲା ଶ୍ରମ ଅଧିକାରୀ ପ୍ରତ୍ୟୁସ କୁମାର ବେହେରା, ଡ଼. ତାପସ କୁମାର ମହାନ୍ତି, ସହକାରୀ ପ୍ରତିପକ୍ଷ ଅଧିବକ୍ତା, ପ୍ରବାସୀ ଶ୍ରମିକ, ନିର୍ମାଣ ଶ୍ରମିକ ଓ ଅଣ ସଂଗଠିତ କ୍ଷେତ୍ରରେ କାର୍ଯ୍ୟ କରୁଥିବା ଶ୍ରମିକମାନଙ୍କ ବିଭିନ୍ନ କଲ୍ୟାଣକାରୀ କାର୍ଯ୍ୟକ୍ରମ, ସମସ୍ୟାର ସମାଧାନ ତଥା ଦୁର୍ଘଟଣା ଶ୍ରମିକଙ୍କ ସମସ୍ୟା ଉପରେ ବିଚାର ବିମର୍ଶ ଓ ଉପଦେଶମାନ ପ୍ରଦାନ କରିଥିଲେ ।ଏଥି ସହ ଶ୍ରମିକଙ୍କ ସମାଧାନ କ୍ଷେତ୍ରରେ ପିଏଲ୍‌ଭି ହରେକୃଷ୍ଣ ନାୟକ ତାଙ୍କର ବକ୍ତବ୍ୟ ପ୍ରଦାନ କରିଥିଲେ । ସାମାଜିକ କର୍ମୀ ଶରତ କୁମାର ଯେନା ତାଙ୍କ ବକ୍ତବ୍ୟରେ ନରେଢ଼ା ପଞ୍ଚାୟତର ସମସ୍ୟା ଓ ଯୁବ ସମାଜ ଉପରେ ତାଙ୍କର ମତବ୍ୟକ୍ତ ରଖିଥିଲେ । ଉକ୍ତ କାର୍ଯ୍ୟକ୍ରମ ମାଧ୍ୟମରେ ଜାତୀୟ ଆଇନ୍‌ସେବା ପ୍ରାଧିକରଣଙ୍କ ପ୍ରଦତ୍ତ ୧୫୧୦୦ (ଟୋଲ୍ ଫ୍ରି) ନମ୍ବର ତଥା ଆଇନସେବା ପ୍ରାଧିକରଣ ଭଦ୍ରକ କାର୍ଯ୍ୟ ସମ୍ପର୍କରେ ସଚେତନ କରାଯାଇଥିଲା । ଉକ୍ତ ଗ୍ରାମ ପଞ୍ଚାୟତ ଅଧିବାସୀମାନେ ବହୁ ସଂଖ୍ୟାରେ ଉପସ୍ଥିତ ରହିଥିଲେ ଓ ଜିଲ୍ଲା ଆଇନ୍‌ସେବାର କର୍ମକର୍ତ୍ତାମାନେ ଯୋଗଦେଇ କାର୍ଯ୍ୟକ୍ରମକୁ ସଫଳ କରାଇଥିଲେ ।

# ରଘୁନାଥ ଉଚ୍ଚ ବିଦ୍ୟାଳୟରେ ବିଶ୍ୱ ଓଜୋନ ଦିବସ ପାଳିତ



ବୈଶିଙ୍ଗା , ୧୬/୯ (ନି.ପ୍ର): ବୈଶିଙ୍ଗା ଥାନା ଅନ୍ତର୍ଗତ ଅଁଳା ଗ୍ରାମ ପଞ୍ଚାୟତ ଅଧୀନ ରାଇକମା ସ୍ଥିତ ରଘୁନାଥ ଉଚ୍ଚ ବିଦ୍ୟାଳୟରେ ବିଶ୍ୱ ଓଜୋନ ଦିବସ ପାଳିତ ହୋଇ ଯାଇଛି । ପ୍ରଧାନ ଶିକ୍ଷକ ଶ୍ରୀ ଅଜିତ କୁମାର ଜେନା ଙ୍କ ପୌରହିତ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ସମସ୍ତ ଶିକ୍ଷକ ଯୋଗଦେଇ ଓଜୋନ ସ୍ତରର ଉପକାରିତା ସଂପର୍କରେ ଆଲୋଚନା କରିବା ସହିତ ଏହାର ସୁରକ୍ଷା କିପରି କରାଯାଇ ପାରିବ ସେ ସମ୍ପର୍କରେ ସାର ଗର୍ଭକ ତଥ୍ୟ ଉପସ୍ଥାପନ କରିଥିଲେ। ପୂର୍ବାହ୍ନରେ ବିଦ୍ୟାଳୟ ର ଇକୋ କ୍ଲବ୍ ଛାତ୍ର ଛାତ୍ରୀ ମାନେ ଓ ଜୋ ନ ସୁରକ୍ଷା ସମ୍ପର୍କିତ ସ୍ଲୋଗାନ ଦେଇ ଏକ ରାଲିରେ ଗ୍ରାମ ପରିକ୍ରମା କରି ସଚେତନତା ସୃଷ୍ଟି କରିଥିଲେ। ଚଳିତ ବର୍ଷ ର ବିଷୟ ବସ୍ତୁ 'ଫ୍ରମ୍ ସାଇନ୍ସ ଟୁ ଗ୍ଲୋବାଲ ଆକ୍ସନ' ଉପରେ ଆୟୋଜିତ ଆଲୋଚନା ଚକ୍ର ରେ ବିଦ୍ୟାଳୟ ର ଛାତ୍ର ଛାତ୍ରୀ ମାନେ ଅଂଶ ଗ୍ରହଣ କରି ନିଜ ନିଜର ତଥ୍ୟ ଉପସ୍ଥାପନ କରିଥିଲେ। 'ଓଜୋନ ସୁରକ୍ଷା ଜୀବନ ରକ୍ଷା' ବିଷୟ ବସ୍ତୁ ଉପରେ ଆୟୋଜିତ ଏକ ଚିତ୍ରାଙ୍କନ ପ୍ରତିଯୋଗିତାର କୃତି ଛାତ୍ର ଛାତ୍ରୀ ମାନଙ୍କୁ ପୁରସ୍କୃତ କରା ଯାଇ ଥିଲା। ବରିଷ୍ଠ ଶିକ୍ଷକ ଶ୍ରୀ ନିରଞ୍ଜନ ବାରିକ୍ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।ଶେଷରେ ଦଶମ ଶ୍ରେଣୀ ଛାତ୍ର ଶ୍ରୀମାନ ସୌମ୍ୟ ରଞ୍ଜନ ରାଉତ ଧନ୍ୟବାଦ୍ ଅର୍ପଣ କରିଥିଲେ।

# କୁରୁଡା ମଠସାହି ରାସ୍ତା ପ୍ରକଳ୍ପର ଶୁଭ ଶିଳାନ୍ୟାସ



ବାଲେଶ୍ୱର, ୧୬/୯ (ନି.ପ୍ର): ମଙ୍ଗଳବାର ସକାଳ ୧୦ ଘଟିକା ସମୟରେ ଖାନନଗର ଠାରେ ଓଡିଶା ସରକାରଙ୍କ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ପ୍ରଦତ୍ତ କୁରୁଡା ମଠସାହି ରାସ୍ତା ପ୍ରକଳ୍ପର ଶୁଭ ଶିଳାନ୍ୟାସ କରାଯାଇଥିଲା । ଏହି ଶିଳାନ୍ୟାସ କାର୍ଯ୍ୟକ୍ରମରେ ବାଲେଶ୍ୱର ସାଂସଦ ଶ୍ରୀଯୁକ୍ତ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, ସରକାରୀ ଉପମୁଖ୍ୟ ସଚେତକ ତଥା ବିଧାୟକ ରେମୁଣା ଗୋବିନ୍ଦ ଚନ୍ଦ୍ର ଦାସ, ବିଧାୟକ ପ୍ରତିନିଧି ରେମୁଣା କାର୍ତ୍ତିକ ଚନ୍ଦ୍ର ଗିରି, ସାଂସଦ ପ୍ରତିନିଧି ଉମାକାନ୍ତ ପଣ୍ଡା, ମଣ୍ଡଳ ସଭାପତି ପ୍ରଫୁଲ୍ଲ ଦ୍ୱିବେଦୀ, ଖାନନଗର ସରପଞ୍ଚ ଅଞ୍ଜନ ନାୟକ, ସମିତି ସଭ୍ୟା ରଶ୍ମିରାଣୀ ଦାସ, ପଞ୍ଚାୟତ ସଭାପତି ସନ୍ୟାସୀ ମହାନ୍ତି, ପୂର୍ବତନ ସରପଞ୍ଚ ବିରୁପକ୍ଷ ମହାପାତ୍ର, ନୟବ ସରପଞ୍ଚ ବିଶ୍ୱଜିତ୍ ସେଠୀ ପ୍ରମୁଖ ଉପସ୍ଥିତ ଥିଲେ। ବହୁ ଦିନର ଲୋକଙ୍କ ଆଶା ଆଜି ପୁରାଣ ହେଲା। ଏହି ପ୍ରକଳ୍ପ କାର୍ଯ୍ୟକାରୀ ହେଲେ ଏହି ରାସ୍ତା ଉପରେ ନିର୍ଭର ଥିବା ବହୁ ଅଞ୍ଚଳର ଲୋକେ ଉପକୃତ ହେବେ। ଅନ୍ୟ ମାନଙ୍କ ମଧ୍ୟରେ ଜିତେନ୍ଦ୍ର ରାଉତ, ଅମିତ୍ ସେନାପତି, ହିରନ୍ମୟ ପରିଡ଼ା, ଲକ୍ଷ୍ମୀଧର ନାୟକ, ବିଜୟ ମିଶ୍ର, ସୁରେଶ ସ, ଜଗନ୍ନାଥ ପୁହାଣ, ଶୈଳେଶ ସ, ନାଲୁ ସିଂ, ନିରଞ୍ଜନ ଦାସ, ବିଜୟ କୁମାର ଦାସ, ରବୀନ୍ଦ୍ର ସେଠୀ ଇତ୍ୟାଦି ଉପସ୍ଥିତ ଥିଲେ।

# ଚୋରା କାଠ ଜବତ : ଥାନାରେ ଗାଡି, କାଠ ଗଲା ଫରେଷ୍ଟ ଅଫିସକୁ

ବୈଶିଙ୍ଗା , ୧୬/୯ (ନି.ପ୍ର): ରବିବାର ରାତିରେ ରହସ୍ୟ ଜନକ ଭାବେ ଏକ ମିନିଟ୍ରକ୍ ରେ ଆକାଶିଆ କାଠ ନେଇ ଯାଉଥିବା ବେଳେ ବୈଶିଙ୍ଗା -ରୁପସା ରାସ୍ତାର ମହୁରୀ ନିକଟରେ କାଠ ଗୁଡ଼ିକୁ ଢ଼ାଳି ଦେଇ ପଳାଇ ଯାଉଥିବା ବେଳେ ବୈଶିଙ୍ଗା ପୋଲିସ ଦ୍ୱାରା ଧରା ପଡ଼ିଛି । ସ୍ଥାନୀୟ ଲୋକଙ୍କ ଠାରୁ ପ୍ରକାଶ ନିଳମ୍ବିତ ରାତିରେ ଓଆର ୦୧ ଇ ୦୧୩୭ ନମ୍ବର ବିଶିଷ୍ଟ ଏହି ଏକ ମିନି ଟ୍ରକ୍ ରେ ୮୦ ଖଣ୍ଡ ଆକାଶିଆ କାଠ ଗଣ୍ଡି ନେଇ ଯାଉଥିବା ବେଳେ ବୈଶିଙ୍ଗା ପୋଲିସ ପିଛା କରୁଥିବା ଜାଣି ଟ୍ରକ୍ ର ଡ୍ରାଇଭର କାଠ ଗଣ୍ଡି ଗୁଡିକୁ ଢାଳି ଦେଇ ପଳାଇବାକୁ ଉଦ୍ୟତ ହେଉଥିବା ବେଳେ



ପୋଲିସ ଟ୍ରକ କୁ ଅଟକାଇ ଥାନା କୁ ନେଇ ଆସିଥିଲା । ଡ୍ରାଇଭର ଫେରାର ହୋଇ ଯାଇଥିବା ବେଳେ କାଠ ଗଣ୍ଡି କୁ ପୋଲିସ ଜଗି ରହିଥିଲା । ପରେ ବେତନଟୀ ବନ ବିଭାଗକୁ ଖବର ଦିଆଯାଇଥିଲା । ଖବର ପାଇ ରେଞ୍ଜର ମନୱର ଖାଁଙ୍କ ନିର୍ଦ୍ଦେଶରେ ବୈଶିଙ୍ଗା ବନ କର୍ମଚାରୀ କାଠ ଗଣ୍ଡି ଗୁଡିକୁ ଜବତ କରି ବନ କାର୍ଯ୍ୟାଳୟ ରେ ଆଣି ରଖିଛନ୍ତି ।ଏହି ମିନି ଟ୍ରକ ଟି ବାଲେଶ୍ୱର ଆର.ଟି.ଓ.କାର୍ଯ୍ୟାଳୟ ରେ ପଞ୍ଜିକୃତ ହୋଇଥିବା ବେଳେ ସଞ୍ଜୟ କୁମାର ସାହୁ ଙ୍କ ନାମରେ ଥିବା ଜଣାଯାଇଛି ।ରେଞ୍ଜର ଙ୍କୁ ଯୋଗାଯୋଗ କରାଯିବାରେ ଏହି କାଠ ଗୁଡିକ ଜମି ମାଲିକ ଙ୍କ ଠାରୁ ଆସିଥିବା କାଠ ମାଲିକ କହିଛନ୍ତି ବୋଲି ପ୍ରକାଶ କରିଥିଲେ। ତେବେ ତଦନ୍ତ ଜାରି ରହିଛି ବୋଲି କହିଥିଲେ ।

# ଡାକ୍ତର ଚିତ୍ତରଞ୍ଜନ ସାହୁ ଦିଲ୍ଲୀ ଆୟୁଷ କଲେଜ ଦ୍ୱାରା ଓଡ଼ିଶାର ସର୍ବଶ୍ରେଷ୍ଠ ପ୍ରାକୃତିକ ଚିକିତ୍ସା ସମ୍ମାନ

ବାଲେଶ୍ୱର, ୧୬/୯ (ନି.ପ୍ର): ବାଲେଶ୍ୱର ଓ ହେଲଦି ଲାଇଫ ଯୋଗ ମହାବିଦ୍ୟାଳୟ ଇନଷ୍ଟିଚ୍ୟୁଟ ଅଫ୍ ନେଚର କିଓର ଏଣ୍ଡ ଯୋଗିକ ସାଇନ୍ସର ମୁଖ୍ୟ ନିର୍ଦ୍ଦେଶକ ଡାକ୍ତର ଚିତ୍ତରଞ୍ଜନ ସାହୁ ନିକଟରେ ସେପଟ୍ମେର ୭ ତାରିଖ ଆୟୁଷ କଲେଜ ହସ୍ପିଟାଲ ଏବଂ ଗବେଷଣା କେନ୍ଦ୍ର ନୂଆ ଦିଲ୍ଲୀ ପକ୍ଷରୁ ପ୍ରାକୃତିକ ଚିକିତ୍ସା ଉପରେ ନେଚୋରପାଥି ଏକସେଲେଣ୍ଡ ଆୱାର୍ଡ଼ ପ୍ରାପ୍ତ କରିଛନ୍ତି। ଦୀର୍ଘ ୩୫ ବର୍ଷ କାଳ ପ୍ରାକୃତିକ ଚିକିତ୍ସା ଉପରେ ଗବେଷଣା, ଚିକିତ୍ସା ଓଡ଼ିଶା ତଥା ଓଡ଼ିଶା ବାହାରେ ପୁଣେ ନେସନାଲ ଇନଷ୍ଟିଚ୍ୟୁଟ ଅଫ ନେଚରପାଥି ଭାରତ ସରକାରଙ୍କ ଦ୍ୱାରା ଡାଇବେଟିସ , ଉଚ୍ଚ ରକ୍ତଚାପ,



କିଡନୀ ଫେଲୟର , ମାନସିକ ରୋଗ ଉପରେ ନେଚୋରପାଥି ଚିକିତ୍ସା ର ସୁଫଳ ଗବେଷଣା କରି ଓଡ଼ିଶାରୁ ସର୍ବସେଷ୍ଠ ନେଚରପାଥି ଆୱାର୍ଡ଼ ପ୍ରାପ୍ତ କରିଛନ୍ତି। ଇଣ୍ଟର ନେସନାଲ ନେଚରପାଥି ଅର୍ଗାନାଇଜେସନ ର ମୁଖ୍ୟ ଡାକ୍ତର ଅନନ୍ତ ବିରାଦିର ଦ୍ୱାରା ପ୍ରାପ୍ତ କରିଥିଲେ ଯାହା ଦ୍ୱାରା ଅନୁଷ୍ଠାନ ର ଛାତ୍ର ଛାତ୍ରୀ ଓ କର୍ମ କର୍ତ୍ତା ଙ୍କ ମନ ରେ ଲହରୀ ଆଣି ଦେଇଛି। ଏଥି ପାଇଁ ଡାକ୍ତର ସାହୁ ଙ୍କୁ ବିଭିନ୍ନ ସହରରୁ ଶୁଭେଚ୍ଛା ବାର୍ତ୍ତା ର ସୁଅ ଛୁଟିଛି।

## ବଦଳିଲେ ବେଦାନ୍ତ କଳିଙ୍ଗ ଲାନର୍ସର କୋଚ

ଭୁବନେଶ୍ୱର, ୧୬/୯ (ନି.ପ୍ର): ଆଗାମୀ ହକି ଇଣ୍ଡିଆ ଲିଗ ସିଜିନ ପୂର୍ବରୁ ବଦଳିଲେ ବେଦାନ୍ତ କଳିଙ୍ଗ ଲାନର୍ସର କୋଚ । ଆଗାମୀ ସିଜିନରେ ଅଷ୍ଟ୍ରେଲିଆର ପୂର୍ବତନ ହକି ଲିଜେଣ୍ଡ ଜୟ ଷ୍ଟାସି କୋଚ ଦାୟିତ୍ୱ ତୁଲାଇବେ ବୋଲି କଳିଙ୍ଗ ଲାନର୍ସ ପକ୍ଷରୁ କୁହାଯାଇଛି । ତାଙ୍କର ୧୫ ବର୍ଷ କୋଚିଂ ଅଭିଜ୍ଞତା ଦଳକୁ ବେଶ ସହାୟକ ହେବ ବୋଲି ଫ୍ରାଞ୍ଚାଇଜ କର୍ତୃପକ୍ଷ କହିଛନ୍ତି ।

# ସାମାଜିକ ଗଣମାଧ୍ୟମରେ ଭାଇରାଲ ହେଉଛି ସଙ୍ଗୀତ ମାଧ୍ୟମରେ ଏନଏସି ଦାବି

ଖଇରା, ୧୬/୯ (ନି.ପ୍ର): ବାଲେଶ୍ୱର ଜିଲାର ଖଇରାକୁ ଏନଏସି ଦାବି ନେଇ ବିଭିନ୍ନ ସଙ୍ଗଠନର ସମର୍ଥନରେ ବ୍ଲକ ଗେଟ ସମ୍ମୁଖରେ ଗଣଧାରଣା ରେ ବସିଥିବା ଖଇରା ସ୍ୱାଭିମାନ ମଞ୍ଚ ମଙ୍ଗଳବାର ଥିଲା ଦ୍ୱିତୀୟ ଦିବସ । ମଙ୍ଗଳବାର ଭିନ୍ନ ଢଙ୍ଗର ଦାବୀ ଶୈଳି ଦୃଶ୍ୟ ଏବେ ସାମାଜିକ ଗଣମାଧ୍ୟମରେ ଘୁରିବୁଲୁଛି । କିଶୋର ରାଉତ ଙ୍କ ସଙ୍ଗୀତ ସଂଯୋଜନା ରେ ପ୍ରସ୍ତୁତ "ଖଇରା ଏନଏସି ହେବ ରେ ଭାଇ ଖଇରା



ଏନଏସି ହେବ । ଏନଏସି ଘୋଷଣା ନହେବା ଯାଏ ଆନ୍ଦୋଳନ ଚାଲୁଥିବ । ଖଇରା ମାଟି ଜିନ୍ଦାବାଦ,ବିପ୍ଳବ ମାଟି ଜିନ୍ଦାବାଦ" ଗୀତ ମାଧ୍ୟମରେ ଖଇରାବାସୀ ଏକ ହୋଇ ଦାବୀପୁରଣ ପାଇଁ ଆହ୍ୱାନ ଦେବା ଦୃଶ୍ୟ ଦେଖିବାକୁ ମିଳିଛି । ଏହିଭଳି ଭାବେ ହାରମୋନିୟମ ଓ ତବଲା ସାଙ୍ଗକୁ ଗୀତର ତାଳେ ତାଳେ ସ୍ଲୋଗାନ ଆନ୍ଦୋଳନକାରୀଙ୍କୁ ଆଗକୁ ବଢିବାକୁ ପ୍ରେରଣା ଦେଇଛି । ଏହି ଗୀତ ସାମଜିକ ଗଣ ମାଧ୍ୟମରେ ପ୍ରବଳ ମାତ୍ରାରେ ଭାଇରାଲ ହେଉଥିବା ବେଳେ ସରକାରୀ କଳ ଉପରେ ଚାପ ସୃଷ୍ଟି କରିବ ବୋଲି ଆଲୋଚନା ହେଉଛି । ଦିତୀୟ ଦିନ ମଧ୍ୟ ପ୍ରାକ୍ତନ ବିଧାୟକ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ ଆନ୍ଦୋଳନରେ ସାମିଲ ମଞ୍ଚ ସଦସ୍ୟଙ୍କୁ ଉତ୍ସାହିତ କରିଥିଲେ ।

# ଜଳେଶ୍ୱର ଅବକାରୀକୁ ବଡ ସଫଳତା : ସାଢ଼େ ୩୨ ଲକ୍ଷ ଟଙ୍କାର ବ୍ରାଉନ ସୁଗାର୍ ଜବତ, ୨ ଗିରଫ

ଜଳେଶ୍ୱର, ୧୬/୯ (ନି.ପ୍ର): ଜଳେଶ୍ୱର ଅବକାରୀ କୁ ପୁଣି ଏକ ବଡ଼ ଧରଣର ସଫଳତା ମିଳିଛି। ଜଳେଶ୍ୱର ଅବକାରୀ ବହୁତ ଦିନର ବ୍ୟବଧାନ ପରେ କମାରସିଆଲ୍ ଆମାଉଣ୍ଟ ର ବ୍ରାଉନସୁଗର ଜବତ୍ କରି ୨ ଜଣକୁ ଗିରଫ କରିଛି। ଜଳେଶ୍ୱର ଅବକାରୀ ବିଭାଗ କୌଣସି ଏକ ସୂତ୍ରରୁ ଖବର ପାଇ ମଙ୍ଗଳବାର ସକାଳ ସମୟ ରେ ଦୁଇଟି ଟିମ ଗଠନ କରି ୬୦ ନମ୍ବର ରାଜପଥ ଚାଳନ୍ତି ଠାରେ ଡଏବଂ ଆମ୍ବଳିଅଠା ବୁଲେଟ ମୋଟର ସାଇକଲ ଶୋରୁମ୍ ପାଖରୁ ଡିଲ ସମୟରେ ମାଡି ବସିଥିଲେ। ଚାଳନ୍ତି ରାଜପଥ ପାଖରୁ ଗ୍ରାମ ୨୧୫ ଗ୍ରାମ ଏବଂ ଆମ୍ବଳିଅଠା ପାଖରୁ ୧୧୦



ଗ୍ରାମ ଜବତ କରିଛି। ମୋଟ୍ ୩୨୫ ଗ୍ରାମ ର ବ୍ରାଉନ ଶୁଗାର ଜବତ। ଯାହାର ଆନୁମାନିକ ମୂଲ୍ୟ ସାଢ଼େ ୩୨ ଲକ୍ଷ୍ୟ ଟଙ୍କା ହେବ। ଗିରଫ ଯୁବକ ଙ୍କ ଘର ରାସଗୋବିନ୍ଦପୁର ଥାନା ଏବଂ ଜଳେଶ୍ୱର ଥାନା ରାଜପୁର ଅଞ୍ଚଳ ର। ଏ ନେଇ ଜଳେଶ୍ୱର ରେଞ୍ଜ ଅଫିସ ରେ ୫୭/ ୨୫-୨୬ ମାମଲା ଏବଂ ଜଳେଶ୍ୱର ଅବକାରୀ ଅଫିସ୍ ରେ ୧୪୭/ ୨୫-୨୬ ମାମଲା ରୁଜୁ ହୋଇଛି। ଏହି ସମୟ ରେ ଆଇଆଇସି ହରିହର ସିଂ,ସାଟେଲାଇଟ ଅଧିକାରୀ ଲକ୍ଷେ ସାଧବ ପ୍ରଧାନ, ଓଆଇସି ଚନ୍ଦନ ନାୟକ, ଜୟ ପ୍ରକାଶ ବେହୁରିଆ, ସଞ୍ଜୀବ ମୁଣ୍ଡା, ବାସୁଦେବ କାମିଲା, ଅନିଲ ପଣ୍ଡା, ମଧୁସ୍ମିତା ମହାନ୍ତ ଉପସ୍ଥିତ ଥିଲେ।

# ବାଲେଶ୍ୱର ଇଂଜିନିୟର ଫୋରମ୍ ତରଫରୁ ଜାତୀୟ ଇଞ୍ଜିନିୟର ଦିବସ ପାଳିତ

ବାଲେଶ୍ୱର, ୧୬/୯ (ନି.ପ୍ର): ବାଲେଶ୍ୱର ଇଞ୍ଜିନିୟର ଫୋରମ୍ ଆନୁକୁଲ୍ୟରେ ସ୍ଥାନୀୟ ଭେନ୍ୟୁ ପାରାଡାଇଜ ମଣ୍ଡପରେ ନିର୍ମାଣର ମହାନାୟକ ଓ ଭାରତର ପ୍ରଥମ ନିର୍ମାଣ ଯନ୍ତ୍ରୀ ଭାରତରନ୍ ଇଂ. ସା଼. ଡ. ମୋକ୍ଷଗୁଣ୍ଡମ୍ ବିଶ୍ୱେଶ୍ୱରାୟର ୧୬୪ ତମ ଜନ୍ମଦିବସ ଅବସରରେ ୫୮ ତମ ଜାତୀୟ ଇଞ୍ଜିନିୟର ଦିବସ ତଥା ଫୋରମର ୨୩ ତମ ବାର୍ଷିକ ଉତ୍ସବ ସଭାପତି ଇଂ ସୁଗମ ବୋଷଙ୍କର ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଅଛି। ମୁଖ୍ୟ ଅତିଥି ଭାବରେ ଟାଟା ମୋଟରର ପ୍ରାକ୍ତନ ସାଧାରଣ ପରିଚାଳକ ଓ ଜଣେ ବିଶିଷ୍ଟ ବୈଷୟିକ ପରାମର୍ଶଦାତା ଇଂ. ଅମିୟ ସିଂହ ଯୋଗ ଦେଇଥିଲେ ଓ ଦେଶ ଗଠନରେ ଇଞ୍ଜିନିୟର ମାନଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ବିଷୟରେ ଆଲୋଚନା କରିଥିଲେ। ସମ୍ମାନିତ ଅତିଥି ଭାବେ ଓଡ଼ିଶାର ପ୍ରାକ୍ତନ ସର୍ବୋଚ୍ଚ ଯନ୍ତ୍ରୀ (ନିର୍ମାଣ) ଇଂ. ଅଚ୍ୟୁତାନନ୍ଦ ଦାସ, ଟାଟା ପାୱାର ବିଦ୍ୟୁତ ବଣ୍ଟନର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଇଂ. ଗଜାନନ କାଲେ ଓ ଏହାର ବାଣିଜ୍ୟିକ ମୁଖ୍ୟ ଇଂ. ଜଗଦୀପ



ରାୟ ଯୋଗଦାନ ପୂର୍ବକ ଇଞ୍ଜିନିୟର ମାନଙ୍କ ଦେଶ ଗଠନରେ ଭୂମିକା, କର୍ତ୍ତବ୍ୟ, ସାମାଜିକ ପ୍ରତିବଦ୍ଧତା ଓ ଉନ୍ନୟନମୂଳକ କାର୍ଯ୍ୟ ସଠିକ୍ ପରିଚାଳନା ଓ ସମ୍ପାଦନାରେ ବିଭିନ୍ନ ପ୍ରକାରର ସମସ୍ୟା ବିଷୟରେ ଆଲୋକପାତ କରିଥିଲେ ଓ ଏଥିପାଇଁ ପ୍ରଚଳିତ ବ୍ୟବସ୍ଥାର ଏକ ଆମୂଳଚୂଳ ପରିବର୍ତ୍ତନର ଆବଶ୍ୟକତା ଜରୁରୀ ବୋଲି ମତବ୍ୟକ୍ତ କରିଥିଲେ। ଏହି ଅବସରରେ ଫୋରମର ବାର୍ଷିକ ବିବରଣୀ ଉପସ୍ଥାପନ କରିଥିଲେ ସମ୍ପାଦକ ଇଂ. ଡ. ହୃଷୀକେଶ ସାହୁ। ଫୋରମର ବାର୍ଷିକ ମୁଖପତ୍ର ମୁଖ୍ୟ ଅତିଥି ଉନ୍ମୋଚନ କରିଥିଲେ। ? ମଞ୍ଚ ଆହ୍ୱାନ ଯୁଗ୍ମ ସମ୍ପାଦକ ଇଂ. ସୁକୁମାର ନାୟକ କରିଥିଲେ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ ଉପସଭାପତି ଇଂ. ଅନନ୍ତ ନାରାୟଣ ବିଶୋଇ । 'ବିଶିଷ୍ଟ ଯନ୍ତ୍ରୀ ସେବା ସମ୍ମାନ-୨୦୨୫' ପ୍ରଦାନରେ ବରିଷ୍ଠ ଇଞ୍ଜିନିୟର ଇଂ. ପଞ୍ଚାନନ ବାରିକ ଓ ଇଂ. ବିଶ୍ୱନାଥ ସାହୁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଇଞ୍ଜିନିୟର ବିଶ୍ୱେଶ୍ୱରାୟଙ୍କ ଜୀବନୀ ବିଷୟରେ ଆଲୋକପାତ କରିଥିଲେ ଫୋରମର ସହ ସମ୍ପାଦକ ଇଂ. ଶ୍ୟାମ ସୁନ୍ଦର ମିଶ୍ର। ୨୦୨୪-୨୫ ଶିକ୍ଷା ବର୍ଷରେ ଇଞ୍ଜିନିୟରିଂ ପାଠ୍ୟକ୍ରମରେ ସର୍ବୋଚ୍ଚ ନମ୍ବର ରଖିଥିବା ଦୁଇ ଜଣ ଡିପ୍ଲୋମା ଇଞ୍ଜିନିୟର ଗୌରଗୋପାଳ ଦାସ ଓ ରାକେଶ କୁମାର ମଣ୍ଡଳଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ସେହିଭଳି ସର୍ବାଧିକ ନମ୍ବର ପାଇଁ ଡିଗ୍ରୀ ଇଞ୍ଜିନିୟର ପେରି ସତଭିକା ଓ ମନମିତା ପାଣିଗ୍ରାହୀଙ୍କୁ 'ଗାର୍ଗୀ ବୋଷ ସ୍ମୃତି ପୁରସ୍କାର' ରେ ସମ୍ମାନିତ କରାଯାଇଥିଲା। ସେହିଭଳି ପ୍ରଦର୍ଶିତ ସର୍ବୋତ୍କୃଷ୍ଟ ମଡେଲ ପାଇଁ ବାଲେଶ୍ୱର ସରକାରୀ ପଲିଟେକନିକ୍ ଓ ଶ୍ରୀନିକ୍ସ ଇଞ୍ଜିନିୟରିଂ କଲେଜକୁ ପୁରସ୍କାର ପ୍ରଦାନ କରାଯାଇଥିଲା। ସେହିଭଳି ବୈଷୟିକ ବାଗ୍ମିତା ପ୍ରତିଯୋଗିତାରେ ବାଲେଶ୍ୱର ସରକାରୀ ପଲିଟେକନିକର ଛାତ୍ରୀ ନର୍ମଦା ଯତି ଓ ବାଲେଶ୍ୱର କଲେଜ ଅଫ୍ ଇଞ୍ଜିନିୟରିଂ ଟେକ୍ନୋଲୋଜି, ସେରଗଡର ଛାତ୍ର ଶ୍ୟାମସୁନ୍ଦର ମିଶ୍ରଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ସୁଦୂର ବଲାଙ୍ଗୀରରୁ ଆସି ଇଞ୍ଜିନିୟର ଦିବସରେ ସହଯୋଗ କରିଥିବା ଜଳସେଚନ ବିଭାଗର ପ୍ରାକ୍ତନ ଅଧିକ୍ଷଣ ଯନ୍ତ୍ରୀ ଇଂ. ହିରାଲାଲ ପାଣିଗ୍ରାହୀଙ୍କୁ ମଧ୍ୟ ସମ୍ମାନିତ କରାଯାଇଥିଲା। ପୂର୍ବାହ୍ନରେ ଅନୁଷ୍ଠିତ ରକ୍ତଦାନ ଶିବିରକୁ ବାଲେଶ୍ୱରରେ ଅବସ୍ଥାପିତ ପୂର୍ତ୍ତ ବିଭାଗର ମୁଖ୍ୟ ନିର୍ମାଣ ଯନ୍ତ୍ରୀ ଇଂ. ମାନସ ରଂଜନ ସେଠୀ ଉଦଘାଟନ କରିଥିଲେ ଓ ଏହି ଶିବିରରୁ ୧୦୩ ଇଉନିଟ ରକ୍ତ ସଂଗ୍ରହ ହୋଇଥିଲା। ଏଥିପାଇଁ ସର୍ବାଧିକ ଛାତ୍ର ଛାତ୍ରୀ ଶ୍ରୀନିକ୍ସ ଇଞ୍ଜିନିୟରିଂ କଲେଜରୁ ଭାଗ ନେଇଥିବାରୁ ସେହି କଲେଜକୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଶେଷରେ ଅନ୍ୟତମ ଉପସଭାପତି ଇଂ ଶଶାଙ୍କ ଶେଖର ଦେ ଧନ୍ୟବାଦ ଅର୍ପଣ କରିଥିଲେ।ଏ ସମସ୍ତ କାର୍ଯ୍ୟ ସଠିକ୍ ପରିଚାଳନା ରେ ଇଂ ଶ୍ରୀନିବାସ ଦେ, ଇଂ ସନ୍ତୋଷ କୁମାର ଦାସ, ଇଂ ନର ନାରାୟଣ ପାଣିଗ୍ରାହୀ, ଇଂ ବିଜୟ କୁମାର ଦାସ, ଇଂ ସ୍ୱପନ କୁମାର ପ୍ରଧାନ, ଇଂ ରାଧା ରଂଜନ ଦାସ, ଇଂ ସୁଦର୍ଶନ ଘଡାଇ, ଇଂ ମାନସ ରଂଜନ ସାହୁ, ଇଂ ସଂଜୀବ କୁମାର ସେନାପତି, ଇଂ ମାନସ କୁମାର ଦାସ, ଇଂ ରାଜେଶ ପତି, ଇଂ ପୁରୁଷୋତ୍ତମ କରଣ, ଇଂ ମହେଶ କୁମାର ପରିଡ଼ା, ଇଂ ଚିତ୍ତରଞ୍ଜନ ପାତ୍ର। ପ୍ରାରମ୍ଭରେ ଫୋରମର ସଦସ୍ୟ ତଥା ଶୁଭେଚ୍ଛୁ ଇଂ ସଂଜୟ କୁମାର ପଣ୍ଡା, ଇଂ ଗୋପୀନାଥ ରଣା, ଇଂ ହୃଦାନନ୍ଦ ମହାପାତ୍ର, ଇଂ ସୁଧାକୃଷ୍ଣ ଗନ୍ତାୟତ, ଇଂ ଲଛମନ ବେହେରା, ଇଂ ହୃଦାନନ୍ଦ ମହାନ୍ତି ଙ୍କର ବିୟୋଗ ପାଇଁ ଶୋକ ପ୍ରକଟ କରାଯାଇଥିଲା।

# ଇନ୍ଦିରାଗାନ୍ଧୀ ମହିଳା ମହାବିଦ୍ୟାଳୟରେ ସ୍ୱାଗତ ଉତ୍ସବ

ଉଦଳା , ୧୬/୯ (ନି.ପ୍ର): ଉଦଳାସ୍ଥିତ ଇନ୍ଦିରାଗାନ୍ଧୀ ମହିଳା ମହାବିଦ୍ୟାଳୟର ଓଡ଼ିଆ ଭାଷା ସାହିତ୍ୟ ବିଭାଗ ତରଫରୁ ନବାଗତ ଛାତ୍ରୀ ମାନଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି । ଏହି ଅବସରରେ ଆୟୋଜିତ ଉତ୍ସବରେ ପୁରାତନ ଛାତ୍ରୀ ମାନେ ନବାଗତ ଭଉଣୀ ମାନଙ୍କୁ ଶଙ୍ଖ ବଜାଇ, ହୁଳହୁଳି ଦେଇ, ମସ୍ତକରେ ଚନ୍ଦନ ତିଳକ ପିନ୍ଧାଇ, ପୁଷ୍ପଗୁଚ୍ଛ ଅର୍ପଣ ପୂର୍ବକ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରିଥିଲେ । ଏହାପରେ ଆୟୋଜିତ ସାଧାରଣ ସଭାରେ ମହାବିଦ୍ୟାଳୟର ଅଧକ୍ଷ ଶଶିଭୂଷଣ ପାଣିଗ୍ରାହୀ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଉଦ୍‌ଘାଟନ କରି ଓଡ଼ିଆ ଭାଷା ସାହିତ୍ୟର ସ୍ୱତନ୍ତ୍ରତା କିପରି ବାରି ହୋଇ ପଡ଼େ ବିଭିନ୍ନ ଉଦାହରଣ ମାନ ଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ । ଅଧାପିକା ଲକ୍ଷ୍ମୀପ୍ରୀୟା ସିଂ ମଂଚ ପରିଚାଳନା ଦାୟିତ୍ୱ ତୁଲାଇବା ସହ ଭାଷା ଭିତିକ ରାଜ୍ୟ ଗଠନରେ ଭାରତ ବର୍ଷରେ ଓଡ଼ିଶା ପ୍ରଥମ ରାଜ୍ୟ ଅଟେ, ଏଥିପାଇଁ ଆମେ ଗର୍ବ ଅନୁଭବ କରୁ ବୋଲି ବ୍ୟକ୍ତ କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ଅଧାପିକା ମଂଜୁଳା କଲିଆ ଓ ଅଧାପକ ରାଜକିଶୋର ବେହେରା, ଗଙ୍ଗା ଠାରୁ ଗୋଦାବରି ପର୍ଯ୍ୟନ୍ତ ଓଡ଼ିଶାର ଭୂଖଣ୍ଡ ଅତିତରେ ପରିବ୍ୟାପ୍ତ ଥିବା ବେଳେ ଜଗନ୍ନାଥ ଦାସଙ୍କ ଲିଖିତ ଭାଗବତ ଓଡ଼ିଶାର ଜନଜୀବନକୁ ବହୁଳ ଭାବରେ ପ୍ରଭାବିତ କରିଥିଲା ବୋଲି ଭାଷଣ ମାଧ୍ୟମରେ କହିଥିଲେ । ଏହାପରେ ନବାଗତ ଚାତ୍ରୀ ମାନେ ଜଣ ଜଣ କରି ନିଜ ନିଜର ପରିଚୟ ପ୍ରଦାନ କରିଥିଲେ । ଅଧାପିକା ଶାନ୍ତିଲତା ହାଁସଦା କାର୍ଯ୍ୟକ୍ରମର ଶେଷ ସ୍ୱର୍ଶ ପ୍ରଦାନ କରିବା ସହ ସ୍ୱାଗତ ଉତ୍ସବର ଯବନିକା ପକାଇଥିଲେ ।

# ନଦୀମଝିରୁ ୫ଟି ଚୋରାବାଲି ଡଙ୍ଗା ଜବଦ କଲା ଖଣିବିଭାଗ

ନୀଳଗିରି , ୧୬/୯ (ନି.ପ୍ର): ନଦୀପାଣିରେ ପହଁରି ଚୋରାବାଲି ଉତ୍ତୋଳନକାରି ଭେଳା(ଡଙ୍ଗା) କୁ ଜବତ କରିଛି ମାଇନିଙ୍ଗର ବିଭାଗର କର୍ମଚାରୀଙ୍କ ସମେତ ଦୁଇପୋଲିସ କର୍ମଚାରୀ। ସୂଚନା ଅନୁଯାୟୀ ବାଲେଶ୍ୱର ଖଣିବିଭାଗର ଜୁନିଅର ଅଧିକାରୀ ଜୀତେନ୍ଦ୍ର ଦାସ ଏବଂ ଦୁଇଜଣ ପୋଲିସ କର୍ମଚାରୀ ଆଜି ନୀଳଗିରି ବ୍ଲକ ସିଙ୍ଗିରୀଘାଟ ସୋନନଦୀ ମଝିରେ ଡଙ୍ଗା ସଦୃଶ ଭେଳାରେ ଚୋରାରେ ବାଲି ଉତ୍ତୋଳନ ହେଉଥିବା ଖବରପାଇ ଡ୍ରେସ ଚେଞ୍ଜକରି ହାପପ୍ୟାଣ୍ଟ ପିନ୍ଧି ପହଁରି ପହଁରି ଯାଇ ୫ଟି ଭେଳାକୁ ଜବତକରି କରିଥିବା ଜଣାଯାଇଛି। ଟ୍ରାକ୍ଟର ସାହାଯ୍ୟରେ ଉକ୍ତ ଉତ୍ତୋଳନ ବାଲିକୁ ଚୋରାରେ ଉଚ୍ଚାଦରରେ ବିକ୍ରି କରୁଥିବା ସୂଚନା ମିଳିଛି। ତେବେ ଚଢ଼ାଉବେଳେ ଖଣିଅଧିକାରୀ ଏବଂ ପୋଲିସ କର୍ମଚାରୀଙ୍କୁ ସଶସ୍ତ୍ର ବନ୍ଧୁକଧାରି ପୋଲିସ ମୁତୟନ କରାଯାଇ ସୁରକ୍ଷାପ୍ରଦାନ କରାଯାଇଥିବା ଦେଖାଯାଇଥିଲା। ପୋଲିସ ଏବଂ ଖଣିବିଭାଗର ମିଳିତ ଚଢ଼ାଉପରେ ବାଲିମାଫିଆଙ୍କ ମଧ୍ୟରେ ଛନକା ପଶିଥିବା ସ୍ଥାନୀୟବାସିନ୍ଦାଙ୍କ ସୂତ୍ରରୁ ପ୍ରକାଶ।

❒ ସଂପାଦିକା : ସୈରିନ୍ଧ୍ରୀ ସାହୁ
❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Editor: Sairindhree Sahoo
❒ Managing & Executive Editor : Srustidhar Parida